

ବୈଭବଙ୍କ ବୟସ ବିବାଦ
ସଞ୍ଜୀବ ସୂର୍ଯ୍ୟବଂଶୀ ଦେଲେ ବଡ଼ ବୟାନ
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 243 | ଭାଗ ୩୨ | ସଂଖ୍ୟା ୨୪୩ | Bhubaneswar | Wednesday 27 November 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୨୭ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ମୁଖ୍ୟମନ୍ତ୍ରୀଙ୍କ ପଛରେ ପଡ଼ିଛି ବିଜେଡି ସୋସିଆଲ୍ ମିଡିଆ

- ପୁଲିସ ସାଜିଛି ମୂକ ଦର୍ଶକ
- ବିଜେପିରେ ଫାଟ ସୃଷ୍ଟି ଉଦ୍ୟମ



**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ପଛରେ ପଡ଼ିଛି ବିଜେଡିର ସୋସିଆଲ ମିଡିଆ ଟିମ୍। ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ କଥା ବାହାରିଲେ ତାହାକୁ ବ୍ୟଙ୍ଗକରି ନିଆଁଭଳି ଭାଇରାଲ କରୁଛନ୍ତି। ସ୍ଥାନ କାଳ ପାତ୍ର କିଛି ମାନୁ ନାହାନ୍ତି। ପୂରା ଟ୍ରୋଲ ଟିମ୍ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କ ପଛରେ ଲାଗି ଯାଇଛନ୍ତି। ଲଗାତାର ଭାବେ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିବାପରେ ବିଜେଡିର ଏହି ଛଦ୍ମବେଶୀ ସୋସିଆଲ ମିଡିଆ ଟିମ୍ ଏବେ ମୋହନ-ଧର୍ମେନ୍ଦ୍ରଙ୍କ ମଧ୍ୟରେ ଫାଟ ସୃଷ୍ଟି ପାଇଁ ଲାଗି ପଡ଼ିଛନ୍ତି। ଖୁବ୍‌ଶୀଘ୍ର ମୋହନ ବିଦା ହେବେ ଓ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ହେବେ ବୋଲି କପୋଳକଳ୍ପିତ ଖବରମାନ ଛାଡୁଛନ୍ତି। ଏଭଳି କରି ସେମାନେ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରୁନାହାନ୍ତି, ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ମଧ୍ୟ ସମାଲୋଚନା କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ କେତେକ ଶବ୍ଦକୁ ନେଇ ଟ୍ରୋଲ ମେସିନ ଚଳାଉଥିବା ବିଜେଡିର ସୋସିଆଲ ମିଡିଆ ବାବୁମାନେ ଭୁଲିଯାଉଛନ୍ତି ଛଅ ମାସ ତଳେ ସେମାନଙ୍କ ମାଲିକ ଚଣ୍ଡିଖୋଲ, ବାରିପଦା ଭଳି ସ୍ଥାନକୁ କ'ଣ ସବୁ ଆବୃତ୍ତି କରୁଥିଲେ। ସେତେବେଳେ କିନ୍ତୁ ମୁଖ୍ୟମନ୍ତ୍ରୀ ପଦବୀକୁ ସମ୍ମାନ ଜଣାଇ ବର୍ତ୍ତମାନ ଭଳି କେହି ଟ୍ରୋଲ କରୁ ନ ଥିଲେ। ହେଲେ କ୍ଷମତାରୁ ଯିବାପରେ ପାଗଳ ପ୍ରାୟ ହୋଇଯାଇଥିବା ବିଜେଡିର କିଛି ନେତା ଏବେ ସୋସିଆଲ ମିଡିଆ ଟିମ୍‌କୁ ପୂରା ବିଜେପି ଓ ସରକାର ବିରୋଧରେ ଲଗାଇ ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ, ସରକାର ଓ କେନ୍ଦ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ଏଭଳି ଅପମାନଜନକ ଭିଡିଓ ➪ପୃଷ୍ଠା-୬

## ବିଜେଡି ପିଠିରେ କଂଗ୍ରେସ ଲାଉ



**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** ଶୀତ ଅଧିବେଶନ ଆରମ୍ଭରୁ ମୁଖ୍ୟ ବିରୋଧୀଦଳ ବିଜେଡି ପିଠିରେ କଂଗ୍ରେସ ଲାଉ ହୋଇଛି। ବିଜେଡି ଉଠାଇଥିବା ପ୍ରସଙ୍ଗରେ ସ୍ୱର ମିଳାଇଛନ୍ତି କଂଗ୍ରେସ ନେତାମାନେ। ବାଚସ୍ପତିଙ୍କ ପୋଡିୟମ ତଳେ ଦୁଇ ଦଳ କାନ୍ଧକୁ କାନ୍ଧ ମିଶାଇ ନାରାବାଜି କରିଛନ୍ତି। ଦୁଇ ଦଳର ଏଭଳି ଭାଇ ଭାଇ ସମ୍ପର୍କ ଦେଖିଲା ପରେ କଂଗ୍ରେସ ବାଧ୍ୟ ବାଧ୍ୟକତାରେ ବିଜେଡି ପିଠିରେ ଲାଉ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ରାଜ୍ୟ କଂଗ୍ରେସ ଗତ କିଛିଦିନ ହେଲା ମୁରବିବିହୀନ ହୋଇପଡିଛି । ଶତ ଚେଷ୍ଟା ସତ୍ତ୍ୱେ ଦଳର ରାଜ୍ୟ ମୁଖ୍ୟ ନିଯୁକ୍ତ ହୋଇପାରୁ ନାହାନ୍ତି। ଓଡିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଥିବା ଅଜୟ କୁମାର ଝାଡଖଣ୍ଡ ନିର୍ବାଚନରେ ହାରିବା ପରେ ଆଉ ଓଡିଶା ଆସିବେ ନାହିଁ ସନ୍ଦେହ। ତେଣୁ ଏଭଳି ସ୍ଥିତିରେ ରାଜ୍ୟ କଂଗ୍ରେସ ଅତ୍ୟନ୍ତ ଦିଗହରା ହୋଇପଡିଥିବାବେଳେ ବିଧାନସଭାରେ ବିଜେଡିକୁ ➪ପୃଷ୍ଠା-୬

# ୧୨,୧୫୬ କୋଟିର ଅତିରିକ୍ତ ବଜେଟ୍



- ପ୍ରବାସୀ ଭାରତୀୟ ଦିବସ ପାଇଁ ୧୨୫ କୋଟି
- ଥାନା ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି
- ଶ୍ରୀମନ୍ଦିର ପରିକ୍ରମାର ବିକାଶ ପାଇଁ ୨୬ କୋଟି
- ଅଗ୍ନିଶମ ସେବା ଆଧୁନିକୀକରଣ ପାଇଁ ୧୨୦ କୋଟି
- ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ ପାଇଁ ୬୬ କୋଟି ଟଙ୍କା
- ଗୋପବନ୍ଧୁ ଜନ ଆରୋଗ୍ୟ ପାଇଁ ୬୪୪ କୋଟି

**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** ସପ୍ତଦଶ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରଥମ ଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରାଯାଇଛି ଅତିରିକ୍ତ ବଜେଟ୍। ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅତିରିକ୍ତ ବଜେଟ୍‌ରେ ରତ୍ନଭଣ୍ଡାର ପାଇଁ ୫ କୋଟି, ଭୁବନେଶ୍ୱରରେ ଆସନ୍ତା ବର୍ଷ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ପାଇଁ ➪ପୃଷ୍ଠା-୬

### 'ସୁଭଦ୍ରା' ପାଇଁ ୧୧୯୬ କୋଟି

ଅତିରିକ୍ତ ବଜେଟରେ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ମୋହନ ସରକାରଙ୍କ ବହୁ ପ୍ରଚାରିତ ସୁଭଦ୍ରା ଯୋଜନା ପାଇଁ ୧୧୯୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ମହିଳାଙ୍କ ପାଇଁ କରାଯାଇଥିବା ଯୋଜନାରେ ଏଭଳି ବିପୁଳ ଅର୍ଥ ବରାଦ କରାଯାଇ ନ ଥିଲା। ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ୫ ବର୍ଷରେ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ➪ପୃଷ୍ଠା-୬

# ୨୦ରେ ରାଜ୍ୟସଭା ନିର୍ବାଚନ

## ଓଡ଼ିଶା ସମେତ ୬ ଆସନରେ ଭୋଟ

**ନୂଆଦିଲ୍ଲୀ,୨୬।୧୧:** ଡିସେମ୍ବର ୨୦ ତାରିଖରେ ହେବ ରାଜ୍ୟସଭା ପାଇଁ ଉପନିର୍ବାଚନ। ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ହେବ ଉପନିର୍ବାଚନ ନେଇ ଆଜି କାର୍ଯ୍ୟନିର୍ଘଣ୍ଟ ପ୍ରକାଶ ପାଇଛି। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଏଥିପାଇଁ ଡିସେମ୍ବର ୨୦ରେ ଉପନିର୍ବାଚନ ହେବ। ଘୋଷିତ କାର୍ଯ୍ୟନିର୍ଘଣ୍ଟ ଅନୁସାରେ ଡିସେମ୍ବରରେ ୨୦ରେ ନିର୍ବାଚନ ହେବ। ଏନେଇ ଡିସେମ୍ବର ୩ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ, ୧୧ରେ ଯାଞ୍ଚ ହେବ ଓ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। ତେବେ ➪ପୃଷ୍ଠା-୬

# ଖରାବେଳେ ବିଜେ କରୁଛନ୍ତି ଥାନାବାବୁ

## ରାତି ୧୨ ପୂର୍ବରୁ ଥାନା ଖାଲି

- ସାଧାରଣ ଲୋକଙ୍କୁ ଭେଟୁନାହାନ୍ତି ଆଇଆଇସି
- ଚିଠା ଦେବାକୁ କହୁଛନ୍ତି ସେଣ୍ଟ୍ରି



**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ନିୟମ ଓ ଆଇନର ବେକମୋଡ଼ିବା କମିଶନରେଟ୍ ପୁଲିସ୍ ଥାନା ବାବୁମାନଙ୍କୁ ବେଶ ମାଲୁମ। 'ଲୋକଙ୍କ ସେବାରେ ପୁଲିସ୍' ବୋଲି ଗଳାଫଟାଇ ଚିତ୍କାର କରୁଥିବା କମିଶନରେଟ୍ ଥାନା ବାବୁମାନେ କେତେବେଳେ ଥାନାକୁ ଆସନ୍ତି, କେତେ ସମୟ ରହନ୍ତି, କେତେବେଳେ ଫେରନ୍ତି ତାହା ହିସାବ କାହା ପାଖରେ ନ ଥାଏ। ଏଣେ ଥାନା ଦୁଆରେ ବାବୁଙ୍କୁ ଭେଟି ନ୍ୟାୟ ପାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରି ଲୋକ ହତାଶ ହେଉଛନ୍ତି। ବାବୁ ଆସିଲେ ବି ଅପେକ୍ଷା କରିଥିବା ଲୋକଟି ତାଙ୍କ ସାକ୍ଷାତ ପାଇବା କେତେ କାଠିକର ପାଠ ତାହା ଆମେ ଅନୁସନ୍ଧାନ କରି ଜାଣି ପାରିଛୁ। ଆଇନ୍ ରକ୍ଷକ ଯେ ଭକ୍ଷକ ସାଜେ ତାହା ଆମେ ୧୬ ଟି ଥାନା ବୁଲିବା ପରେ ଜାଣିବାକୁ ପାଇଛୁ। ଚଳିତ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ଏ ଥାନାରୁ ସେ ଥାନା ବୁଲିବା ପରେ ଆମେ ଗୋଟିଏ କଥା ଜାଣିବାକୁ ପାଇଲୁ ଯେ, ଆଇଆଇସିମାନେ ଥାନାକୁ ସକାଳ ସାଢ଼େ୧୧ ଟା ୧୨ ଟା ମଧ୍ୟରେ ଥାନାକୁ ଆସନ୍ତି। ଯଦିବା ଥାନାରେ କିଛି ସମୟ ବସନ୍ତି କଷ୍ଟେ ମଷ୍ଟେ ଦୁଇ ଘଣ୍ଟା ଥାନାରେ ରୁହନ୍ତି। କାମ ବାହାନାରେ ଥାନାରୁ ଛୁମାରନ୍ତି। ଦୁଇ ୩ ଜଣଙ୍କୁ ଛାଡ଼ିଲେ ବାକି କେହି ଥାନାର ଭଲ ମନ୍ଦ କଥା କିଛି ବୁଝନ୍ତି ନାହିଁ। ଏମିତିକି କେଉଁ କେଶର ତଦନ୍ତ କେତେବାଟ ଯାଇଛି ସେ ବିଷୟରେ ମନ ହେଲେ ବୁଝନ୍ତି। ପାଞ୍ଚ-ଦଶ ଦିନର କାର୍ଯ୍ୟକୁ ଏମାନେ ମାସ ମାସ ଲଗାଇ ଦିଅନ୍ତି। ସେପ୍ଟେମ୍ବର ପ୍ରଥମ ଦୁଇ ସପ୍ତାହରେ ଆମେ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନନ୍ଦନକାନନ, ମୈତ୍ରିବିହାର, ଖଣ୍ଡଗିରି ଓ ନୟାପଲ୍ଲୀ, ଥାନାକୁ ପ୍ରତେକ ଦିନ ଯାଇଥିଲୁ। ୭ ଦିନ ଏ ସବୁ ଥାନା ଆଇଆଇସିଙ୍କ ଯିବା ଆସିବା ସମୟ ଓ କାର୍ଯ୍ୟକରିବା ସମୟ ଠାରୁ ଆରମ୍ଭ କରି ଥାନାରେ ଘଟୁଥିବା ଘଟଣା ବିଷୟରେ ଟିକିନିକି ଖବର ➪ପୃଷ୍ଠା-୬

# ଜମିଦାର ନା କ୍ରୀତଦାସ ସ୍ପଷ୍ଟ କରନ୍ତୁ ବବି ଦାସ

## ସାୟରୀ ସତ ଚାପିବାକୁ ନା ଛାପିବାକୁ



**ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ):** ବିଜେଡି କ୍ଷମତାରୁ ଗଲା, ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ବି ହାରିଗଲେ। ବିଜେଡି କ୍ଷମତାରେ ନଥିବାରୁ ବବି ଦାସ ଏବେ ପାଣି ବିନା ମାଛ ପରି ଛଟପଟ ହେଉଛନ୍ତି। ନା ସରକାର ନା ପ୍ରଶାସନ ତାଙ୍କ କଥା ଶୁଣୁଛନ୍ତି। ଯେଉଁଥିପାଇଁ ରାଗରେ ବାଉଳେଇ ହେଲେଣି ବବି ଦାସ। ସେପଟେ କ୍ରାଇମବ୍ରାଞ୍ଚ ପୋଲିସ ଗିରଫ କରିଥିବା ବେଳେ ଯେକୌଣସି ସମୟରେ ବବି ଦାସଙ୍କୁ ଘେରି ପାରନ୍ତି। କ୍ଷମତା ନିଶାରେ ସବୁବେଳେ ଗଣମାଧ୍ୟମକୁ ହତାଦର କରୁଥିବା ବବି ଦାସ ଏବେ ତୁହାକୁ ତୁହା ଗଣମାଧ୍ୟମରେ ବିବୃତି ଦେଇ ନିଜକୁ ସତୀସାବିତ୍ରୀ ବୋଲାଉଛନ୍ତି। ଯଦି ପ୍ରକଳ୍ପରେ ବବିଙ୍କ କେଳେଙ୍କାରୀ ନାହିଁ ତେବେ ବବି ଦାସ ସବୁ ସତ କହିଦେଉନାହାଁନ୍ତି। କ୍ଷମତାରେ ଥିବା ବେଳେ ସେ ପ୍ରଶାସନ ଉପରେ ଚାପ ପକାଇ କାମ କରାଉଥିଲେ ନା ପ୍ରଶାସନ ନିଜ ଆଡୁ ଜମି ଚିହ୍ନଟ କରି ଦଖଲ କରିଥିଲା? ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ ଖୋଳତାଡ ଆରମ୍ଭ କରିବା ପରେ ଆହୁରି ଆତଙ୍କିତ ହୋଇପଡିଛନ୍ତି ବବି ଦାସ। ତେଣୁ ଏବେ ଆଉ ତୁଣ୍ଡ ତାଙ୍କ ନିୟନ୍ତ୍ରଣରେ ନାହିଁ। ନିଜକୁ କ୍ରୀତଦାସ କହୁଥିବା ବବି ଦାସ ଏବେ ନିଜକୁ ଜମିଦାର ବୋଲି ଦାବି କରୁଛନ୍ତି। ବିରଜା ହାଟ ବିବାଦରେ କିଛି ଗଣମାଧ୍ୟମ ବବିଙ୍କ ଆସଲ ଉଦ୍ଦେଶ୍ୟର ପର୍ଦ୍ଦାଫାସ କରିଥିଲେ। ସତ ପଦାକୁ ଆସିବା ପରେ ଚିଇଁକି ଉଠୁଛନ୍ତି। ଗୋଟେପଟେ ଭାଇ ଭବ ପ୍ରସାଦ ଦସ ଓରଫ ଲଲଙ୍କୁ

ଏକଥାକୁ କେହି ଅସ୍ୱୀକାର କରୁନାହାଁନ୍ତ ଯେ, ବାପା ଅଶୋକ ଦାସ ଜମିଦାର ଓ ଦିଲଦାର ନେତା ଥିଲେ। ସେ ତାଙ୍କ ଜୀବନ କାଳରେ ଚାନ୍ଦାଚପାତିରେ ବିଶ୍ୱାସ କରୁନଥିଲେ। ଜଣେ ଜମିଦାରର ପୁଅ ହୋଇ ସେ ନିଜକୁ କ୍ରୀତଦାସ କାହିଁକି କହିଥିଲେ। ଏବେ ➪ପୃଷ୍ଠା-୬

## ଲକ୍ଷ୍ମଣରେଖା ଡେଇଁଲେ ବବି



### ପକାଇଲା ଛେପ ଢୋକିଲେ

**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** କ୍ଷମତାରେ ଥିବାବେଳେ ନିଜ ଟାଣିଥିବା ଲକ୍ଷ୍ମଣରେଖାକୁ ଡେଇଁଛନ୍ତି ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି। ଯାହାଙ୍କ ପାଇଁ ଏହି ଲକ୍ଷ୍ମଣରେଖା ଟାଣିଥିଲେ ଏବେ ପରିସ୍ଥିତି ଚକ୍ରରେ ପଡ଼ି ତାଙ୍କରି ଘରେ ପହଞ୍ଚିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ୍ ରାଜଧାନୀରେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମାଙ୍କ ଘରେ ବବିଙ୍କୁ ଦେଖି ଅନେକ ଆଚମ୍ବିତ ହୋଇଛନ୍ତି। କାରଣ ଏହି ବବି ଦିନେ ସଞ୍ଜୟଙ୍କ ଘରକୁ କେହି ନଯିବାପାଇଁ ଫତୁଆ ଜାରି କରିଥିଲେ। କାଳେ କିଏ ସଞ୍ଜୟଙ୍କୁ ଭେଟିଦେବ ସେଥିପାଇଁ ପୁଲିସ୍ ଠାରୁ ଆରମ୍ଭ କରି ଘରୋଇ ଗୁପ୍ତଚର ବି ଲଗାଇ ଦେଇଥିଲେ। ସଞ୍ଜୟଙ୍କୁ ଏକ ପ୍ରକାର ଏକ ଘରକିଆ କରିଦେଇଥିଲେ। ଅବସ୍ଥା ଏଭଳି ହୋଇଥିଲା ଯେ ରାଜନୀତିରେ ସଞ୍ଜୟଙ୍କର ଏକ ପ୍ରକାର ବନବାସ ଯୋଗ ସୃଷ୍ଟି ହୋଇଥିଲା। ବନବାସ ସ୍ଥିତିରେ ସଞ୍ଜୟଙ୍କର ଏକମାତ୍ର ସାହାରା ହୋଇଥିଲା ତାଙ୍କ ଘର ଆଗରେ ଥିବା ବଉଳ ଗଛ। କାଉ କୋଇଲି ବି ସଞ୍ଜଙ୍କ ନିକଟକୁ ଆସୁନଥିଲେ। ବବିଙ୍କ ଫତୁଆ ଯୋଗୁଁ ନିଜ ➪ପୃଷ୍ଠା-୬

# 'ଦାନା'ସୁପରିଚାଳନା ଲାଗି ଟିମ୍ ମୋହନଙ୍କୁ ପ୍ରଶଂସା



## ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ସାମୁଦ୍ରିକ ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହା ସହ ଦାନା ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହିତ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡିଶା ପ୍ରତି ବର୍ଷ ବାତ୍ୟା, ବନ୍ୟା ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଆସୁଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସରକାର ସଫଳ ହେଉଥିବା ବେଳେ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହେଉଛି ଏବଂ ଏହାର ପୁନଃ ନିର୍ମାଣ ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରିବାକୁ ପଡୁଛି। ତେଣୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉପକୂଳବର୍ତ୍ତୀ ଜିଲ୍ଲାରେ ଭୂତଳ ବିଦ୍ୟୁତ କେବୁଲ ସ୍ଥାପନ, ଉପକୂଳରେ ବନ୍ଧ ନିର୍ମାଣ, ବ୍ୟାପକ ହେନ୍ତାଳ ବନ ସୃଷ୍ଟି ଆଦି ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ ➪ପୃଷ୍ଠା-୬



# ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ପାଇଁ ଭାରତ ନୂଆ ଠିକଣା

**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ମାଲଡୋଭାର ଶିକ୍ଷା ଏବଂ ଗବେଷଣା ମନ୍ତ୍ରୀ ଡାନ୍ ପର୍ସିୟୁନ୍ ଏବଂ ରାଷ୍ଟ୍ରଦୂତ ଆନା ଟବାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଉଭୟ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଗମ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ଚର୍ଚ୍ଚା କରିବା ସହ ଭାରତର ➪ପୃଷ୍ଠା-୬



## କାନ ଡେରିଥା

ଗଞ୍ଜେଇ ଚାଷର ନକ୍ସଲ ମୂଳ
କହିଲେ ତ ଖୁରାନିଆ
ନକ୍ସଲ ନିପାତ ହୋଇଗଲେ ଥରେ
ନଥିବ ଗଞ୍ଜାର ଧୂଆଁ

# ବାବୁ ପଢୁଛନ୍ତି ଅପଢ଼ା ପାଠ

## ପଢ଼ାଉଛନ୍ତି ବଡ଼ ବାବୁ

**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** ଗୋପବନ୍ଧୁ ଏକାଡେମୀରେ ତାଲିମ ନେଉଥିବା ବାବୁମାନେ ଅପଢା ପାଠ ପଢୁଛନ୍ତି। ଏଭଳି ଓଲଟା ପାଠ ବି ବଡ ବାବୁମାନେ ପଢାଉଛନ୍ତି। ଏଭଳି ପାଠପଢାର ଆଲୋଚନା ଏକାଡେମୀର ଚାରିକାନ୍ଥ ଡେଇଁ ଲୋକସେବା ଭବନରେ ପହଞ୍ଚିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ହେଉଥିବା ଆଲୋଚନା ଅନୁଯାୟୀ ନିକଟରେ ନବନିଯୁକ୍ତ ଓଏଏସ୍ ଅଧିକାରୀମାନେ ଗୋପବନ୍ଧୁ ଏକାଡେମୀରେ ତାଲିମ ନେଉଥିଲେ। ସେମାନଙ୍କୁ ତାଲିମ ଦେବାପାଇଁ ଭିନ୍ନଭିନ୍ନ ଦିନରେ ଅଭିଜ୍ଞ ଆଇଏଏସ୍ ଓ ଓଏଏସ୍ ବାବୁମାନେ ଯାଇଥାନ୍ତି। ସେମାନଙ୍କୁ ପ୍ରଶାସନର ଆଦବ କାଇଦା, ଆଇନ୍ କାନୁନ୍ ପାଠ ପଢାଇଥାନ୍ତି। ଏଥିପାଇଁ ରାଜକୋଷରୁ ବ୍ୟାପକ ଅର୍ଥ ବି ବ୍ୟୟ ହୋଇଥାଏ। କାରଣ ତାଲିମ ନେଉଥିବା ଏହି ବାବୁମାନେ ଆଗାମୀ ୩୦ବର୍ଷ ପର୍ଯ୍ୟନ୍ତ ରାଜ୍ୟ ପ୍ରଶାସନର ମଙ୍ଗ ଧରିବେ। ହେଲେ ନିକଟରେ ସେମାନଙ୍କୁ ତାଲିମ ଦେବାକୁ ଯାଇଥିବା ଦୁଇ ବଡବାବୁଙ୍କ ପାଠପଢ଼ାକୁ ନେଇ ଚର୍ଚ୍ଚା। ଏହି ଦୁଇ ଜଣଙ୍କ ମଧ୍ୟରେ ଜଣେ ଓଡିଆ ଓ ଆଉ ଜଣେ ଅଣଓଡିଆ। ଅତିରିକ୍ତ ସଚିବ ପାହ୍ୟାର ବଡ ବାବୁ ଜଣଙ୍କ ନୂଆ ଓଏଏସ୍‌ଙ୍କୁ ପ୍ରଶାସନର ମୂଳ ପାଠ ଛାଡି କିଭଳି ଫାଇଲ୍‌କୁ ବାରମ୍ବାର ତଳକୁ ଫେରାଇବ, ଲୁଚି ଛପି କିଭଳି ନିଶା ସେବନ କରିବ, ନିଶା ସେବନ କଲାପରେ ଗାଡିର ପଛ ସିଟ୍‌ରେ ବସିବ, ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ରଖିଲେ ଫୋନ୍ କଲ୍ ବଦଳରେ ହ୍ୱାଟସ୍ ଆପ୍‌ରେ କଥା ହେବ ତାହାକୁ ତାହା ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ହଠାତ୍ ଜଣେ ବରିଷ୍ଠଙ୍କ ମୁହଁରୁ ଏକଥା ଶୁଣି ପ୍ରଥମେ ଡରି ଯାଇଥିବା ତାଲିମଧାରୀମାନେ କିନ୍ତୁ ପରେ ଏହାର ଭରପୂର ଉପଭୋଗ କରିଥିଲେ।




ଏହାପରେ ପାଳି ପଡ଼ିଥିଲା ଅଣଓଡିଆ ବାବୁଙ୍କର। ସେ ମଧ୍ୟରେ ନିଜର ମୂଳ ପାଠକୁ ଛାଡି କିଭଳି ଅର୍ଥ ଉପାର୍ଜନ କରିବ ଏବଂ ଭିଡ କାମରୁ ଦୂରେଇ ରହିବ ତାହା ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ଏପରିକି କୌଣସି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଆସିଲେ ଯଥା ସମ୍ଭବ ତାହାକୁ ତଳିଆ କର୍ମଚାରୀଙ୍କ ହାତରେ କିଭଳି କରାଇନେବ ➪ପୃଷ୍ଠା-୬

# ଜମି କିଣା ବିକାରେ ବ୍ୟାପକ ଗୋଳମାଳିଆ



**ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ):** ଜମି ବିକ୍ରି ନେଇ ବିଗତ ସରକାର ଯେତେ ସମସ୍ୟା ସୃଷ୍ଟି କରିଛନ୍ତି ତାକୁ ସୁଧାରିବା ବର୍ତ୍ତମାନ ସବୁଠୁ ବଡ ଚ୍ୟାଲେଞ୍ଜ। ଜମି ବିକା କିଣା ନେଇ ଓଡ଼ିଶାରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ଆଇନର ସଠିକ ତର୍ଜମା ନକରିଥିବା ଯୋଗୁଁ ଯେଉଁ ଜମି ସବୁ ବିକ୍ରି ହୋଇପାରିବ ସେଥିରେ ରୋକ ଲଗାଯାଇଛି। ନିର୍ଦ୍ଦିଷ୍ଟ ଗୋଟେ ଜମି ପ୍ଲଟିଙ୍ଗ କରି ଜଣେ ଚାହିଁଲେ ବିକ୍ରି ରେଗୁଲେଟ ପାଇଁ ନିୟମ ତିଆରି ହୋଇଛି। ଜମିରେ ପ୍ଲଟିଙ୍ଗ କରି ଫ୍ଲାଟ କରି ବିକ୍ରି ପାଇଁ ବ୍ୟବସାୟୀ ଚାହିଁଲେ ତାପାଇଁ ନିୟମ ହୋଇଛି। ଜଣେ ନିଜ ଝିଅର ବାହାଘର ପାଇଁ ଜମି ବିକ୍ରି ପାଇଁ ଚାହିଁବ, ପିଲାଙ୍କ ଚିକିତ୍ସା ପାଇଁ ବିକ୍ରି କରିବାକୁ ଚାହିଁବ ସ୍ପଷ୍ଟୀକରଣ ନଥିବା ଯୋଗୁଁ କିଣା ବିକାରେ ➪ପୃଷ୍ଠା-୬



## ବିନା ବାଣ ଓ ଡିଜେରେ ବାଲିଆ ବଜାର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶେଷ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ବିନା ବାଣ ଏବଂ ଡିଜେରେ ବାଲିଆ ବଜାରର କାର୍ତ୍ତିକେଶ୍ୱର ପୂଜା ଓ ଭଷାଣୀ ଉତ୍ସବ ଶେଷ ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାଲିଆ ବଜାରରେ ଦୀର୍ଘ ବର୍ଷ ଧରି ବଜାର କମିଟି ପୌରହିତ୍ୟରେ ପୂଜା ଅନୁଷ୍ଠିତ ହୋଇଆସୁଛି । ଏଥିରେ ବଜାର କମିଟି ସଭାପତି ପ୍ରମୋଦ କୁମାର ସାହୁ ଓ ଶାନ୍ତି କମିଟି ଅଧ୍ୟକ୍ଷ ଦାମୋଦର ତ୍ରିପାଠୀ ଯୋଗଦେଇଥିଲେ । ଏହି ବୈଠକରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ସଦର ଥାନା ଅଧିକାରୀ ମଧ୍ୟ ଯୋଗଦେଇଥିଲେ । ଯେହେତୁ ଗତ ୨୦୨୨ମସିହାରେ ବାଣ ଫୁଟି ଏକ ଅଘଟଣ ଘଟିଥିଲା । ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଚଳିତ କାର୍ତ୍ତିକେଶ୍ୱର ପୂଜା ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଡା. କାନୁନଗୋଙ୍କ ନିଜ ଗ୍ରାମ ହୋଇଥିବାରୁ ସେ ମଧ୍ୟ ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ । ଶାନ୍ତି କମିଟିର ସମସ୍ତ ସଦସ୍ୟ ଓ ପୂଜା କମିଟିର କର୍ମକର୍ତ୍ତାମାନେ ଭଷାଣୀ ଉତ୍ସବ ଦିନ ସଜାଗ ରହି ଉତ୍ସବ ସମ୍ପୂର୍ଣ୍ଣ କରିଥିଲେ । ଠିକ ସମୟରେ ସମସ୍ତ ମେଢ ବିଷର୍ଜନ ଘାଟରେ ପହଞ୍ଚିବା ପରେ ଶାନ୍ତି କମିଟିର ଆବାହକ ପ୍ରମୋଦ କୁମାର ସାହୁ ଭୋଗଲାଗି କରିଥିଲେ । ଏଥିସହିତ ସଦର ଥାନା ଅଧିକାରୀ ବିମଳ ମଲ୍ଲିକଙ୍କ ସମେତ ପୋଲିସ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଶାନ୍ତିଶୃଙ୍ଖଳାର ସହିତ ଭଷାଣୀ ଉତ୍ସବ ସମାପନ ହୋଇଥିବାରୁ ଥାନା ଅଧିକାରୀ ଶ୍ରୀ ମଲ୍ଲିକ ବଜାର କମିଟି ଓ ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ ।

## ରାଜନୀତି ବିଜ୍ଞାନ ବିଭାଗର ଜାତୀୟ ସମ୍ବିଧାନ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ 'ଏକ ଦେଶ ଏକ ନିର୍ବାଚନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଯାଇଅଛି। ବିଭାଗୀୟ ମୁଖ୍ୟ ଡ଼ ସୁଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ଏହି ଆଲୋଚନା ଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ଼ ପ୍ରଦୀପ୍ତ କିଶୋର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଏକ ଦେଶ ଏକ ନିର୍ବାଚନ' ର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ସତ୍ୟବ୍ରତ ବେହେରା ସମ୍ବିଧାନର ପ୍ରସ୍ତାବନା ଶପଥ ପାଠ କରାଇଥିଲେ। ଏହି ଦିବସ ପାଳନ ଅବସରରେ ଆୟଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରିମାନେ ଅତିଥି ମାନଙ୍କଠାରୁ ପୁରସ୍କୃତ ହୋଇଥିଲେ।

## ପୁଲିସଙ୍କୁ ଚ୍ୟାଲେଞ୍ଜ ଦେଇ ଲୁଟ୍

# କର୍ମଚାରୀଙ୍କୁ ବାନ୍ଧି ଲୁଟିଲେ ଟଙ୍କା ଓ ବିଦ୍ୟୁତ୍ ସାମଗ୍ରୀ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଲୁଟେରା ଗ୍ୟାଙ୍ଗ ଦିନକୁ ଦିନ ପୋଲିସକୁ ନାକେଦମ କଲେଣି । ଲୁଟପାଟ କରିବା ସହ ବିଭିନ୍ନ ହତିଆର ଧରି ଆତଙ୍କ ରଚାଇଛନ୍ତି । ଏହି ଦୃର୍ବୁତ୍ତଙ୍କ ଟାର୍ଗେଟରେ ଏବେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବିଭିନ୍ନ ଅଫିସ କାର୍ଯ୍ୟାଳୟ ରହିଛି । ରାତି ହେଲେ ଆରମ୍ଭ କରୁଛନ୍ତି ଯୋଜନା ଘଟାଉଛନ୍ତି ଭିନ୍ନ ଭିନ୍ନ କାଣ୍ଡ। କିଛି ଦୁବୃର୍ତ୍ତ ଆସିଲେ ରାତି ପ୍ରାୟ ୧ଟାରୁ ଲୁଟ ପାଇଁ କାର୍ଯ୍ୟାଳୟରେ ପ୍ରବେଶ କଲେ । ବିଳମ୍ବିତ ରାତ୍ରୀ ୩ଟା ପର୍ଯ୍ୟନ୍ତ ଲୁଟ୍ କଲେ । ୨ ଘଣ୍ଟା ଧରି ଚାଲିଲା ଲୁଟପାଟ୍। ଲୋକଙ୍କ ନଜର ନପଡିବା ପାଇଁ ଆପଣେଇଥିଲେ ଭିନ୍ନ ତରିକା । ଏକ ବଡ ପିକ ଭ୍ୟାନରେ ବିଭିନ୍ନ ମାରଣାସ୍ତ୍ର ସହିତ ଲୁଟେରା ଗ୍ୟାଙ୍ଗର ୧୦ ଜଣିଆ ସଦସ୍ୟ ଆସିଥିଲେ। ପାଟକୁରା ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ନାକତଳୁ ନେଇଗଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ।

ଏହି ଲୁଟର ଘଟଣାବଳି ଯେକେହି ଶୁଣିବ ତାଙ୍କ ରୁମମୂଳ ଟାଙ୍କୁରି ଉଠିବ। ପାଟକୁରା ଥାନା ଅଧିନ ନୁଆପଡ଼ା ବିଦ୍ୟୁତ୍ କାର୍ଯ୍ୟାଳୟରୁ ଏହି ଲୁଟ୍ ହୋଇଛି । ଡ଼ିୟୁଟିରେ ଥିବା ଦୁଇ ବିଦ୍ୟୁତ୍ କଣ୍ଟ୍ରୋଲ କର୍ମଚାରୀ ସହିତ ସିକ୍ୟୁରିଟି ଗାର୍ଡକୁ ମଧ୍ୟ ବାନ୍ଧିକି ମାଡ଼ ମାରିବା ସହିତ



### ବାରମ୍ବାର ଚୋରି ହେଉଛି ପୁଲିସ୍ ସୁରାକ ପାଉନି

ମୁହଁରେ ଗାମୁଛା ବାନ୍ଧି ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ ଲୁଟି ନେଇଛନ୍ତି । ନୂଆପଡ଼ାର ଟାଟା ପାୱାର ବିଦ୍ୟୁତ୍ କାର୍ଯ୍ୟାଳୟରେ ଏହି ଘଟଣା ମିଶାଇ ୫ ଥର ଏଭଳି ଲୁଟ୍ ହୋଇଥିବା ଜଣାପଡିଛି ।

ସୂଚନା ଅନୁଯାୟୀ ଗତ ସୋମବାର ରାତି ପ୍ରାୟ ୧ଟା ସମୟରେ କିଛି ଦୁର୍ବୃତ୍ତ ହଟାତ୍ କାର୍ଯ୍ୟାଳୟ ଗେଟ୍ ପାଚେରୀ ଡେଇଁ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରି ପ୍ରଥମେ କାର୍ଯ୍ୟାଳୟ ଗ୍ଲାସ ଡୋରକୁ ଭାଙ୍ଗିଥିଲେ । ଡ଼ିୟୁଟି ଥିବା କଣ୍ଟ୍ରୋଲ କର୍ମଚାରୀ ଏବଂ ସିକୁରିଟ ଗାର୍ଡ ଭୟଭୀତ ହୋଇଯାଇଥିଲେ। ହେଲେ ଦୁବୃର୍ତ୍ତମାନେ କାର୍ଯ୍ୟାଳୟ ମଧ୍ୟକୁ ଜୋର୍ ଜବରଦସ୍ତ ପ୍ରବେଶ କରି ପ୍ରଥମେ ତିନିଜଣ କର୍ମଚାରୀ ଯଯାତି ସାମନ୍ତରାୟ, ସୁଧାଂଶୁ ଭୁଷଣ ମଲ୍ଲିକ, ବିଶ୍ୱପ୍ରକାଶ ଲେଙ୍କାଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ମାଡ ମାରିବା ସହ ଗାମୁଛାରେ ବାନ୍ଧି ଦେଇଥିଲେ । ଦୁର୍ବୃତ୍ତଙ୍କୁ ଦେଖି ଭୟଭୀତ ହେବା ପରେ ତିନିଜଣଙ୍କ ପାଖରେ ଥିବା ୬୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଛଡାଇ ନେବା ସହ ପାଖରେ ଥିବା ମୋବାଇଲ୍ ଫୋନକୁ ନେଇଯାଇଥିଲେ। ଏହାପରେ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ସାମଗ୍ରୀକୁ ଆସିଥିବା ୧୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ସାଙ୍ଗରେ ଆଣିଥିବା ଗାଡ଼ିରେ କେବୁଲ ତାର, କଣ୍ଡକ୍ଟର ଲୁଟିନେଇଛନ୍ତି । ନେଇଥିବା ସାମଗ୍ରୀର ମୂଲ୍ୟ ପାଖାପାଖି ସାଢେ ଚାରିଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ଏହି ଘଟଣା ପରେ ମଙ୍ଗଳବାର ଦିନ ଅପରାହ୍ନ ସମୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେକ୍ସନ ଇନଚାର୍ଜ ପ୍ରଶାନ୍ତ କୁମାର ବେହେରା ଏନେଇ ପାଟକୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପାଟକୁରା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଏପ୍ରିଲ ୨୩ରେ ଜିଲ୍ଲା ସାହିତ୍ୟ ସଂସଦର ରଜତ ଜୟନ୍ତୀ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସଙ୍କ ପୌରୋହିତ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମରେ ଆଜି ଅପରାହ୍ନ ୪ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨୫ ମସିହା ଏପ୍ରିଲ ୨୩ ତାରିଖରେ ସାହିତ୍ୟ ସଂସଦ ରଜତ ଜୟନ୍ତୀ ଅନୁଷ୍ଠିତ ହେବ । ଏଥିନିମନ୍ତେ ସାହିତ୍ୟ ସଂସଦର ମୁଖପାତ୍ର "ଦିଗ୍‌ବଳୟ" ପ୍ରକାଶିତ ହବ । ଏଥିନିମନ୍ତେ ଅଣୁକବି ବ୍ରହ୍ମାନନ୍ଦ ଦାସଙ୍କ ଜୟନ୍ତୀ ଦିନ ପ୍ରସ୍ତୁତି ଚଳିତ ବର୍ଷ ଡିସେମ୍ବର ୨୬ ତାରିଖରେ ଅନୁଷ୍ଠିତ ହେବ । ଏଥିସହିତ ଲେଖା ପଠାଇବାର ଶେଷ ତାରିଖ ଡିସେମ୍ବର ୨୬ ତାରିଖ ରଖାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଉପସଭାପତି ପ୍ରଦୀପ କୁମାର ଦାଶ, ରାମକୃଷ୍ଣ ଦାଶ, ସମ୍ପାଦକ ଶୁଭାଂଶୁ କୁମାର ଦାସ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ନିରୁପମା ଦାସ, ଶରତ କୁମାର ରାଉତ, ନୃସିଂହ ଚରଣ ତ୍ରିପାଠୀ, ଶ୍ରୀଧର କୁମାର ଭୋଳ, ମନୋରଞ୍ଜନ ତ୍ରିପାଠୀ, ମନୋଜ କୁମାର ଦାସ, ପ୍ରେମାନନ୍ଦ ଜେନା, ଅର୍ଜୁନ କୁମାର ସ୍ୱାଇଁ, ଦେବାଶିଷ ପ୍ରଧାନ, ଗୋଲଖ କୁମାର ସେଠୀ ପ୍ରମୁଖ ଆଲୋଚନା କରି କବିତା ପାଠ କରିଥିଲେ । ଅଶୋକ କୁମାର ସାହୁ କବିତା ସଂଯୋଜନା କରିଥିବା ବେଳେ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡାକଘରେ ହୋମିଓପ୍ୟାଥିକ୍ ଚିକିତ୍ସା

# ପୋଷ୍ଟମାଷ୍ଟର ସାଜିଛନ୍ତି ଡାକ୍ତର

**ମହାକାଳପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ଘର ସାମ୍ନାରେ ଶାଖା ଡାକଘରର ଫଳକ ଲାଗିଛି। ଚିଠି ପଡ଼ିବା ପାଇଁ ପାଖରେ ଝୁଲୁଛି ଚିଠି ବାକ୍ସ। ହେଲେ ଭିତରେ ଚାଲିଛି ହୋମିଓପାଥି ଚିକିତ୍ସାଳୟ। ଖୋଦ୍ ପୋଷ୍ଟ ମାଷ୍ଟର ଡାକ୍ତର ସାଜି କରୁଛନ୍ତି ରୋଗି ଚିକିତ୍ସା। ଯାହା ଏବେ ବେଶ୍ ଆଲୋଡନ ସୃଷ୍ଟି କରିଛି। ଏମିତି ଏକ ଆଶ୍ଚର୍ଯ୍ୟଜନକ ଘଟଣା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତରେ ଦେଖିବାକୁ ମିଳିଛି।

ସୁନିତି ପଞ୍ଚାୟତ ଅଧିନସ୍ଥ ଜଗରଜୋର ହାଟ ଏକ ବ୍ୟସ୍ତବହୁଳ ସ୍ଥାନ। ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଲୋକମାନଙ୍କ ସୁବିଧା ପାଇଁ ହାଟ ନିକଟରେ ଖୋଲା ଯାଇଛି ଶାଖା ଡାକଘର। ସେହି ଶାଖା ଡାକଘରେ ସାକ୍ଷ କୁମାର ଦାସ ନାମକ ବ୍ୟକ୍ତି ଡ଼ାକ ମାଷ୍ଟର ଭାବରେ ନିଯୁକ୍ତ ଅଛନ୍ତି। ହେଲେ ଡାକଘରେ ଡ଼ାକ ସେବା ଛାଡ଼ି ଡ଼ାକ ମାଷ୍ଟର ଜଣଙ୍କ ହୋମିଓପାଥି ଚିକିତ୍ସା ସେବା ଯୋଗାଇବାରେ ଲାଗି ପଡ଼ିଛନ୍ତି। ଡ଼ାକ ସେବା କମ୍ ବରଂ ଡ଼ାକ୍ତରୀ ସେବା ପାଇଁ ସାର୍ ପୁରା ବ୍ୟସ୍ତ। ଦୀର୍ଘଦିନ ଧରି ଏମିତି ଡାକଘରେ ହୋମିଓପାଥି ଚିକିତ୍ସା ସେବା ଚାଲିଛି। ସଂଚାର ଟିମ୍‌ର ଏହି ଷ୍ଟ୍ରିଂଙ୍ଗ ଅପରେସନରେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି।



ପ୍ରଶ୍ନ ଉଠୁଛି ଡାକସେବା ପାଇଁ ଥିବା ଘରେ ହୋମିଓପାଥି ଚିକିତ୍ସା କରିବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନୁମତି ଦେଲା କିଏ? ଡାକସେବା ସହିତ ହୋମିଓପାଥି ଚିକିତ୍ସା ସେବା ସରକାରଙ୍କ ନୁଆ ଯୋଜନାରେ ସାମିଲ ହେଲାଣି କି? ଯଦି ଡାକଘରେ ଚିକିତ୍ସାଳୟ ଚାଲିଛି ତେବେ ଡାକସେବା ଲୋକେ କେତେ ପାଉଛନ୍ତି? ଏ ସମ୍ପର୍କରେ ଡ଼ାକ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ ଅଛନ୍ତି ତ? ଏମିତି ଅନେକ ପ୍ରଶ୍ନ ଏବେ ସାମ୍ନାକୁ। ଖବର ପ୍ରସାରଣ ପରେ ବିଭାଗ ତରଫରୁ କ'ଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି।

## ସ୍କୁଲ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର

# ଅଭିଯୁକ୍ତକୁ ୧୦ ବର୍ଷ ଜେଲଦଣ୍ଡ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ସ୍କୁଲ ଛାତ୍ରୀ ଜଣଙ୍କ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟର ବିଚାରପତି ଆସାମୀ କାଳନ୍ଦୀ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ମାଧ୍ୟମରେ ପିଡିତାଙ୍କୁ କ୍ଷତିପୂରଣ ବାବଦରେ ଦେଢ ଲକ୍ଷ ଟଙ୍କାର ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ମାମଲାରୁ ଜଣାପଡିଛି ଯେ ପାଟକୁରା ଥାନା ଅଧୀନ ଶ୍ରୁତିପୁର ଗ୍ରାମର କାଳନ୍ଦୀ ମଲ୍ଲିକ ଓ ତାଙ୍କର ଦୁଇ ସହଯୋଗୀ ୨୦୧୩ ମସିହା ଏପ୍ରିଲ ମାସ ୪ ତାରିଖ ସନ୍ଧ୍ୟାରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କୁ ଅପହରଣ କରିଥିଲେ । ଛାତ୍ରୀ ଜଣକ ଗ୍ରାମ ନିକଟରେ ଏକ ସାମାଜିକ ଉତ୍ସବରେ ଯୋଗ ଦେବାକୁ ଯାଉଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା । ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ପାଟକୁରା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । କିନ୍ତୁ କାଳନ୍ଦୀ ଛାତ୍ରୀଙ୍କୁ ନେଇ ପଞ୍ଜାବ ପଳାଇଥିଲେ । ଫଳରେ ପୁଲିସ କାଳନ୍ଦୀର ସନ୍ଧାନ ପାଇ ନଥିଲା । କାଳନ୍ଦୀ ପଞ୍ଜାବରେ କିଛି ଦିନ ଛାତ୍ରୀଙ୍କୁ ରଖିବା ପରେ କୋରାପୁଟ୍ ଆସିଥିଲେ । କୋରାପୁଟରେ କିଛି ମାସ ରହିବା ପରେ ଛାତ୍ରୀ ଜଣକ ଅଣନିଶ୍ୱାସି ହୋଇଥିଲେ । ଏହାପରେ କାଳନ୍ଦୀ ପାଟକୁରା ଥାନା ଅଧିନ ନିଜ ଗ୍ରାମ ଶ୍ରୁତିପୁରକୁ ଛାତ୍ରୀଙ୍କୁ ନେଇ ଫେରିଥିଲେ । ଅପହରଣର ଏକ ବର୍ଷ ପରେ ଛାତ୍ରୀ ଜଣକ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । କିନ୍ତୁ ଶିଶୁ କନ୍ୟାର ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟିଥିଲା । ଏ ସଂକ୍ରାନ୍ତରେ ଛାତ୍ରୀଙ୍କ ପରିବାର ଲୋକେ ପୁଲିସକୁ ସୂଚନା ଦେଇଥିଲେ । ଫଳରେ ପୁଲିସ କାଳନ୍ଦୀକୁ ଗିରଫ କରିଥିଲା । ମାମଲାର ବିଚାର ଚାଲିଥିବା ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଆସାମୀ କାଳନ୍ଦୀ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ପିଡିତାଙ୍କ ପକ୍ଷରୁ ସରୀକାରୀ ଓକିଲ ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ ।

## କଲେଜ ପରିସରରେ ଛାତ୍ର-ଅଣଛାତ୍ର ହାତାହାତି

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ କିଛି ଅଣଛାତ୍ର ନିୟମିତ କଲେଜ୍ ମଧ୍ୟଙ୍କୁ ପ୍ରବେଶ କରି ଆତଙ୍କ ସୃଷ୍ଟି କରୁଛନ୍ତି । ମଙ୍ଗଳବାର ଜଣେ କଲେଜ ଛାତ୍ରକୁ ଆକ୍ରମଣ କରି କ୍ଷତାକ୍ତ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ଉଭୟ ପକ୍ଷ ଆହତ ହୋଇଥିବା ଜଣାପଡିଛି । କିଛିଦିନ ତଳେ ଅଣଛାତ୍ର ମାନେ କେନ୍ଦ୍ରାପଡ଼ା ସ୍ୱୟସ୍ୱଶାସିତ ମହାବିଦ୍ୟାଳୟ ପରିସରରେ ପଶି ଛାତ୍ରୀ ମାନଙ୍କୁ କମେଣ୍ଟ୍ ମାରୁଥିବା ଟାଉନ ଥାନା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ବହୁ ବିଳମ୍ବରେ ପହଞ୍ଚିବାରୁ ଅଣଛାତ୍ରମାନେ ସେ ସ୍ଥାନ ଛାଡି ପଳାଇ ଯାଇଥିଲେ । ମଙ୍ଗଳବାର ପୂର୍ବାହ୍ନରେ ପୁନର୍ବାର କଲେଜ ପରିସରରେ ଅଣଛାତ୍ର ଏବଂ କଲେଜ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳରୁ ମାରପିଟ୍ ହୋଇଛି । ଆକ୍ରମଣରେ ଉଭୟ ପକ୍ଷ ଆହତ ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଉଠାଇ ନେଇଯାଇଛି । ପୂର୍ବ ଶତ୍ରୁତାକୁ ନେଇ ଏଭଳି ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ସୂଚନା ମିଳିଛି । ଜଣେ ସମ୍ପର୍କୀୟ ମାମୁଁ ଓ ଭଣଜା ମଧ୍ୟରେ ଏଭଳି ଘଟଣା ଘଟିଥିବା ପୋଲିସ ଅଧିକାରୀଙ୍କ ଠାରୁ ଜଣାପଡିଛି। କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ହତା ମଧ୍ୟକୁ ଅଣଛାତ୍ରମାନଙ୍କ ଅବାଧ ପ୍ରବେଶ ଉପରେ ରୋକ ଲଗାଇବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏହା ଉପରେ କୌଣସି ଆବଶ୍ୟକୀୟ ପଦକ୍ଷେପ ନିଆଯାଉନାହିଁ । ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ବାଇକ୍‌ରେ ଗରାପୁର ଅଞ୍ଚଳର ଦୁଇଜଣ ଅଣଛାତ୍ର କଲେଜ ପରିସରରେ ପହଞ୍ଚିଥିଲେ । କୌଣସି ଏକ କାରଣକୁ ନେଇ କଲେଜ ପଢୁଥିବା ଉଦୟନଗର ଅଞ୍ଚଳର ଜଣେ ଛାତ୍ରଙ୍କ ସହିତ ତାଙ୍କର ବଚସା ହୋଇଥିଲା । ପରେ ହାତାହାତି ଯାଏ କଥା ଯାଇଥିଲା । ସଂପୃକ୍ତ ଛାତ୍ର ଜଣକ ଆସିଥିବା ଦୁଇ ଅଣଛାତ୍ରଙ୍କ ମଧ୍ୟରୁ ଜଣଙ୍କର ସଂପର୍କୀୟ ଭଣଜା ବୋଲି ଜଣାପଡ଼ିଛି । ଏଥିରେ ଉଭୟ ପକ୍ଷରୁ ଦୁଇ ଜଣ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଏ ନେଇ ଟାଉନ ଥାନାରେ ପରସ୍ପର ବିରୋଧରେ ଏତଲା ଦିଆଯାଇଛି । ଟାଉନ ଥାନା ପୋଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ଠାରୁ ସୂଚନା ମିଳିଛି ।

## ବିଜେପିରେ ମିଶିଲେ ଅକ୍ଷୟ ତରାଇ



**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** ଯୁବ ସଂଗଠକ ଭାବେ ରାଜନୀତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅକ୍ଷୟ ତରାଇ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦ୍ରାପଡାର ଯୁବ ସମାଜସେବୀ ଶ୍ରୀ ତରାଇ ବିଜେପିରେ ଯୋଗଦେଇଛନ୍ତି। ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ଯୁବ ସଂଗଠକ ଶ୍ରୀ ତରାଇ ବିଜେପିର ସଂଗଠନକୁ ଆହୁରି ମଜଭୁତ କରିବେ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି । ଶ୍ରୀ ତରାଇଙ୍କୁ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶ୍ରୀ ତରାଇଙ୍କ ଯୋଗଦାନ ପରେ ବିଜେପି ଦଳର ସଂଗଠନ ଅଧିକ ମଜଭୁତ ହୋଇପାରିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାର ବିଜେପି ଦଳର କିଛି ନେତା କହିଛନ୍ତି ।

## ସିଟି ହସ୍ପିଟାଲ ପ୍ରତିଷ୍ଠା ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବି

# ଆମ୍ ଆଦମୀ ପାର୍ଟିର ଗଣବିକ୍ଷୋଭ

**କେନ୍ଦ୍ରାପଡ଼ା, ୨୬।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳରେ ସିଟି ହସପିଟାଲ ପ୍ରତିଷ୍ଠା ଦାବିରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି ।

ଆମ୍ ଆଦମୀ ପାର୍ଟି ଜିଲ୍ଲା ସଭାପତି ସନ୍ଦିପ୍ତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଗଣବିକ୍ଷୋଭରେ ସୂର୍ଯ୍ୟକାନ୍ତ ପରିଡା, ଇଂ ଦେବାଶିଷ ଦାଶ, କୁମୁଦ ରାଉତ, ରୁଦ୍ର ପ୍ରସାଦ ବେହେରା, ମହମ୍ମଦ ସାହିଲ, ରଶ୍ମୀରଞ୍ଜନ ସ୍ୱାଇଁ, ସାଗରିକା ଦାଶ, ଲଜମୁନ ନିଶା, ସୁହାନା ବିବି, ଫାହିମା ବିବି, ସେକ ଇସମାଇଲ, ହେମନ୍ତ କୁମାର ସାହୁ, ଜାହିନୁର ରହେମାନ୍ ଓ ଶିବାନୀ ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ପୌରାଞ୍ଚଳରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ସିଟି ହସପିଟାଲ ଯୋଗାଇ ଦେବା ସହ ଏଥିରେ ଜନବସତି ଆନୁପାତିକ ଶଯ୍ୟା ସୁବିଧା, ଆବଶ୍ୟକୀୟ ସଂଖ୍ୟକ ଡାକ୍ତର ନିଯୁକ୍ତି, ଜରୁରୀକାଳୀନ ତ୍ୱରିତ ସେବା ଏବଂ ବିନା ଦେୟରେ ସମସ୍ତ ରୋଗର ଯାଞ୍ଚ ସୁବିଧା, ଦେୟମୁକ୍ତ ଔଷଧ ବଣ୍ଟନର ବ୍ୟବସ୍ଥା କରାଯିବା, ପୌରପାଳିକା ନିମନ୍ତେ ଅନୁନ୍ୟ ୫ଟି ଆମ୍ବୁଲାନ୍ସର




ବ୍ୟବସ୍ଥା କରାଯିବା, ପ୍ରସୂତି ମା'ମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା, ନବଜାତ ଶିଶୁମାନଙ୍କ ପାଇଁ ସର୍ବୋତ୍ତମ ଦେୟମୁକ୍ତ ଚିକିତ୍ସା ସୁବିଧା ପ୍ରଦାନ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟତିତ ଜିଲ୍ଲାରେ ୩ଟି ଉନ୍ନୀତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୭ଟି ଗୋଷ୍ଠି ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ସେଥିରେ ଆବଶ୍ୟକ ସଂଖ୍ୟକ ଶଯ୍ୟା, ଆନୁସଂଗିକ ଯନ୍ତ୍ରପାତି, ଆବଶ୍ୟକ ସଂଖ୍ୟକ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ସହିତ କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବି କରାଯାଇଥିଲା । ଏଥିସହିତ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଅଷ୍ଟଶମ୍ଭୁ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ



**ରାଜନଗର, ୨୬।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ୭୫ତମ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ରାଜକିଶୋର ପାଣି ବେଦପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଭାରତୀୟ ସମ୍ବିଧାନର ଗୁରୁତ୍ୱ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିବା ସହିତ ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ କୁମାର ପାଲ, ସତୀଶ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ବିହାରୀ ବଳ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିଶ୍ୱମ୍ବର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରାଉତ, ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଅଭିରାମ ସେବାଶ୍ରମରେ ୪୨ତମ ଭାଗବତ ପାରାୟଣ ଉତ୍ସବ

**ରାଜନଗର, ୨୬।୧୧ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ୪୨ତମ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଜାରି ରହିଛି। ଚଳିତମାସ ୨୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଭାଗବତ ପାରାୟଣ ୨୮ ତାରିଖ ଦିନ ଶେଷ ହେବ। ଆଜି ସେବାଶ୍ରମରେ ବଳିଦାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କରମଳା ଶାନ୍ତିଧାମର ବାବାଜୀ ନିଳମଣି ଦାସ, ବାବାଜୀ ଶ୍ରୀନାଥ ଦାସ, ବାବାଜୀ ବଦ୍ରିନାଥ ଦାସ, ପୁରୀ ଦିବ୍ୟ ଜୀବନ ଆଶ୍ରମର ସ୍ୱାମୀ ରଜତାନନ୍ଦ ସରସ୍ୱତୀ, ଅବଧୂତ ଆଶ୍ରମର ବାବା ବିଶ୍ୱାନନ୍ଦ ଦାସ, ଛେଦରା ଗୋପିନାଥ ମଠର ବାବାଜୀ ଯଶୋବନ୍ତ ଦାସ, ଠାକୁର ନିଗମାନନ୍ଦ ରାଜନଗର କେନ୍ଦ୍ର ଆଶ୍ରମର ସଭାପତି ବିଜୟ କୁମାର ଜେନା, ବାୟାବାବା ଆଶ୍ରମ କେରେଡାଗଡ଼ର ସମ୍ପାଦକ ପାରେଶ୍ୱର ଦାସ, ପାରାୟଣର ବ୍ୟାସ ପଣ୍ଡିତ ପ୍ରଫୁଲ୍ଲ କଣ୍ଟ, ରାଜନଗର ବ୍ରାହ୍ମଣ ସମିତିର ବ୍ରାହ୍ମଣ ମଣ୍ଡଳୀ ପ୍ରମୁଖ ଯୋଗଦାନ କରି ଭାଗବତ କଥା ଅର୍ପଣ କରିଥିଲେ। ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡ଼ା, ଉପସଭାପତି ଅଭିରାମ ମହାନ୍ତି, ସମ୍ପାଦକ ଗୋଲେଖ ବିହାରୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ଭକ୍ତଗୋଷ୍ଠୀର ବହୁ ଭକ୍ତ, ମାତୃମଣ୍ଡଳୀ ଆଧ୍ୟାତ୍ମିକ ପ୍ରେମୀମାନେ ଉପସ୍ଥିତ ଥିଲେ। ଏହାକୁ ଆଶ୍ରମର ସେବକ ଅଭୟ ଦାସ ପରିଚାଳନା କରୁଛନ୍ତି।

## ଏସିଡ୍ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବାଲିଅନ୍ତା, ୨୬।୧୧ (ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଞ୍ଚଳରେ ଏସିଡ ପିଇ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଆଶିଘଇ ସାହିର ଗୌରାଙ୍ଗ ସାହୁ (୮୦) । ଏନେଇ ବାଲିଅନ୍ତା ଥାନାରେ ୩୭ / ୨୪ରେ ଏକ ଅପମୃତ୍ୟ ମାମଲା ରୁଜୁ ହୋଇଛି । ପରିବାର ଲୋକେ ଗୌରାଙ୍ଗଙ୍କୁ ପ୍ରଥମେ ୱାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନେଇ ଭର୍ତ୍ତି କରାଇଥିଲେ । ପରେ ଗୌରାଙ୍ଗଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତର ଗୌରାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ । ପାରିବାରିକ କଳହକୁ କେନ୍ଦ୍ର କରି ଗୌରାଙ୍ଗ ଏସିଡ ପିଇ ଦେଇଥିବା ଆଲୋଚନା ହେଉଛି ।

# ବିଧାନସଭାରେ ରାସ୍ତା ନିର୍ମାଣ ପ୍ରସଙ୍ଗ ଉଠାଇଲେ ରାଜନଗର ବିଧାୟକ

**ରାଜନଗର, ୨୬।୧୧ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନମଣ୍ଡଳୀରେ ରାସ୍ତା ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ରାସ୍ତା ନିର୍ମାଣ ଶେଷ ହେବାର ଅବଧି ସରିବାକୁ ବସିଥିଲେ ମଧ୍ୟ କେଉଁଠି ରାସ୍ତା ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଆଉ କେଉଁଠି ଆଦୌ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇନି। ରାସ୍ତା ନିର୍ମାଣ ପାଇଁ ସରକାର ଅର୍ଥ ଦେବା ସହିତ ଟେଣ୍ଡର କରି ଠିକାଦାର ନିଯୁକ୍ତି କରିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନୀ ଯୋଗୁଁ ରାସ୍ତାକାମ ହେଉନି, ଯାହାକୁ ନେଇ ସାଧାରଣରେ ପତିକ୍ରିୟା ବଢୁଥିବା ବେଳେ ଲୋକେ ହୀନସ୍ତା ଭୋଗୁଛନ୍ତି। ଆଜି ବିଧାନସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗର ନିର୍ବାଚନମଣ୍ଡଳୀରେ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଟେଣ୍ଡର ହୋଇ ଏଗ୍ରୀମେଣ୍ଟ ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ରାସ୍ତା ଗୁଡିକ ହୋଇନପାରିବାର କାରଣ କଣ ଓ ସେଗୁଡିକ କେବେ ଆରମ୍ଭ ହେବ ଓ କେବେ ଶେଷ ହେବ, ଏ ନେଇ ପ୍ରଶ୍ନ କରିଥିଲେ।

ମାନ୍ୟବର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ରାଜନଗର ନିର୍ବାଚନମଣ୍ଡଳୀରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୦ଟି ରାସ୍ତା ୫୬କିମି ୫୬୦ ମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବା ସହ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଛି ଓ ରାସ୍ତା ନିର୍ମାଣ କାମ ଚାଲୁ ରହିଛି। ସେଥିମଧ୍ୟରୁ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଦକ୍ଷିଣଭେଡା ରାସ୍ତା ଓ ମୁଗକଣି ଆରଆଣ୍ଡବି

### ମାର୍ଚ୍ଚ ସୁଦ୍ଧା ସରିବ ରାସ୍ତା କାମ

ରୋଡ ଠାରୁ ବଧି ଭାୟା ପରିପାଙ୍ଗରା ଗୋଖଣୀ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ରାଜବିଜୟନଗର ଭାୟା ବଳଭଦ୍ରପୁର ରାସ୍ତା, ବଡପଡ଼ା ଠୁ ଦେଉଳି ଭାୟା କାଠିଆପଡ଼ା, କଣିପାଳ, ବାଇପାଟଣା, ସାନମୋହନପୁର, ଭୋଇପଡ଼ା, ବାଲିପାଟଣା ରାସ୍ତା, ମାଳିପୁର ଠାରୁ ବଳଭଦ୍ରପୁର ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଖର୍ଦ୍ଧାପାଟଣା, ଛତ୍ରଧାରୀପାଟଣା ରାସ୍ତା, ବଡଓଲରା ଠାରୁ ଭଗବାନପୁର ଭାୟା ସାନଓଲରା, ବାଘମାରୀ ଠାରୁ ଅହିରାଜପୁର ଭାୟା ଅମରାବତୀ, ଗିରିଆପାହି, ଦେଉଳସାହି, ଅନନ୍ତକେଶରୀ ରାସ୍ତା, ବେଲପାଳ ଆରଡି ରୋଡ ଠୁଁ ବେଲପାଳ ବାସୁଳେଇ ରୋଡ, କେରୁଆଁପାଳ ଲୁଣାବନ୍ଧ ମନୋରଞ୍ଜନ ମଣ୍ଡଳ ଘର ଠାରୁ ଲକ୍ଷ୍ମୀକାନ୍ତ ମଣ୍ଡଳ ଘର ଯାଏଁ ରାସ୍ତା, ବିଲିକଣା ଠାରୁ ବାଲିଆପଲ୍ଲୀ ଭାୟା ସାତକୁଡିଆ ରାସ୍ତା ଜମିଜମା ସମସ୍ୟା ଥିବାରୁ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିଲେ ମଧ୍ୟ ଏହି ସମସ୍ୟାକୁ ସମାଧାନ କରାଯାଇ ରାସ୍ତା ଗୁଡିକ ନିର୍ମାଣ କାର୍ଯ୍ୟ ଚଳିତ ଆଥିକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଉତର ରଖିଛନ୍ତି। ଏଥିସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ରାସ୍ତାର ପ୍ରସ୍ତାବ ହସ୍ତଗତ ହୋଇଛି। ଯୋଜନାର ନିୟମବଳୀ ଅନୁଯାୟୀ ଯାଞ୍ଚ କରାଯାଇ ସରକାରଙ୍କ ଅନୁମୋଦନ କ୍ରମେ ଟେଣ୍ଡର ମାଧ୍ୟମରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଉତ୍ତର ରଖିଛନ୍ତି।

# ସମ୍ବିଧାନ ଆମ ଗଣତନ୍ତ୍ରର ମଜଭୁତ ଆଧାର

## ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହ



**ନୂଆଦିଲ୍ଲୀ,୨୬।୧୧:** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (ନଭେମ୍ବର ୨୬, ୨୦୨୪) ସଂସଦ ଭବନର ସେଣ୍ଟ୍ରାଲ ହଲରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ୭୫ ବର୍ଷ ପୂର୍ବେ ଆଜିର ଦିନରେ 'ସମ୍ବିଧାନ ସଦନ'ର ଏହି ସେଣ୍ଟ୍ରାଲ ହଲ୍ ରେ ସମ୍ବିଧାନ ସଭା ଏକ ନୂଆ ସ୍ୱାଧୀନ ଦେଶ ପାଇଁ ସମ୍ବିଧାନ ପ୍ରଣୟନର ବିଶାଳ କାର୍ଯ୍ୟ ସମ୍ପାଦନ କରିଥିଲା। ସେଦିନ ସମ୍ବିଧାନ ସଭା ମାଧ୍ୟମରେ ଆମେ ଭାରତର ଜନସାଧାରଣ ଏହି ସମ୍ବିଧାନକୁ ଗ୍ରହଣ କରିଥିଲୁ, ପ୍ରଣୟନ କରିଥିଲୁ ଏବଂ ନିଜକୁ ସମର୍ପିତ କରିଥିଲୁ । ରାଷ୍ଟ୍ରପତି କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର। ଆମ ସମ୍ବିଧାନ ଆମର ସାମୂହିକ ଏବଂ ବ୍ୟକ୍ତିଗତ ସମ୍ମାନକୁ ସୁନିଶ୍ଚିତ କରେ । ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ନାଗରିକ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରିଥିଲେ। ଆସନ୍ତା ବର୍ଷ ଜାନୁଆରୀ ୨୬ରେ ଆମେ ଆମ ସାଧାରଣତନ୍ତ୍ରର ୭୫ତମ ବାର୍ଷିକୀ ପାଳନ କରିବୁ। ଏଭଳି ଉତ୍ସବ ଆମକୁ ଆମର ଯାତ୍ରାର ସମୀକ୍ଷା କରିବା ଏବଂ ଆଗାମୀ ଯାତ୍ରା ପାଇଁ ଭଲ ଯୋଜନା କରିବାର ସୁଯୋଗ ପ୍ରଦାନ କରିଥାଏ। ଏଭଳି ଉତ୍ସବ ଆମର ଏକତାକୁ ସୁଦୃଢ଼ କରିବା ସହ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଏକାଠି ବୋଲି ଦର୍ଶାଇଛି। ରାଷ୍ଟ୍ରପତି କହିଛନ୍ତି ଯେ ଗୋଟିଏ ଦୃଷ୍ଟିରୁ ଭାରତର ସମ୍ବିଧାନ ହେଉଛି ପ୍ରାୟ ତିନି ବର୍ଷର ବିଚାରବିମର୍ଶର ଫଳ। କିନ୍ତୁ ପ୍ରକୃତ ଅର୍ଥରେ ଏହା ଆମର ଦୀର୍ଘ ସ୍ୱାଧୀନତା ସଂଗ୍ରାମର ପରିଣାମ ଥିଲା। ସେହି ଅତୁଳନୀୟ ଜାତୀୟ ଆନ୍ଦୋଳନର ଆଦର୍ଶ ସମ୍ବିଧାନରେ ସ୍ଥାନ ପାଇଥିଲା। ସେହି ଆଦର୍ଶଗୁଡ଼ିକୁ ସମ୍ବିଧାନର ପ୍ରସ୍ତାବନାରେ ସଂକ୍ଷିପ୍ତ ଭାବରେ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ । ଅନେକ ଯୁଗରୁ ଏହି ଆଦର୍ଶ ଭାରତକୁ ଭିନ୍ନ ସଂଜ୍ଞା ଦେଇ ଆସିଛି। ସମ୍ବିଧାନର ପ୍ରସ୍ତାବନାରେ ଦର୍ଶାଯାଇଥିବା ଆଦର୍ଶ ପରସ୍ପରର ପରିପୂରକ। ସେଗୁଡ଼ିକ ମିଳିମିଶି ଏପରି ଏକ ପରିବେଶ ସୃଷ୍ଟି କରନ୍ତି ଯେଉଁଥିରେ ପ୍ରତ୍ୟେକ ନାଗରିକ ଉନ୍ନତି, ସମାଜରେ ଯୋଗଦାନ ଏବଂ ସାଥୀ ନାଗରିକମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଆନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ, କାର୍ଯ୍ୟପାଳିକା, ବିଧାନପାଳିକା ଏବଂ ନ୍ୟାୟପାଳିକା ତଥା ସମସ୍ତ ନାଗରିକଙ୍କର ସକ୍ରିୟ ଅଂଶଗ୍ରହଣରୁ ଆମର ସାମ୍ବିଧାନିକ ଆଦର୍ଶକୁ ଶକ୍ତି ମିଳିଥାଏ। ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଆମ ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଭାରତର ଏକତା ଓ ଅଖଣ୍ଡତା ରକ୍ଷା, ସମାଜରେ ସୌହାର୍ଦ୍ଦ୍ୟ କୁ ପ୍ରୋତ୍ସାହିତ କରିବା, ମହିଳାଙ୍କ ସମ୍ମାନ ସୁନିଶ୍ଚିତ କରିବା, ପରିବେଶ ସୁରକ୍ଷା, ବୈଜ୍ଞାନିକ ମନୋଭାବର ବିକାଶ, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ଏବଂ ଦେଶକୁ ଉଚ୍ଚସ୍ତରରେ ସଫଳତାରେ ପହଞ୍ଚାଇବା ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।

## ବିପର୍ଯ୍ୟୟ ପ୍ରଶମନ ଓ ଦକ୍ଷତା ବିକାଶ ପ୍ରକଳ୍ପକୁ ୧୧୧୫.୬୭ କୋଟି ମଞ୍ଜୁର



**ନୂଆଦିଲ୍ଲୀ,୨୬।୧୧:** କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବିଭିନ୍ନ ରାଜ୍ୟ ପାଇଁ ବିପର୍ଯ୍ୟୟ ପ୍ରଶମନ ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ପାଇଁ ୧୧୧୫.୬୭ କୋଟି ଟଙ୍କା ମଞ୍ଜୁର କରିଛି। ଅର୍ଥମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ନୀତି ଆୟୋଗର ଉପାଧ୍ୟକ୍ଷଙ୍କୁ ନେଇ ଗଠିତ ଏହି କମିଟି ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ପାଣ୍ଠି ଯୋଗାଣ ପାଇଁ ୧୫ଟି ରାଜ୍ୟରେ ଭୂସ୍ଖଳନ ବିପଦ ହ୍ରାସ କରିବା ଏବଂ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ)ର ମଧ୍ୟରୁ ପ୍ରସ୍ତୁତି ଏବଂ ଦକ୍ଷତା ବୃଦ୍ଧି ଅଧୀନରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି ପାଇଁ ଅନ୍ୟ ଏକ ପ୍ରସ୍ତାବ ଉପରେ ବିଚାର କରିଥିଲା। ଉଚ୍ଚସ୍ତରୀୟ କମିଟି ମୋଟ ୧୦ କୋଟି ଟଙ୍କା ବ୍ୟୟରେ ୧୫ଟି ରାଜ୍ୟ (ଅରୁଣାଚଳ ପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ, ତ୍ରିପୁରା, ଉତ୍ତରାଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ)ରେ ଜାତୀୟ ଭୂସ୍ଖଳନ ବିପଦ ପ୍ରଶମନ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି କମିଟି ଉତ୍ତରାଖଣ୍ଡ ପାଇଁ ୧୩୯ କୋଟି ଟଙ୍କା, ହିମାଚଳ ପ୍ରଦେଶ ପାଇଁ ୧୩୯ କୋଟି ଟଙ୍କା, ୮ଟି ଉତ୍ତର ପୂର୍ବ ରାଜ୍ୟ ପାଇଁ ୩୭୮ କୋଟି ଟଙ୍କା, ମହାରାଷ୍ଟ୍ର ପାଇଁ ୧୦୦ କୋଟି ଟଙ୍କା, କର୍ଣ୍ଣାଟକ ପାଇଁ ୭୨ କୋଟି ଟଙ୍କା, କେରଳ ପାଇଁ ୭୨ କୋଟି ଟଙ୍କା, ତାମିଲନାଡୁ ପାଇଁ ୫୦ କୋଟି ଟଙ୍କା ଏବଂ ପଶ୍ଚିମବଙ୍ଗ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛି।

## ଦୁଗ୍ଧ ଉତ୍ପାଦନ ହେବ ଦୁଇଗୁଣ



**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ଦୁଗ୍ଧ ଉତ୍ପାଦନରେ ରାଜ୍ୟର ଗ୍ରାମୀଣ ବିକାଶ ପାଇଁ ସାମର୍ଥ୍ୟ ରହିଛି। ଦୁଗ୍ଧ ଉତ୍ପାଦନ ସହିତ ଚାଷୀ ଓ ମହିଳାଙ୍କ ବିକାଶ ଜଡ଼ିତ ଥିବାରୁ ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେଉଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି। ମଙ୍ଗଳବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ଭେଟେନାରୀ କଲେଜ ସଭାଗୃହରେ ଆୟୋଜିତ ଜାତୀୟ ଦୁଗ୍ଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଯେ ରାଜ୍ୟରେ ଏବେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି। ମୁଣ୍ଡିପିଛା ଦୈନିକ ୩୦୦ ଗ୍ରାମ ଦୁଗ୍ଧ ଆବଶ୍ୟକ ଥିବା ସ୍ଥଳେ ଆମ ରାଜ୍ୟରେ ପ୍ରାୟ ୧୬୦ ଗ୍ରାମ ଦୁଗ୍ଧ ଉତ୍ପାଦିତ ହେଉଛି। ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ନୂତନ ଭାବେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗାଈ ଫାର୍ମ ଓ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି। ଏହି ଅବସରରେ ଶ୍ରୀ ମଲ୍ଲିକ ଶ୍ୱେତ ବିପ୍ଳବର ଜନକ ପଦ୍ମବିଭୂଷଣ ଡ. ଭି କୁରିୟନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ଓମ୍‌ଫେଡ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଷୟ ଅମୃତ କୁଲାଙ୍ଗେ, ପ୍ରାଣୀସମ୍ପଦ ବିଭାଗ ନିର୍ଦ୍ଦେଶକ ରାମାଶିଷ ହାଜରା, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ଗୌତମ ପାତ୍ର ପ୍ରମୁଖ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨୫ ସଫଳ ଦୁଗ୍ଧଚାଷୀ ଓ ତଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

## ସୋଆ-ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ରାଜିନାମା

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ପରସ୍ପର ସହଯୋଗିତାରେ ଗବେଷଣା ତଥା ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ଓ ଛତିଶଗଡ଼ର ବିଳାସପୁର ସ୍ଥିତ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏଠାରେ ଶୁକ୍ରବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହି ରାଜିନାମା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟ ସହମତିରେ ବାୟୋମେଡିକାଲ୍, ରୋବୋଟିକ୍ସ, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ମେସିନ୍ ଲର୍ଣ୍ଣିଂ ଭଳି କ୍ଷେତ୍ରରେ ଗବେଷଣା କରିବେ ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମରେ ଭାଗ ନେବେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ସମ୍ବିତ



କୁମାର ପାଢ଼ୀଙ୍କ ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ତରଫରୁ ପ୍ରଫେସର ପାଢ଼ୀ ଏହି ରାଜିନାମାରେ ସ୍ୱାକ୍ଷର କରିଥିଲେ। ଉଭୟ ପକ୍ଷ ମିଳିତ ଭାବେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟ ମଧ୍ୟ ହାତକୁ ନେବେ। ଏହା ଛଡ଼ା ସୋଆର ଫ୍ୟାକଲ୍ଟି ଗରୁ ଘାସିଦାସ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ରଛାତ୍ରୀଙ୍କର ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟ କରିବେ। ଏହି ରାଜିନାମା ସ୍ୱାକ୍ଷର ହେବା ବେଳେ ସୋଆର ଫ୍ୟାକଲ୍ଟି ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି, ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍) ପ୍ରଫେସର ଧୀରେନ୍ଦ୍ରନାଥ ଥାଟୋଇ, କେମିଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ସୁଜାତା ମିଶ୍ର, ଫିଜିକ୍ସ ବିଭାଗର ପ୍ରଫେସର ଏସ୍. କେ. କମିଲା ଓ ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ରାଜଭବନରେ ସମ୍ବିଧାନ ଦିବସ ପାଳିତ



**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ଚଳିତ ନଭେମ୍ବର ୨୬ ତାରିଖ ମଙ୍ଗଳବାର ଦିନ ରାଜଭବନଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ୍‌ଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜଭବନରୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରମୁଖ ଶାସନ ସଚିବ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ। ସମ୍ବିଧାନ ସଭାରେ ୧୯୪୯ ମସିହା ନଭେମ୍ବର ୨୬ତାରିଖରେ ସମ୍ବିଧାନ ଗୃହୀତ ହୋଇଥିବାରୁ ଏହି ଦିବସକୁ ସମ୍ବିଧାନ ଦିବସଭାବେ ପାଳନ କରାଯାଇଥାଏ।

## ୟୁପିଇଏସ୍ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଉତ୍ତରାଖଣ୍ଡ ୟୁପିଇଏସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ମଙ୍ଗଳବାର ଡେରାଡୁନ୍‌ସ୍ଥିତ ୟୁପିଇଏସ୍ ବିଶ୍ୱବିଦ୍ୟାଳୟର ୨୨ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୧ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ମାନସୂଚକ ଡିଗ୍ରୀ ପ୍ରଦାନ ଅବସରରେ



ଶ୍ରୀ ସାମନ୍ତଙ୍କ ଅସାଧାରଣ ସାମାଜିକ ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ୬୧ ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ଏହି ଅବସରରେ ବ୍ରିଟିଶ୍ ପାର୍ଲାମେଣ୍ଟର ସାଂସଦ ଲର୍ଡ କରଣ ବିଲିମୋରିଆଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି।

## ପୂର୍ବତଟ ରେଳପଥରେ ସମ୍ବିଧାନ ଦିବସ

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନରେ ଆଜି ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି ଉତ୍ସବରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲଙ୍କ ନେତୃତ୍ୱରେ



ଭାରତ ସମ୍ବିଧାନର ମୁଖବନ୍ଧ ସାମୂହିକ ପଠନରେ ଅଂଶଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସହିତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଉତ୍ସବର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଅଧୀନରେ ଥିବା ତିନୋଟି ରେଳ ମଣ୍ଡଳ - ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁରରେ ମଧ୍ୟ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି ଦିବସ ପାଳନ ମଧ୍ୟ ରେଳପଥର ବିଭିନ୍ନ ରେଳ ଷ୍ଟେସନକୁ ମଧ୍ୟ ପ୍ରସାରିତ ହୋଇଥିଲା। ସୁଦୂର ସ୍ଥାନରେ ଅବସ୍ଥିତ ରେଳ କର୍ମଚାରୀମାନେ ମଧ୍ୟ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ପଠନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



# ବିଧାନସଭା ଖବର

## ମେଗା ପାନୀୟଜଳ ପ୍ରକଳ୍ପ
## ୧୬ଟି କାର୍ଯ୍ୟ ସରିଛି : ୧୯୧ ଟି ନିର୍ମାଣାଧୀନ

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ମାତ୍ର ୧୬ଟି ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଛି। ଅବଶିଷ୍ଟ ୧୯୧ଟି ମେଗା ପାନୀୟଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀ ଶ୍ରୀ ନାୟକ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏପର୍ଯ୍ୟନ୍ତ ମୋଟ୍ ୨୦୭ଟି ମେଗା ପାନୀୟଜଳଯୋଗାଣ ପ୍ରକଳ୍ପର ର୍ନିମାଣ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ସେଥିରୁ ମାତ୍ର ୧୬ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୧୯୧ ଟିପ୍ରକଳ୍ପର ନିର୍ମାଣାଧିନ ଅଛି। ଏହି ୨୦୭ ଟି ମେଗା ପାନୀୟଜଳ ପ୍ରକଳ୍ପ ମଧ୍ୟରୁ ୧୫୮ଟିର ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ସରିପାରି ନାହିଁ। ସମ୍ପୂର୍ଣ୍ଣ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ମଧ୍ୟରେ ନୂଆପଡା ଜିଲ୍ଲାରେ ସର୍ବାଧିକ ୫ଟି ପ୍ରକଳ୍ପ ଥିବାବେଳେ କେନ୍ଦୁଝର, ଯାଜପୁର ଓ ଅନୁଗୁଳରେ ୨ଟି କରି ରହିଛି ଏବଂ ବଲାଙ୍ଗିର, ବାଲେଶ୍ୱର, ଭଦ୍ରକ, କଟକ ଓ ପୁରୀରେ ଗୋଟିଏ କରି ରହିଛି। ନିର୍ମାଣାଧିନ ୧୯୧ ପ୍ରକଳ୍ପ ମଧ୍ୟରେ ସର୍ବାଧିକ ୧୮ଟି ରାୟଗଡ଼ା ଜିଲ୍ଲାରେ ଥିବାବେଳେ ମୟୁରଭଞ୍ଜରେ ୧୪ଟି, ସୁନ୍ଦରଗଡ଼ରେ ୧୧ଟି, ମାଲକାନଗିରିରେ ୧୦ଟି ପ୍ରକଳ୍ପ ରହିଛି। ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସଂଖ୍ୟା ଏକ ଅଙ୍କରେ ସୀମି ଅଛି। ଓଡିଶାରେ ମେଗା ପାନୀୟଜଳ ନିର୍ମାଣ କରୁଥିବା ପ୍ରକଳ୍ପ ମଧ୍ୟରେ ଏନ୍‌ସିସି, ଜୁବେରୀ, ଏଲଆଣ୍ଡଟି, ଜେଏମସି-ଜେଡବ୍ଲ୍ୟୁଏଲ୍, ବ୍ଲୁଷ୍ଟାର-ଏସଏମପିଏଲ୍, ବ୍ଲୁ ଷ୍ଟାର ଏସପିଏଲ୍, କେଇସି କାବେରୀ, ଏମଇଆଇଏଲ୍, ଲକ୍ଷ୍ମୀ ସିଭିଲ ଇନଫ୍ରା, ଭୋଲଟାଜ୍, ମର୍ଣ୍ଣେକାର୍ଲୋ ଅମୃତ, ଏମଇଆଇଏଲ୍, ଜିଭିପିଆର, ଏପିଆରଇ ଇନଫ୍ରାଷ୍ଟ୍ରକଚର, ଲେଜର ଜିସିକେସି, ସୂର୍ଯ୍ୟ ଇଣ୍ଟରନେସନାଲ ଆଦି ରହିଛନ୍ତି।

## ଠିକା କର୍ମଚାରୀଙ୍କ ନବୀକରଣ ପାଇଁ ପଦକ୍ଷେପ ନିଆଯାଉଛି
## ନଗର ଉନ୍ନୟନ ମନ୍ତ୍ରୀଙ୍କ ସୂଚନା

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ ଓ ଦପ୍ତରରେ କାର୍ଯ୍ୟରତ ସଂଖ୍ୟାଧିକ ଆଉଟସୋର୍ସିଂ କର୍ମଚାରୀମାନଙ୍କର ନିଯୁକ୍ତି ଅବଧି ଗତ ସେପ୍ଟେମ୍ବର ମାସରୁ ସରିଯାଇଛି। ସେମାନଙ୍କ ନିଯୁକ୍ତି ଅବଧି ନବୀକରଣ ଲାଗି ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଡାକ୍ତର ମହାପାତ୍ର କହିଛନ୍ତି ଯେ ମୁକ୍ତା, ଜାତୀୟ ସହରାଞ୍ଚଳର ଜୀବିକା ମିଶନ, ଆହାର, ଜଳସାଥୀ, ଟିଏସୟୁ ଲିଗାଲ ସେଲ୍, ଜଳ ପୁନରୁଦ୍ଧାର ୟୁନିଟ୍, ବର୍ଜ୍ୟଜଳ ପରିଚାଳନା, ଟାଉନ ପ୍ଲାନିଂ ପିଏମୟୁ, ବିଏମସି ଅଧିନରେ ଥିବା ସିଏଲୟୁପିପି, ଓୟୁଆଇଡିଏଫ୍ ପିଏମୟୁ, ଜାଗା ମିଶନ ଆଦି ବହୁ ସ୍ଥାନରେ କର୍ମଚାରୀମାନଙ୍କର ନିଯୁକ୍ତି ଅବଧି ଗତ ସେପ୍ଟେମ୍ବର ମାସରୁ ସମାପ୍ତ ହୋଇଛି। ଏହିସବୁ କର୍ମଚାରୀମାନଙ୍କୁ ସିଇଡି, ଏକ୍ସଇଏମ୍ ଭେଞ୍ଚର, ଇଆଣ୍ଡୱାଇ ଏଲଏଲପି, କେୟାର ସିକୁରିଟିଜ୍, ଲାଲଦାସ ଆଣ୍ଡ କୋ, ରାଜହଂସ କନସ୍ୟୁଲଟାନ୍ସ ଆଦିରୁ ଆଉଟସୋର୍ସିରେ ଅଣାଯାଇଥିଲା। ତେବେ କିଛି କର୍ମଚାରୀଙ୍କର ନିଯୁକ୍ତି ଅବଧି ଆସନ୍ତା ବର୍ଷ ଜୁନ୍‌ମାସ ପର୍ଯ୍ୟନ୍ତ ରହଛି। ନିଯୁକ୍ତି ଅବଧି ସରିଥିବା କର୍ମଚାରୀମାନଙ୍କର କୌଣସି ବକେୟା ପ୍ରାପ୍ୟ ନଥିବା ମନ୍ତ୍ରୀ ଉଲ୍ଲେଖ କରିଥିବାବେଳେ ଏମାନଙ୍କ ନିଯୁକ୍ତିର ନବୀକରଣ ପାଇଁ ପଦକ୍ଷେପ ନିଆଯାଉଥିବା କହିଛନ୍ତି।

## ଶିଶୁ ଶ୍ରମିକ ଚିହ୍ନଟ ସର୍ଭେ ୨୭ବର୍ଷ ତଳେ ହୋଇଥିଲା
## ୫ବର୍ଷରେ ରୁଜୁ ହୋଇଛି ୧୫୯ ମୋକଦ୍ଦମା

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଶେଷ ଥର ପାଇଁ ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ସର୍ଭେ କରିଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଶେଷଥର ପାଇଁ ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ସର୍ଭେ ହୋଇଥିଲା। ଏହି ସର୍ଭେରେ ୨, ୧୫, ୨୨୨ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ଗତ ୫ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୮୩ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଶିଶୁ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରିବା ଲୋକଙ୍କ ବିରୁଦ୍ଧରେ ଏହି ସମୟରେ ୧୫୯ଟି ମୋକଦ୍ଦମା ଦାୟର କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ଏଡିବି କର୍ମଶାଳାରେ ଯୋଗଦେଲେ ଉଷା ପାଢ଼ୀ



**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ଏଡିବି ପକ୍ଷରୁ ଦକ୍ଷିଣ କୋରିଆ ସିଓଲ ଠାରେ ସୁଲଭ ଆବାସ ସମ୍ପର୍କରେ ଏକ ଚାରି ଦିନିଆ କର୍ମଶାଳା ଅନୁଷ୍ଠିତ ହେଉଛି। ଏହି ସମ୍ମାନ ଜନକ ଆନ୍ତର୍ଜାତିକ କର୍ମଶାଳାରେ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଭାରତ ସରକାରଙ୍କ ପକ୍ଷରୁ ଯୋଗଦେଇଛନ୍ତି। ଏ ନେଇ ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଶ୍ରୀମତୀ ପାଢ଼ୀଙ୍କୁ ମନୋନୀତ କରାଯାଇଛି ଓ ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଚାରି ଦିନିଆ କର୍ମଶାଳାରେ ବିଭିନ୍ନ ଦେଶର ବିଶେଷଜ୍ଞ ଓ ପଦାଧିକାରୀ ମାନେ ଏକତ୍ରିତ ହୋଇ ସୁଲଭ ଆବାସ ଉପରେ ରଣନୀତି ଓ ସର୍ବୋତ୍ତମ ଅଭ୍ୟାସ ବିଷୟରେ ଆଲୋଚନା କରିବେ। ଏହି ଅନ୍ତର୍ଜାତୀୟ ମଞ୍ଚରେ ଅଂଶଗ୍ରହଣ କରି, ଶ୍ରୀମତୀ ପାଢ଼ୀ ଭାରତର ଅଭିଜ୍ଞତା ବାଣ୍ଟିବା ଏବଂ ବିଶ୍ୱର ସର୍ବୋତ୍ତମ ଅଭ୍ୟାସରୁ ଶିଖି ସମସ୍ତଙ୍କୁ ସୁଲଭ ଏବଂ ବାସପଯୋଗୀ ଆବାସ ଯୋଗାଇବା ପାଇଁ ଦେଶର ପ୍ରୟାସରେ ଯୋଗଦାନ ଲାଗି ସହାୟକ ହୋଇପାରିବ।

## ଶାସନ ପ୍ରଣାଳୀକୁ ସରଳ କରିଛି ସମ୍ବିଧାନ

**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ସମ୍ବିଧାନ ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଥିବାବେଳେ ରାଜ୍ୟ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ଓ ଲିଗାଲ ସେଲ୍‌ଫ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଉଦ୍‌ଘାଟନ କରି କହିଥିଲେ ଯେ, ଭାରତୀୟ ସମ୍ବିଧାନ ଆମ ଦେଶର ଶାସନ ପ୍ରଣାଳୀକୁ ସରଳ କରିବା ସହ ସର୍ବବ୍ୟାପୀ ତଥା ସମସ୍ତ ନାଗରିକଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି। ଆମ ସମ୍ବିଧାନ, ଆମ ସ୍ୱାଭିମାନ। ଏହି ଅବସରରେ ଶ୍ରୀ ସାମଲ ଭାରତ ସମ୍ବିଧାନ ପ୍ରସ୍ତାବନାକୁ ଶପଥ କରାଇଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କଂଗ୍ରେସ ସରକାର ସମୟରେ ସମ୍ବିଧାନର କାର୍ଯ୍ୟକାରିତାରେ ଅନେକ ତ୍ରୁଟି କରିବା ସହ ନିଜ ଦଳର ରାଜନୈତିକ ସ୍ୱାର୍ଥ ପାଇଁ ସମ୍ବିଧାନକୁ ବଦଳାଇବା ଏବଂ ଅପବ୍ୟବହାର କରିଥିଲେ ବୋଲି କହିଛନ୍ତି। ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀ ସୁଦର୍ଶନ ନାୟକ ଉପସ୍ଥାପନା କରିବା ପରେ ଅନ୍ୟତମ ବକ୍ତା କେନ୍ଦ୍ର ସରକାରଙ୍କ ଷ୍ଟାଡିଂ କାଉନ୍‌ସିଲ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ବିଧାୟକ ଅଗସ୍ତି ବେହେରା, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରବିଶଂକର




ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ରଖିଥିଲେ। ସୂଚନାଯୋଗ୍ୟ, ସମ୍ବିଧାନ ଦିବସକୁ ପୂର୍ବରୁ ଆଇନ ଦିବସ ଭାବେ ପାଳନ କରାଯାଉଥିଲା। ଭାରତରେ ସମ୍ବିଧାନ ଗ୍ରହଣକୁ ସ୍ମରଣ କରିବା ପାଇଁ ପ୍ରତବର୍ଷ ୨୬ ନଭେମ୍ବରରେ ଭାରତରେ ପାଳନ କରାଯାଉଛି। ୨୬ ନଭେମ୍ବର ୧୯୪୯ରେ ଭାରତର ସମ୍ବିଧାନ ସଭା ନୂତନ ଭାବେ ପ୍ରସ୍ତୁତ ସମ୍ବିଧାନକୁ ଗ୍ରହଣ କଲା। ୨୬ ଜାନୁଆରୀ ୧୯୫୦ରେ ଏହା ଲାଗୁ ହୋଇଥିଲା। ଏହା ଭାରତୀୟ ଇତିହାସରେ ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିଟ କରିଥିଲା। ତେବେ ଗେଜଟ୍ ବିଜ୍ଞପ୍ତି ଦ୍ୱାରା ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ "ସମ୍ବିଧାନ ଦିବସ" ଭାବେ ଘୋଷଣା କରିଥିଲେ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ଡ. ବାବାସାହେବ ଆମ୍ବେଦକରଙ୍କ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ସ୍ଥିତି ପାଇଁ ମୂଳଦୁଆ ପକାଇବାବେଳେ ଏହି ଘୋଷଣା କରିଥିଲେ। ଏହାପରେ ମୋଦିଜୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା।

## ସମସ୍ତ ଏସଆଣ୍ଡଟି କ୍ଲଷ୍ଟରଗୁଡ଼ିକର ଦ୍ୱିତୀୟ ବୈଠକ



**ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା (ପିଏସ୍‌ଏ) ପ୍ରଫେସର ଅଜୟ କେ ସୁଦଙ୍କ ଅଧ୍ୟକ୍ଷତାରେ ନଭେମ୍ବର ୨୫-୨୬ ରେ ଭୁବନେଶ୍ୱରରେ ସମସ୍ତ ସର୍ବଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (ଏସ ଆଣ୍ଡ ଟି) କ୍ଲଷ୍ଟରର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୫ ନଭେମ୍ବର ୨୦୨୪ରେ ପିଏସଏ କାର୍ଯ୍ୟାଳୟ (ଓପିଏସ୍‌ଏ)ର ୨୫ତମ ବାର୍ଷିକୀ ଅବସରରେ ଭୁବନେଶ୍ୱର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ (ବିସିକେଆଇସି) ପକ୍ଷରୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୦ରେ ଓପିଏସଏ ଦ୍ୱାରା ଆରମ୍ଭ ହୋଇଥିବା ଏସ୍ ଆଣ୍ଡଟି କ୍ଲଷ୍ଟର ଇନିସିଏଟିଭ୍ ସମଗ୍ର ଦେଶରେ ଆଠଟି ସକ୍ରିୟ କ୍ଲଷ୍ଟର ପ୍ରତିଷ୍ଠା କରିଛି- ଆନ୍ଧ୍ରପ୍ରଦେଶ ମେଡଟେକ ଜୋନ୍ (ଏଏମଟିଜେଡ୍) - ଭାଇଜାଗ୍, ବେଙ୍ଗାଲୁରୁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା (ବିଇଏସଟି), ଭୁବନେଶ୍ୱର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର୍ ଫାଉଣ୍ଡେସନ୍ (ବିସିକେଆଇସି), ଦିଲ୍ଲୀ ରିସର୍ଚ୍ଚ ଇମ୍ପ୍ଲିମେଣ୍ଟେସନ୍ ଆଣ୍ଡ ଇନୋଭେସନ୍ (ଡିଆରଆଇଆଇଭି), ଯୋଧପୁର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର (ଜେସିକେଆଇସି), ପଞ୍ଜାବ ବିଶ୍ୱବିଦ୍ୟାଳୟ - ଆଇଆଇଟି ରୋପର ଆଞ୍ଚଳିକ ଉଦ୍ଭାବନ ପାଇଁ ଆକ୍ସେଲେରେଟର (ପିଆଇ-ରାହି), ପୁଣେ ନଲେଜ କ୍ଲଷ୍ଟର ଫାଉଣ୍ଡେସନ (ପିକେସିଏଫ) ଏବଂ ହାଇଦ୍ରାବାଦ୍ ରିସର୍ଚ୍ଚ ଆଣ୍ଡ ଇନୋଭେସନ ସର୍କଲ (ରିଚ)। ଅଭିନବ ଏସ୍ ଆଣ୍ଡ ଟି ହସ୍ତକ୍ଷେପ ମାଧ୍ୟମରେ ଆଞ୍ଚଳିକ ଆହ୍ୱାନର ମିଳିତ ଭାବେ ମୁକାବିଲା କରିବା ପାଇଁ ଏହି କ୍ଲଷ୍ଟରଗୁଡ଼ିକ ଶିକ୍ଷା, ଶିଳ୍ପ ଜଗତ, ସ୍ଥାନୀୟ ସରକାର ଏବଂ ଷ୍ଟାର୍ଟଅପଗୁଡ଼ିକୁ ଏକାଠି କରନ୍ତି। ବୈଠକରେ ସମସ୍ତ ୮ଟି କ୍ଲଷ୍ଟର ସେମାନଙ୍କର ସଫଳତା ଓ ବର୍ତ୍ତମାନ ଜାରି ରହିଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ ସହଯୋଗୀ ପ୍ରୟାସର ସୁଫଳକୁ ଦର୍ଶାଇଥିଲେ।

## ରାଜ୍ୟରେ ଅଛନ୍ତି ୩୦ ମହାବଳ, ୬୯୬ କଲରାପତରିଆ

**ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ବନଖଣ୍ଡରେ ମାତ୍ର ୩୦ ମହାବଳ ରହିଛନ୍ତି। ୨୦୨୪ ବାଘ ଗଣନାରୁ ଏହା ଜଣାପଡ଼ିଛି ବୋଲି କହିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୨୭, କେନ୍ଦୁଝର ବନପ୍ରାଣୀ ବନଖଣ୍ଡରେ ୧, ପାରଳାଖେମୁଣ୍ଡିରେ ୧ ଏବଂ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ ମହାବଳ ରହିଛନ୍ତି। ଏହାବ୍ୟତିତ ଶିମିଳିପାଳରେ



୮ ମହାବଳ ଶାବକ ଥିବା ଠାବ କରାଯାଇଛି। ଏହାସହିତ ବନଖଣ୍ଡରେ ୬୯୬ କଲରାପତରିଆ ବାଘ ରହିଛନ୍ତି। ୨୦୧୮ ମସିହାରେ ଅନ୍ୟ ରାଜ୍ୟରୁ ଓଡିଶାରୁ ୨ଟି ମହାବଳ ଆସିଥିଲେ ଓ ସେମାନଙ୍କୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡାଯାଇଥିଲା। ଅନ୍ୟ ରାଜ୍ୟରୁ ଆସିଥିବା ମହାବଳ ମଧ୍ୟରୁ ଗୋଟିଏ ମୃତ୍ୟୁବରଣ କରିଥିବାବେଳେ ଆଉ ଗୋଟିଏ ମହାବଳ ମଧ୍ୟପ୍ରଦେଶକୁ ଫେରାଇ ଦିଆଯାଇଥିଲା। ରାଜ୍ୟରେ ମହାବଳ ବାଘ ବଂଶବୃଦ୍ଧି ପାଇଁ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ଶିମିଳିପାଳ, ସାତକୋଶିଆ ଓ ଦେବ୍ରିଗଡ଼ ଅଭୟାରଣ୍ୟକୁ ମହାବଳ ଅଣାଯିବାପାଇଁ ଥିବା ପ୍ରସ୍ତାବକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ତଦନୁଯାୟୀ ପ୍ରଥମ ପର୍ଯ୍ୟାୟରେ ମହାରାଷ୍ଟ୍ରର ତଡୋବା ଅନ୍ଧାରି ବ୍ୟାଘ୍ର ପ୍ରକଳ୍ପରୁ ଦୁଇଗୋଟି ବାଘୁଣୀ ଶିମିଳିପାଳକୁ ଅଣାଯାଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରାର୍ଥନାର ଶକ୍ତି-ଈଶ୍ୱରଙ୍କ ଆଗରେ ଜାନୁପାତି ଅନ୍ତରରୁ ପ୍ରାର୍ଥନା କଲେ ସେ ଯେଉଁଠି ଥିଲେ ବି ଶୁଣନ୍ତି। ପ୍ରାର୍ଥନାର ଶକ୍ତି ଅସୀମ। ଏଥିରେ ଲୁହା ବି ତରଳିଯିବ।

SANCHAR
ସଞ୍ଚାର



# ପ୍ରତିରକ୍ଷା ବ୍ୟବସାୟରେ ସଫଳତା

ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରକି ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି। ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

## ସମ୍ପାଦକଙ୍କୁ ପତ୍ର

### ଏକନମ୍ବର ହାଟ ପୁନର୍ଗଠନ କେବେ

**ମହାଶୟ,**

ରାଜଧାନୀ ଭୁବନେଶ୍ୱରର ସର୍ବପୁରାତନ ଏବଂ ସର୍ବବୃହତ ବ୍ୟବସାୟ କେନ୍ଦ୍ର ଏକ ନମ୍ବର ହାଟ ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ରହିଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଏହାର କଳେବର ମଧ୍ୟ ଦିନକୁ ଦନି ବଢ଼ିଚାଲିଛି। ହାଟ ସମ୍ମୁଖ ମୁଖ୍ୟ ରାସ୍ତା ଏଥିଲାଗି ଅଧିକାଂଶ ସମୟରେ ଅବରୋଧ ହୋଇ ରହୁଛି। ହାଟ ପଛ ପଟେ ନାରୀମହଲଠାରୁ ଏକନମ୍ବର ହାଇସ୍କୁଲ, କିଶୋର କ୍ଲବ ଏବଂ ଆଖପାଖ ସରକାରୀ କ୍ୱାର୍ଟ ସମ୍ମୁଖ ରାସ୍ତା ମଧ୍ୟ ଏହା ଦ୍ୱାରା ଅବରୁଦ୍ଧ ହେଉଛି। ଗାଡ଼ି ରଖିବାକୁ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା ନାହିଁ। ଏଭଳି ପରିସ୍ଥିତିରେ ହାଟର ପୁନର୍ଗଠନ ଏବଂ ଏହାର କିଛି ଅଂଶକୁ ସ୍ଥାନାନ୍ତର କରିବା ଜରୁରୀ। ହାଟରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରିବାକୁ ଅନେକ ଦିନରୁ ଯୋଜନା ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନି। ଏଥିଲାଗି ଇଚ୍ଛାଶକ୍ତିର ଅଭାବ ରହିଛି। ସରକାର ତୁରନ୍ତ ହାଟ ନିକଟବର୍ତ୍ତୀ ସମସ୍ତ ସରକାରୀ କ୍ୱାର୍ଟର ଭାଙ୍ଗି ଏହାକୁ ସମ୍ପ୍ରସାରଣ କରିବା ଉଚିତ।

**କୈଳାଶ ଚନ୍ଦ୍ର ମଙ୍ଗରାଜ, ୟୁନିଟ-୧, ଭୁବନେଶ୍ୱର**

# ବିଦେଶୀ ଧନର ପ୍ରଭାବରୁ ସମାଜକୁ ରକ୍ଷା କରିବାକୁ ବଡ଼ ପଦକ୍ଷେପ



**ଡ. ସମନ୍ୱୟ ନନ୍ଦ**

ଦେଶରେ ବହୁଳ ମାତ୍ରାରେ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ସେମାନେ ଦେଶର ବିଭିନ୍ନ ସମସ୍ୟାକୁ ନେଇ କାମ କରୁଥିବା ବୋଲି ଦାବି କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ବାସ୍ତବରେ ତାଙ୍କର ଘୋଷିତ ଉଦ୍ଦେଶ୍ୟର ବିଲକୁଲ ଓଲଟା କାମ କରୁଥିବା ଦେଖିବାକୁ ମିଳିଥାଏ। ଏମାନଙ୍କ ମଧ୍ୟରୁ ଏନେକ ଏନଜିଏଓ ଫରେନ କଣ୍ଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫସିଆରଏ) -ଅନୁଯାୟୀ ପଂଜୀକୃତ ହୋଇଥାନ୍ତି ଓ ସେମାନଙ୍କର କାମ ପାଇଁ ବିଭିନ୍ନ ଦେଶରୁ ବିପୁଳ ମାତ୍ରାରେ ବିଦେଶୀ ଧନ ଆଣିଥାନ୍ତି। ବିଦେଶରୁ ଆଣୁଥିବା ଏହି ଅର୍ଥରେ ସେମାନେ ସମାଜକୁ ଭାଗ ଭାଗ କରିବା, ଦେଶର ବିକାଶମୂଳକ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିବା, ଦେଶର ଲୋକ ମାନଙ୍କୁ ପ୍ରଲୋଭନ ଓ ଅନ୍ୟ ବେଆଇନ ଉପାୟରେ କନଭର୍ଟ କରିବା ଆଦି କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି। ତେବେ ଭାରତ ସରକାର ଗତ ନଭେମ୍ବର ମାସ ୮ ତାରିଖ ଦିନ ଏଫସିଆରଏକୁ ନେଇ ଏକ ନୋଟିସ ଜାରୀ କରିଛନ୍ତି। ଏଫସିଆରଏ ଜରିଆରେ ଅର୍ଥ ବିଦେଶରୁ ଆଣୁଥିବା ଏହି ଏନଜିଓ ମାନେ ଯଦି କୌଣସି ପ୍ରକାର ଉପରୋକ୍ତ ବେଆଇନ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ଏହି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହି ଲେଖାରେ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ କଣ ଉଲ୍ଲେଖ ରହିଛି ସେ ବିଷୟରେ ଆଲୋଚନା କରିବା।

ଯଦି ଦେଖିବାକୁ ଯିବା ମୋଦୀ ସରକାର ଆସିବା ପର ଠାରୁ ହିଁ ଏହି ଏଫସିଆରଏ ଆଇନର ଉଲ୍ଲଂଘନ କରୁଥିବା ଏନଜିଓ ଓ ଅନ୍ୟ ସଂସ୍ଥା ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ କରି ଆସୁଛି। ଚଳିତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହେଉଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ଏନଜିଓ ମାନଙ୍କ ଉପରେ ଜାଞ୍ଚ ପ୍ରକ୍ରିୟାକୁ ଆହୁରି କଡା କଡି କରାଯିବ। ବିଦେଶରୁ ଧନ ଆଣି ସାମାଜିକ ଓ ବିକାଶମୂଳକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସରକାର କଡା ନଜର ରଖିବାର ବ୍ୟବସ୍ଥା କରୁଛନ୍ତି।

ଅନେକ ସମୟରେ ଦେଖା ଯାଉଛି ଯେ ଯେତେବେଳେ ସରକାର କୌଣସି ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଯାଆନ୍ତି ସେତେବେଳେ ହଠାତ ଉକ୍ତ ଅଞ୍ଚଳରେ ସେହି ବିକାଶ କାର୍ଯ୍ୟକୁ କରାଇ ନ ଦେବାକୁ ଆନ୍ଦୋଳନ ହୁଏ। ଭିତିଭୂମି ହେଉ, ସ୍ୱାସ୍ଥ୍ୟ ସେବା ହେଉ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହେଉ, ଏ ସବୁକୁ ରୋକିବାକୁ ଆନ୍ଦୋଳନ କରାଯାଇଥାଏ। ଆନ୍ଦୋଳନରେ ସାଧାରଣ ଲୋକ ମାନେ ତ ସାମିଲ ଥାଆନ୍ତି ହେଲେ ଏହା ପଛରେ କିଏ ଥାଏ ? ଏହି ଆନ୍ଦୋଳନକୁ ପଛରୁ ଥାଇ କିଏ ପରିଚାଳନା କରୁ ଥାଏ ? ଆନ୍ଦୋଳନର ଖର୍ଚ୍ଚ କିଏ ବହନ କରିଥାଏ ? ଅନେକ ସମୟରେ ପ୍ରମାଣ ମିଳିଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ସଂସ୍ଥା ଓ ଏନଜିଓ ମାନେ ଲୋକ ମାନଙ୍କୁ ମତାଇ ବିକାଶ ମୂଳକ କାର୍ଯ୍ୟ ନ କରାଇ ଦେବାକୁ ଆନ୍ଦୋଳନର ପଛରେ ଥାଆନ୍ତି। ଆନ୍ଦୋଳନର ଖର୍ଚ୍ଚକୁ ସେମାନେ ବହନ କରିଥାନ୍ତି। ସମାଜରେ କାମ କରିବାର ଉଦ୍ଦେଶ୍ୟ ଦେଖାଇ ସେମାନେ ବିଦେଶରୁ ଅର୍ଥ ଆଣନ୍ତି ହେଲେ ଏହାର ବ୍ୟବହାର ଭାରତର ବିକାଶକୁ ରୋକିବାକୁ କରିଥାନ୍ତି। ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସଂସ୍ଥା ଓ ଏନଜିଓ ମାନଙ୍କର ଏଫସିଆରଏ ଲାଇସେନ୍ସ ରଦ୍ଦ କରାଯିବ।

ଦ୍ୱିତୀୟ ବିଷୟଟି ହେଲା ବେଆଇନ ଭାବେ ହିନ୍ଦୁ ମାନଙ୍କୁ କନଭର୍ଟ କରିବା। ଏଭଳି ଅନେକ ଏନଜିଓ ଅଛନ୍ତି ଯେଉଁମାନେ ବିଦେଶରୁ ଅର୍ଥ ସେବା କରିବା ନାମରେ ଆଣନ୍ତି ହେଲେ ତାର ବ୍ୟବହାର ଭାରତର ହିନ୍ଦୁ ମାନଙ୍କୁ କନଭର୍ଟ କରିବାରେ ଖର୍ଚ୍ଚ କରିଥାନ୍ତି। କନଭର୍ଟ କରିବା ସହ ସେମାନେ ବିଭିନ୍ନ ସ୍ତର ଦେଇ କାମ କରିଥାନ୍ତି। ସେମାନେ ସମାଜରେ ବିଭିନ୍ନ ଜାତି ଜାତି ମଧ୍ୟରେ ବିଷମତାକୁ ବଢ଼ାଇବାକୁ ଚେଷ୍ଟା କରିଥାନ୍ତି। ସମାଜର ବିଭିନ୍ନ ବର୍ଗ



ମଧ୍ୟରେ ବିଦ୍ୱେଷ ଉତ୍ପନ୍ନ କରାଇଥାନ୍ତି। ସେମାନେ କେବଳ ଦେଶର ଲୋକ ମାନଙ୍କୁ କନଭର୍ଟ ହି କରି ନ ଥାନ୍ତି ବରଂ ସମାଜରେ ବିଦ୍ୱେଷର ମଞ୍ଜି ମଧ୍ୟ ବୁଣିଥାନ୍ତି। ଏବେ ଏଭଳି ସଂସ୍ଥା ଓ ଏନଜିଓ ମାନଙ୍କୁ ଆଉ ଛଡା ଯିବ ନାହିଁ। ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି। ବିଦେଶରୁ ଧନ ଆଣି ଭାରତର ଲୋକ ମାନଙ୍କୁ କନଭର୍ଟ କରିବାର ପ୍ରକ୍ରିୟା ଉପରେ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ସରକାର ଅନୁଭବ କରିଛନ୍ତି। ତେଣୁ କୌଣସି ସଂସ୍ଥା ବା ଏନଜିଓ ଯଦି ବିଦେଶରୁ ଧନ ଆଣି ଭାରତୀୟ ମାନଙ୍କୁ କନଭର୍ଟ କରିବାର କାମ କରୁଥିବା କୌଣସି ଫିଲ୍ଡ ଏଜେନ୍ସି ରିପୋର୍ଟ ଦିଏ ତେବେ ଉକ୍ତ ସଂସ୍ଥା ବା ଏନଜିଓର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏହି ନିର୍ଦ୍ଦେଶନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ ରହିଛି। ଅନେକ ସମୟରେ ଦେଖା ଯାଇଛି ଯେ ଏଫସିଆରଏ ଜରିଆରେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ବିଭିନ୍ନ ସଂସ୍ଥା ଓ ଏନଜିଓ ଓ ଏଗୁଡିକର ପ୍ରମୁଖ ପଦାଧିକାରୀ ବିଭିନ୍ନ ଆତଙ୍କବାଦୀ ସଂଗଠନ, କିମ୍ବା ହିଂସା କରୁଥିବା ସଂଗଠନ ମାନଙ୍କ ସହ ସମ୍ପର୍କ ରହିଥାଏ। ଏବେ ଏଭଳି ମାମଲା ଗୁଡିକ ମଧ୍ୟ ଜାଞ୍ଚ ହେବ। ଉଦାହରଣ ସ୍ୱରୂପ ଯଦି ଉତର ପୂର୍ବ ଭାରତରେ ବିଦେଶରୁ ଅନୁଦାନ ଆଣି କାର୍ଯ୍ୟ କରୁଥିବା କୌଣସି ସଂସ୍ଥା ସେଠାରେ କୌଣସି ଆତଙ୍କବାଦୀ କିମ୍ବା ହିଂସା କରୁଥିବା ସଂଗଠନ ସହ ସମ୍ପର୍କ ରଖିଥାଏ ଓ ଯଦି ତାହା ଜାତୀୟ ସୁରକ୍ଷା ପାଇଁ ବିପଦ ଥିବ ତେବେ ଏହାକୁ ମଧ୍ୟ ଏଫସିଆରଏର ଉଲ୍ଲଂଘନ ବୋଲି ଧରା ଯିବ। ଏଭଳି କ୍ଷେତ୍ରରେ ମଧ୍ୟ ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରି ଦିଆଯିବ। ନୂଆ ନିର୍ଦ୍ଦେଶନାମାରେ ବିଚ୍ଛିନ୍ନତାବାଦୀ ଶକ୍ତି, ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ସମ୍ପର୍କ ରଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଦେଶର ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ନୂଆ ନିର୍ଦ୍ଦେଶନାମାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ରହିଛି। ଅନେକ ସମୟରେ ଦେଖା ଯାଏ ଯେଉଁ ଉଦ୍ଦେଶ୍ୟ ରଖି ଏନଜିଓ ସଂସ୍ଥା ମାନେ ବିଦେଶରୁ ଅନୁଦାନ ଆଣିଥାନ୍ତି ସେହି ଉଦ୍ଦେଶ୍ୟରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିବା ବଦଳରେ ଅନ୍ୟବାଟରେ ଖର୍ଚ୍ଚ କରିଥାନ୍ତି। ନୂତନ ନିର୍ଦ୍ଦେଶନାମା ଅନୁସାରେ ଯଦି କେହି ଏନଜିଓ ଏଭଳି କାର୍ଯ୍ୟ କରେ ତେବେ ତାଙ୍କ ବିରୁଦ୍ଧରେ ଦଂଡବିଧାନର ବ୍ୟବସ୍ଥା ରହିଛି। କେବଳ ସେତିକି ନୁହେଁ ସେମାନଙ୍କର ଏଫସିଆରଏ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରେ। ଯଦି କୌଣସି ଏନଜିଓ ସଂସ୍ଥା ଅନୁଦାନକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛି କିମ୍ବା ଅନ୍ୟ ପ୍ରକାର କାର୍ଯ୍ୟକଳାପ କରୁଛି ତେବେ ଉକ୍ତ ସଂସ୍ଥା ଜାଞ୍ଚର ପରିସର ମଧ୍ୟକୁ ଆସିବ। ଏହା ଦ୍ୱାରା ବିଦେଶୀ ଅର୍ଥରେ ପରିଚାଳିତ ସଂସ୍ଥା ମାନଙ୍କର ଉତରଦାୟିତ୍ୱ ମଧ୍ୟ ସ୍ଥିର ହେବ ବୋଲି ଆଶା କରାଯାଉଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ଭିତିଭୂମି ସମ୍ପର୍କିତ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ବିରୁଦ୍ଧରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି। ଏହି ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତଃ ଭାବେ ନୁହେଁ ବରଂ ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ମାନେ କରାଉଥିବାର ସ୍ପଷ୍ଟ ପ୍ରମାଣ ଦେଖିବାକୁ ମିଳୁଛି। ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ଗୁଡିକ ଭିତିଭୂମି ପ୍ରକଳ୍ପ ଗୁଡିକ ବିରୁଦ୍ଧରେ ଜନ ଆନ୍ଦୋଳନ ଠିଆ କରାଇ ବାସ୍ତବରେ ଭାରତ ବିରୋଧୀ ଶକ୍ତି ମାନଙ୍କ ପାଇଁ ପରୋକ୍ଷରେ କାର୍ଯ୍ୟ କରିଥାନ୍ତି। ଯେଉଁ ବିଦେଶୀ ଶକ୍ତି ମାନେ ଭାରତ ଆଗକୁ ବଢୁ ବୋଲି ଚାହନ୍ତି ନାହିଁ ସେମାନଙ୍କର ଉଦ୍ଦେଶ୍ୟକୁ ଏହି ଏନଜିଓ ମାନେ ଚରିତାର୍ଥ କରିବାକୁ ଚେଷ୍ଟା କରିଥାନ୍ତି। ଏହି କାରଣରୁ ଦେଶର ବିଦ୍ୟୁତ ଶକ୍ତି ଓ ଅନ୍ୟାନ୍ୟ ଭିତିଭୂମି ପ୍ରକଳ୍ପ ଦୀର୍ଘ ଦିନ ଧରି ବିଳମ୍ବିତ ହେଉଛି। ଭାରତର ଜନସାଧାରଣଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି। ସେହିପରି ବିଦେଶୀ ଅର୍ଥରେ ଭାରତର ସମାଜକୁ ବିଭାଜିତ କରି ସେମାନଙ୍କୁ କନଭର୍ଟ କରିବାକୁ ଯେଉଁ ପ୍ରୟାସ ଲଗାତାର ଚାଲିଛି ତାହା ମଧ୍ୟ ଅତ୍ୟନ୍ତ ଉଦବେଗଜନକ। ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଦେଶ ସମ୍ମୁଖରେ ଥିବା ଏହି ଜ୍ୱଳନ୍ତ ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ପ୍ରୟାସ କରାଯାଇଛି ଯାହାକୁ ସ୍ୱାଗତ କରାଯିବା ଉଚିତ। କିଛି ଲୋକ ଏହା ଦ୍ୱାରା କ୍ଷତି ହେବ ବୋଲି ବିନା କାରଣରେ ଆଶଙ୍କା ପ୍ରକାଶ କରୁଛନ୍ତି। କାରଣ ଯେଉଁ ସଂସ୍ଥା କୌଣସି ବେଆଇନ କାମ ନ କରି ସଠିକ କାର୍ଯ୍ୟ କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରଶ୍ନ ଉଠୁ ନାହିଁ। ତେଣୁ ମୋଟ ଉପରେ କହିବାକୁ ଗଲେ ବିଦେଶୀ ଅର୍ଥରେ ଭାରତରେ ହସ୍ତକ୍ଷେପ କରାଯିବାର ପ୍ରୟାସକୁ କୌଣସି ପ୍ରକାରରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମୋଦୀ ସରକାର ଏହା ମାଧ୍ୟମରେ ସ୍ପଷ୍ଟ ସଂକେତ ଦେଇଛନ୍ତି।

# ଚର୍ଚ୍ଚାରେ ବୈଷୟିକ ଶିକ୍ଷା

**ବିକ୍ରମ ଦାଶ**

ଆଜିର ସମୟକୁ ଟିକିଏ ଭଲ ଭାବେ ଦେଖନ୍ତୁ। ଦିନକୁ ଦିନ ବୈଷୟିକ ଶିକ୍ଷା ପ୍ରତି ପିଲାଙ୍କର ଗୋଟିଏ ପଟରେ ଆଗ୍ରହ ବଢ଼ୁଥିବାବେଳେ ଅନ୍ୟ ପଟେ ବୈଷୟିକ ଶିକ୍ଷାର ମାନକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି। ପିଲାମାନଙ୍କ ଭିତରେ ଯୁଗପୋଯୋଗୀ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ନିଶ୍ଚିନ୍ତ ଭାବରେ ଖୁସିର କଥା। ଦେଶରେ ଗତ କିଛି ବର୍ଷ ଧରି ସ୍ନାତକ ବୈଷୟିକ ଓ ପ୍ରଯୁକ୍ତି ପାଠ୍ୟକ୍ରମ ବିଟେକରେ ଆସନ ସଂଖ୍ୟା ହ୍ରାସ ପାଉଥିଲାବେଳେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୮-୮୪ ଶତାଂଶ ବୃଦ୍ଧି ହେବା ଏ କ୍ଷେତ୍ରରେ ନୂଆ ଆଶା ସଞ୍ଚାର କରିବା ସ୍ୱାଭାବିକ। ଅଲ ଇଣ୍ଡିଆ କାଉନସିଲ ଫର ଟେକନିକାଲ ଏଜୁକେସନର ତଥ୍ୟ ଅନୁଯାୟୀ ୨୦୨୧-୨୨ରେ ଦେଶର ଇଞ୍ଜିନିୟରିଂ କଲେଜ ଗୁଡ଼ିକରେ ଆସନ ସଂଖ୍ୟା ସର୍ବନିମ୍ନ ସ୍ତରକୁ ହ୍ରାସ ପାଇ ୧୨ ଲକ୍ଷ ୫୪ ହଜାରରେ ପହଞ୍ଚିଥିଲା କିନ୍ତୁ ଏହା ୨୦୨୪-୨୫ରେ ୧୪ ଲକ୍ଷ ୯୦ ହଜାରକୁ ବୃଦ୍ଧି ପାଇଛି। ଗତ ଦଶନ୍ଧିରେ ବିଭିନ୍ନ କାରଣରୁ ପ୍ରାୟ ପ୍ରତି ବର୍ଷ ଆସନ ସଂଖ୍ୟା ହ୍ରାସ ପାଇ ଆସୁଥିଲାବେଳେ ଏ ବୃଦ୍ଧି ନିଶ୍ଚୟ ଉତ୍ସାହଜନକ।

ଉଲ୍ଲେଖଯୋଗ୍ୟ ଯେ ଗତ ଦଶନ୍ଧିରେ ଚାହିଦା ଅଭାବରୁ ବହୁ ଇଞ୍ଜିନିୟରିଂ କଲେଜ ବନ୍ଦ ହୋଇଯାଇଥିଲା। ଏସବୁ କଲେଜର ନିୟାମକ ସଂସ୍ଥା ଏଆଇସିଟିଇ ନିୟମକାନୁନର ଅନୁପାଳନ କରୁ ନଥିବା ବହୁ କଲେଜକୁ ଅନୁମତି ଦେଇଥିବା ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା କହିଲେ ଭୁଲ ହେବନାହିଁ। ଉପଯୁକ୍ତ ଭିତିଭୂମି, ପରୀକ୍ଷାଗାର, ତାଲିମପ୍ରାପ୍ତ ଶିକ୍ଷକ/ଅଧ୍ୟାପକ ନଥିବା ସତ୍ତ୍ୱେ ବହୁ କଲେଜ କେବଳ ବ୍ୟାବସାୟିକ ଲାଭ ପାଇଁ ଖୋଲାଯାଇଥିଲା। ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ଏଆଇସିଟିଇ ସ୍ପଷ୍ଟ ଭାବେ କହିଛି ଯେ ଯେଉଁ ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ଭିତ୍ତିଭୂମି ଓ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଥିବେ ସେଠାରେ ହିଁ ଆସନ ସଂଖ୍ୟା ବୃଦ୍ଧି କରାଯିବ।

ଗତ ଦଶନ୍ଧିରେ ବୈଷୟିକ ଶିକ୍ଷାକୁ ନେଇ ଅନେକ ନକାରାତ୍ମକତା ମଧ୍ୟ ଦେଖିବାକୁ ମିଳିଥିଲା। ଏକାଧିକ ରିପୋର୍ଟରୁ ଜଣାଯାଇଥିଲା ଯେ ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନ ଯେଉଁ ପାଠ ପଢ଼ାନ୍ତି, ତାହା ବାସ୍ତବ କ୍ଷେତ୍ରରେ ବା ଚାକିରି ପାଇଁ ଅନୁପଯୋଗୀ। ତେଣୁ ପ୍ରାୟ ୩୦ ଶତାଂଶ ବୈଷୟିକ ଛାତ୍ରଛାତ୍ରୀଙ୍କୁ କାମ ମିଳିନଥାଏ। ଗତବର୍ଷ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଏଭଳି ବେକାର ଇଞ୍ଜିନିୟରଙ୍କ ସଂଖ୍ୟା ୪୮ ଶତାଂଶ ବୋଲି କହିଥିଲେ। ଯାହା ସତ୍ୟ ହୋଇଥିଲେ ନିଶ୍ଚିତ ଉଦବେଗଜନକ। ଏ କଥା ସତ ଯେ ବିଶ୍ୱରେ ପ୍ରତିବର୍ଷ ସବୁଠୁ ବେଶି ଇଞ୍ଜିନିୟର ଭାରତରୁ ହିଁ ବାହାରନ୍ତି କିନ୍ତୁ ସେମାନଙ୍କ ଠାରୁ ଯେଉଁ କୌଶଳ ଓ ଦକ୍ଷତା ଆଶା କରାଯାଏ ତାହା ମିଳେ ନାହିଁ। ଏଥିପାଇଁ ମୁଖ୍ୟତଃ ଶିକ୍ଷା ବ୍ୟବସ୍ଥା ଓ ନିୟାମକ ସଂସ୍ଥା ଯେ ଦୋଷୀ, ତାହା କହିବା ନିଷ୍ପ୍ରୟୋଜନ। ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନରେ ବ୍ୟାବହାରିକ ପ୍ରଶିକ୍ଷଣ ଦିଆଯାଏ ନାହିଁ। ଯାହା ଇଞ୍ଜିନିୟରିଂ ଭଳି ପ୍ରାୟୋଗିକ ବିଜ୍ଞାନର ଏକ ମୌଳିକ ଆବଶ୍ୟକତା। ଏହା ବ୍ୟତୀତ ଭାରତରେ ଗବେଷଣା ଓ ବିକାଶ କ୍ଷେତ୍ର ସବୁଠୁ ବେଶ ଅବହେଳିତ ଯାହା ଗୁଣାତ୍ମକ କୌଶଳ ବୃଦ୍ଧି ସକାଶେ ନିହାତି ଜରୁରୀ। ଅପରପକ୍ଷେ ବୈଷୟିକ ଶିକ୍ଷାରେ ଅତ୍ୟାଧୁନିକ ବିଷୟବସ୍ତୁ ସଂଯୋଗର ସମୟ ଉପଗତ। ସମ୍ପ୍ରତି କୃତ୍ରିମ ବୁଦ୍ଧିମତା, ଡେଟା ସାଇନ୍ସ, ରୋବୋଟିକ୍ସ, ସାଇବର ସୁରକ୍ଷା ଭଳି ବିଭିନ୍ନ ବିଷୟ ପଢ଼ାଯିବାର ଆବଶ୍ୟକତା ଅନୁଭୂତ ହେଉଛି। ଅବଶ୍ୟ ଏଆଇସିଟିଇର ସଦ୍ୟ ନିର୍ଦ୍ଦେଶାବଳୀ ଏହା ଉପରେ ଗୁରୁତ୍ୱାରୋପ କରିଛି ଯାହା ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ଅନୁରୂପ। ତେବେ ଏସବୁ ଅତ୍ୟାଧୁନିକ ଜ୍ଞାନକୌଶଳର ଶିକ୍ଷା ଦେବା ପାଇଁ ଯେଉଁ ଭିତ୍ତିଭୂମି ଆବଶ୍ୟକ ତାହା ପ୍ରଥମେ ସୁନିଶ୍ଚିତ କରାଯିବା ଦରକାର।

ଶିକ୍ଷାନୁଷ୍ଠାନ ଛୋଟ ହେଉ କି ବଡ଼ ଦକ୍ଷ ଶିକ୍ଷକ ହିଁ ସେଠାକାର ଛାତ୍ରଛାତ୍ରୀଙ୍କ ପାଇଁ ଅସଲ ଜ୍ଞାନକେନ୍ଦ୍ର। ତେଣୁ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ପ୍ରତ୍ୟେକ ବୈଷୟିକ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଦିଆଯିବା ଅପରିହାର୍ଯ୍ୟ। ଆବଶ୍ୟକ ହେଲେ ଆଇଆଇଟି ଭଳି ଦେଶର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ବିଶେଷଜ୍ଞଙ୍କୁ ଅନ୍ୟ କଲେଜର ଶିକ୍ଷକଙ୍କୁ ଶିକ୍ଷା ତାଲିମ ଦେବାର ବ୍ୟବସ୍ଥା କରାଯାଇପାରେ। ସ୍ମରଣଯୋଗ୍ୟ ଯେ କିଛି ବର୍ଷ ତଳେ ଓଡ଼ିଶାର କେତେକ ପ୍ରମୁଖ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ନାଁରେ ପ୍ରେସମେଣ୍ଟ ଠକେଇ, ଅଧିକ ଫି ଆଦାୟ ଓ ଅନ୍ୟାନ୍ୟ ଶୋଷଣ କରାଯାଉଥିବା ଭଳି ସଂଗୀନ ଅଭିଯୋଗ ଆସିଥିଲା ଏବଂ ଏହାର ପ୍ରମାଣ ମଧ୍ୟ ମିଳିଥିଲା। ତେଣୁ ଏଆଇସିଟିଇ ଏଭଳି ଅନିୟମିତତାକୁ ଉପେକ୍ଷା ନକରି ଅବିଳମ୍ବେ ଦୋଷୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବାଞ୍ଛନୀୟ।

**ରୋଟାରୀ କ୍ଲବ**
**କଟକ-ବାରବାଟୀ, ସିଡ଼ିଏ, କଟକ**

# ୩, ୩୫୩ କୋଟି ଟଙ୍କା ପୁଞ୍ଜିନିବେଶକୁ ମଞ୍ଜୁରୀ



**ବାଦଲ ଭୂୟାଁ**

ଓଡ଼ିଶା ରାଜ୍ୟ ସ୍ଥାପନର ଶହେ ବର୍ଷ ପୂର୍ତ୍ତି ୨୦୩୬ରେ ପୂରଣ ହେବାକୁ ଯାଉଥିବାବେଳେ ରାଜ୍ୟକୁ ସମଗ୍ର ଦେଶରେ ଏକ ସମୃଦ୍ଧ, ସଶକ୍ତ ଓ ଦ୍ରୁତ ଅଗସର ପଥରେ ନେବାକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ପୂର୍ବ ଭାରତର ବିକାଶ ଇଞ୍ଜିନ ଭାବେ ଓଡ଼ିଶା କାର୍ଯ୍ୟ କରିବା ସହ ଗତ ବର୍ଷ ତୁଳନାରେ ଏ ବର୍ଷ କେନ୍ଦ୍ର ସରକାର ଓଡ଼ିଶାକୁ ଅଧିକ ୩୦ ପ୍ରତିଶତ ଅଧିକ ବଜେଟ ଦେଇଛନ୍ତି। ନିକଟରେ ଓଡ଼ିଶା ସରକାର ୧୩୨ ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ଅନୁମୋଦନ ମିଳିଛି। ଏହା ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନୂତନ ଭାବେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଅଧିକ ପ୍ରଭାବୀ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଏକ ବିବିଧ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି, ଇସ୍ପାତ ଡାଉନଷ୍ଟ୍ରିମ, ଆଲୁମିନିୟମଷ୍ଟ୍ରିମ, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫଂକ୍ଚରିଂ, ଟେକ୍ସଟାଇଲ ଏବଂ ଆପେରେଲ, ପର୍ଯ୍ୟଟନ, ଫାର୍ମାସ୍ୟୁଟିକାଲ୍ସ ଏବଂ ସିମେଣ୍ଟ କ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରୁଛି। ଅନୁମୋଦନ ଲାଭ କରିଥିବା ଏହି ସମସ୍ତ ପ୍ରକଳ୍ପ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସଙ୍ଗେ ସଙ୍ଗେ ଏକ ସୁଦୃଢ଼ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାର ନିରନ୍ତର ଧ୍ୟାନ ରହିଥିବା ପ୍ରତିଫଳିତ କରୁଛି।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ ପୁରୀରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ ଓ ଫର୍ମେଣ୍ଟେଡ ଜୈବିକ ସାର କାରଖାନା ସ୍ଥାପନ କରିବ। ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ବିଶିଷ୍ଟ ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବା ସହିତ ଏଥିରେ ରାଜ୍ୟର ନିରନ୍ତର ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ରହିଛି। ଇସ୍ପାତ କ୍ଷେତ୍ରରେ କଟକରେ ବିକେ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ, ବିଲେଟ, ଫେରୋଆଲଏଜ, ସିଣ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ କରିବ। କେବଳ ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି, ଯାହା ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

ଏଚ ଏମ ପାୱାର ଆଣ୍ଡ କେବଲ୍ସ ପ୍ରାଇଭେଟ ଲିମିଟେଡ ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରୁଥିବାରୁ ଡାଉନଷ୍ଟ୍ରିମ ଆଲୁମିନିୟମ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳୁଛି। ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପ ୨୦୫ ଜଣ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଥିବା ବେଳେ ଓଡ଼ିଶାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ଏବଂ ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ଉପରେ ନିର୍ଭର କରୁଥିବା ଶିଳ୍ପଗୁଡ଼ିକୁ ସହାୟତା କରିବା ପାଇଁ ଏହା ଓଡ଼ିଶାର ରଣନୀତି ସହ ଯୋଡ଼ି ହୋଇଛି। ଏହା ବ୍ୟତୀତ ଖୋର୍ଦ୍ଧାରେ ନେକ୍ସଟ ଥର୍ମାଲ ଏସିଆ ପ୍ରାଇଭେଟ ଲିମିଟେଡ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହିଟିଂ ଏଲିମେଣ୍ଟସ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହାକି ଇସ୍ପାତ ଶିଳ୍ପ ଉପରେ ନିର୍ଭରଶୀଳ ଆନୁସଙ୍ଗିକ ଇସ୍ପାତ ଶିଳ୍ପକୁ ଅତ୍ୟାବଶ୍ୟକ ଉପାଦାନ ଯୋଗାଇଦେବ। ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ ପ୍ରାଇଭେଟ ଲିମିଟେଡ ଅବନ ବିଭରେଜ ପ୍ରାଇଭେଟ ଲିମିଟେଡ, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ ଲିମିଟେଡର ପ୍ରକଳ୍ପ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି। ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ଖାଦ୍ୟ ଓ ପାନୀୟ ଉତ୍ପାଦନ ୟୁନିଟର ସ୍ଥାପନ ଗ୍ରାମୀଣ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ କେନ୍ଦ୍ର ଭାବରେ ଓଡ଼ିଶାର ଖ୍ୟାତିକୁ ସୁଦୃଢ଼ କରିବ। ଟେକ୍ସଟାଇଲ ଆଣ୍ଡ ଆପେରେଲ କ୍ଷେତ୍ରରେ ଓଡ଼ିଶା ଟେକ୍ସଟାଇଲର ମ୍ୟାନୁଫାକଚରିଂ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ଟେକ୍ସଟାଇଲର ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ ସୂତା ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରାଯାଉଛି। ୫୧.୮୦ କୋଟି ଟଙ୍କାର ଏହି ପଦକ୍ଷେପ ଏବଂ ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଥିବାବେଳେ ବୟନ ଶିଳ୍ପ କ୍ଷେତ୍ରରେ ପ୍ରତି ରାଜ୍ୟର ଏହା ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସି ଲିମିଟେଡ ୧୧୯.୧୪ କୋଟି ଟଙ୍କା ବିନିଯୋଗରେ ଭୁବନେଶ୍ୱରରେ ନିଜର ପଞ୍ଚତାରକା ହୋଟେଲ ୱେଲକମ ହୋଟେଲର ସମ୍ପ୍ରସାରଣ କରିବ ଏବଂ ଅତିରିକ୍ତ ୨୪୦ ନିଯୁକ୍ତି ପ୍ରଦାନ କରିବ। ଏସଜେ ଜେଆରଜି ଭେଞ୍ଚର୍ସ ଏଲଏଲପି କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ ଦ୍ୱାରା ପର୍ଯ୍ୟଟନ ସମ୍ବନ୍ଧୀୟ ଅତିରିକ୍ତ ପ୍ରକଳ୍ପ, ପୁରୀ ଏବଂ କୋରାପୁଟରେ ନୂତନ ଆତିଥେୟତା ସୁବିଧା ଆଣିବ ଏବଂ ଏଥିପାଇଁ ମୋଟ ୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୩୮୦ ନିଯୁକ୍ତି ସୃଷ୍ଟି କରିବ। ଏହା ବିକାଶ ଓଡ଼ିଶାର ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହ ପର୍ଯ୍ୟଟନସ୍ଥଳୀ ଭାବେ ଓଡ଼ିଶାର ଆକର୍ଷଣ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଫାର୍ମାସ୍ୟୁଟିକାଲ୍ସରେ ଇପଫୁନେକ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡ ୫୯.୪୩ କୋଟି ଟଙ୍କା ନିବେଶରେ କଟକରେ ଇଣ୍ଟ୍ରାଭେନସ ଫ୍ଲୁଇଡ ଉତ୍ପାଦନ ପାଇଁ ଦ୍ୱିତୀୟ ୟୁନିଟ ସ୍ଥାପନ କରିବ ଏବଂ ଏହାଦ୍ୱାରା ୧୮୨ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବ। ଅଲ୍ଟ୍ରା ଟେକ ସିମେଣ୍ଟ ଲିମିଟେଡର ପ୍ରକଳ୍ପ ଅନୁମୋଦନ ମିଳିବା ପରେ ଓଡ଼ିଶାର ସିମେଣ୍ଟ ଉତ୍ପାଦନ କ୍ଷମତା ବୃଦ୍ଧି ପାଇ କଟକରେ ଏହାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ୩ ଏମଟିପିଏରୁ ୬ ଏମଟିପିଏକୁ ବୃଦ୍ଧି ପାଇବ। ୩୭୨ କୋଟି ଟଙ୍କାର ଏହି ସମ୍ପ୍ରସାରଣ ପ୍ରକଳ୍ପ ୫୮୧ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ଏବଂ ଏହା ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ପ୍ରକଳ୍ପ ଗୁଡ଼ିକ ସମଗ୍ର ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରତିବଦ୍ଧତ, ଯାହାର ସାମୂହିକ ପୁଞ୍ଜିନିବେଶ ମୂଲ୍ୟ ୩୩୫୩.୧୫ କୋଟି ଟଙ୍କା ଏବଂ ଏଥିରେ ୪୬୩୭ ନିଯୁକ୍ତି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଓଡ଼ିଶାରେ ରାଜ୍ୟବ୍ୟାପୀ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏକାଧିକ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସୁବିଧା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ରାଜ୍ୟକୁ ବିଶ୍ୱର ଏକ ପସନ୍ଦର ନିବେଶ ସ୍ଥଳ ଭାବରେ ପରିଣତ ପାଇଁ ଲକ୍ଷ୍ୟ ରଖିଛନ୍ତି।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼**
**ପୁରୁଣା ସୋନାରୀ, ଜାମସେଦପୁର**
**ମୋବାଇଲ୍: ୯୨୦୪୬୫୨୦୬୫**

### ସମ୍ଭଲ ହିଂସା

# ସମାଜବାଦୀ ପାର୍ଟି ସାଂସଦଙ୍କ ବିରୋଧରେ ଏତଲା



**ଲକ୍ଷ୍ନୌ, ୨୬।୧୧:** ମସଜିଦ ସର୍ଭେକୁ ନେଇ ଅଶାନ୍ତ ହୋଇପଡିଛି ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲା। ରବିବାର ଦିନ ଏଠାରେ ହିଂସା ଉଗ୍ର ରୂପ ନେଇଥିଲା। ବ୍ୟାପକ ପୋଡା ଜଳା ସାଙ୍ଗକୁ ପଥର ମାଡ ହୋଇଥିଲା। ଏହି ହିଂସାତ୍ମକ ଆକ୍ରମଣରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କ ମୃତ୍ୟୁ ହୋଇଛି। ଏହି ହିଂସାକାଣ୍ଡକୁ ନେଇ ସମାଜବାଦୀ ପାର୍ଟି ସାଂସଦ ଜିଆଉର୍ ରହମାନ ବିରୋଧରେ ସଂଘାତିକ ଅଭିଯୋଗ ହୋଇଛି। ପୁଲିସ ରୁଜୁ କରିଥିବା ଏଫଆଇଆର୍‌ରେ ଜିଆଉର ରହମାନଙ୍କୁ ମୁଖ୍ୟ ଅଭିଯୁକ୍ତ ରୂପେ ଦର୍ଶାଯାଇଛି। ସେ ହିଁ ଲୋକଙ୍କୁ ଉସୁକାଇ ହିଂସାକାଣ୍ଡ ଘଟାଇଥିବା କୁହାଯାଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ସାମ୍ପ୍ରଦାୟିକ କ୍ଷତି କରିଛନ୍ତି ବୋଲି ପୁଲିସ୍ କହିଛି। ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ, ଏହି ହିଂସାକାଣ୍ଡକୁ ନେଇ ୬ଟି ଏଫଆଇଆର୍ ରୁଜୁ ହୋଇଛି। ସେଥିମଧ୍ୟରୁ ଗୋଟିଏରେ ହିଂସାର କିଛି ଦିନ ପୂର୍ବରୁ ସାଂସଦ ବିନା ଅନୁମତିରେ ମସଜିଦ ଗସ୍ତ କରିଥିଲେ। ସେଠାରେ ନମାଜ ପଢ଼ିବା ପରେ ସେ ଲୋକଙ୍କୁ ଏକାଠି କରି ହେଟ୍‌ସ୍ପିଚ୍ ଦେଇଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗକୁ ଜିଆଉର୍ ରହମାନ ଓ ତାଙ୍କ ଦଳ ଖଣ୍ଡନ କରିଛି। ହିଂସା ସମୟରେ ସେ ସହର ବାହାରେ ଥିଲେ। ପୁଲିସ ତାଙ୍କ ବିରୋଧରେ ଷଡଯନ୍ତ୍ର କରିଥିବା କହିଛନ୍ତି ସାଂସଦ। ଏଫଆଇଆର ବିଧାୟକ ଇକବାଲ ମହମୁଦଙ୍କ ପୁଅ ସୁହେଲ ଇକବାଲ ଏବଂ ଭିଡ଼ରେ ଉପସ୍ଥିତ ଥିବା ଅନ୍ୟ ଲୋକଙ୍କୁ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି।

ସମ୍ଭଲରେ ଥିବା ଜାମା ମସଜିଦ ଏକ ହିନ୍ଦୁ ମନ୍ଦିର ସ୍ଥଳରେ ନିର୍ମିତ ହୋଇଥିବା ଦାବିକୁ ନେଇ ବିବାଦ ଲାଗି ରହିଥିବା ବେଳେ ଆଇନଗତ ଲଢ଼େଇ ଏବେ ଭିନ୍ନ ମୋଡ଼ ନେଇଛି। ଜଣେ ଆଡଭୋକେଟ କମିସନରଙ୍କ ନେତୃତ୍ୱରେ ରବିବାର ସର୍ଭେ ଟିମ୍ ସର୍ଭେ କରିବାକୁ ଯାଇଥିଲା। ଏତିକି ବେଳେ ମସଜିଦ୍ ନିକଟରେ ଭିଡ଼ ଜମିବାରୁ ଉତ୍ତେଜନା ବଢ଼ିଥିଲା। ପରବର୍ତ୍ତୀ ସମୟରେ ଏହା ଭୀଷଣ ହିଂସାର ରୂପ ନେଇଥିଲା। ପୁଲିସ ଉପରକୁ ଉତ୍ତ୍ୟକ୍ତ ଲୋକେ ଢ଼େଲା ପଥର ମାଡ଼ କରିଥିଲେ। ଏଥିସହ ୧୦ରୁ ଅଧିକ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ।



# ମୁଖ୍ୟମନ୍ତ୍ରୀ ପଦରୁ ସିନ୍ଦେଙ୍କ ଇସ୍ତଫା

**ମୁମ୍ବାଇ, ୨୬।୧୧:** ଇସ୍ତଫା ଦେଲେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ସେ ନିଜ ଇସ୍ତଫାପତ୍ର ଦେଇଛନ୍ତି। ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପରେ ବର୍ତ୍ତମାନ ନୂଆ ସରକାର ଗଠନ ପାଇଁ ଚାଲିଛି ପ୍ରସ୍ତୁତି। ଏହାପରେ ଆଜି ଏକନାଥ ସିନ୍ଦେ ମୁମ୍ବାଇର ରାଜ ଭବନ ଯାଇ ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କ ପାଖକୁ ଭେଟି ସିଏମ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଅବସରରେ ଏକନାଥ ସିନ୍ଦେଙ୍କ ସହ ଅଜିତ ପାୱାର ଏବଂ ଦେବେନ୍ଦ୍ର ଫଡନାବିସ୍ ମଧ୍ୟ ଉପସ୍ଥିତ ଥିଲେ।ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି, ଶିବସେନା ଏବଂ ଏନସିପିର ସହଯୋଗୀ ମହାଯୁତି ଦଳ ବିଜୟୀ ହୋଇଛି। ତେବେ ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ କିଏ ହେବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତେବେ ରେସ୍‌ରେ ସବୁଠୁ ଆଗରେ ରହିଛନ୍ତି ଦେବେନ୍ଦ୍ର ଫଡନାବିସ୍। ତାଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରିବାକୁ ଦାବି ହେଉଛି। କୁହାଯାଉଛି ଯେ, ମହାରାଷ୍ଟ୍ର ବିଧାନସଭାର କାର୍ଯ୍ୟକାଳ ଆଜି ତଥା ନଭେମ୍ବର ୨୬ରେ ଶେଷ ହେଉଛି। ଏଭଳି ପରିସ୍ଥିତିରେ ଏକନାଥ ସିନ୍ଦେ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏହାପୂର୍ବରୁ, ମୁଖମନ୍ତ୍ରୀ ପଦବୀ ପାଇଁ ନାମ ସ୍ଥିର କରାଯିବା ଉଚିତ। ଶପଥ ଗ୍ରହଣ ସମାରୋହ କରାଯିବା ଉଚିତ୍, କିନ୍ତୁ ଏପର୍ଯ୍ୟନ୍ତ ସ୍ଥିତି ସ୍ପଷ୍ଟ ହୋଇନାହିଁ।

## ତାମିଲନାଡୁ ମୁହାଁ 'ଫେଙ୍ଗଲ'

**ନୂଆଦିଲ୍ଲୀ, ୨୬।୧୧:** ବଙ୍ଗୋପସାଗରରେ ଆଉ ଏକ ବାତ୍ୟା ଭୟ। ସମ୍ଭାବ୍ୟ ବାତ୍ୟାର ନାଁ ରଖାଯାଇଛି 'ଫେଙ୍ଗଲ'। ଏହି ସପ୍ତାହ ଶେଷ ସୁଦ୍ଧା ବାତ୍ୟା ସ୍ଥଳଭାଗ ଛୁଇଁବା ନେଇ ପୂର୍ବାନୁମାନ କରିଛନ୍ତି ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି)।

ଆଇଏମ୍‌ଡି ସୂଚନା ଅନୁସାରେ, ତାମିଲନାଡୁ ଓ ଶ୍ରୀଲଙ୍କା ଉପକୂଳରେ ଲ୍ୟାଣ୍ଡଫଲ୍ କରିପାରେ ବାତ୍ୟା। ବର୍ତ୍ତମାନ ବାତ୍ୟା ଫେଙ୍ଗଲ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତ ରୂପ ନେଇ ଉତ୍ତର ଉତ୍ତରପଶ୍ଚିମ ଆଡ଼କୁ ଘଣ୍ଟା ପ୍ରତି ୧୨ କିଲୋମିଟର ବେଗରେ ଗତି କରୁଛି। ପାଣିପାଗ ବିଭାଗର ପୂର୍ବ ଆକଳନ ଅନୁସାରେ, ଦକ୍ଷିଣ ଦକ୍ଷିଣପୂର୍ବ ଚେନ୍ନାଇଠାରୁ ୭୭୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି ବାତ୍ୟା ଫେଙ୍ଗଲ। ବର୍ତ୍ତମାନ ଉତ୍ତର ଉତ୍ତରପଶ୍ଚିମ ଆଡ଼େ ଗତି କରୁଛି। ନଭେମ୍ବର ୨୭ ସୁଦ୍ଧା ବାତ୍ୟାର ରୂପ ନେଇପାରେ। ପରବର୍ତ୍ତୀ ଦୁଇ ଦିନରେ ଅର୍ଥାତ୍ ନଭେମ୍ବର ୨୯ ତାରିଖ ମଧ୍ୟରେ ଉତ୍ତର ଉତ୍ତରପଶ୍ଚିମ ଦିଗରେ ଗତି କରି ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି।ତାମିଲନାଡୁ ଓ ଶ୍ରୀଲଙ୍କା ଉପକୂଳରେ ଲ୍ୟାଣ୍ଡଫଲ୍ କରିବା ନେଇ ପୂର୍ବାନୁମାନ କରିଛି ଆଇଏମ୍‌ଡି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପକୂଳ ଅଞ୍ଚଳବାସୀଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## କାରଖାନାରେ ଅଗ୍ନିକାଣ୍ଡ, ଜଳିଗଲେ ୩ ଶ୍ରମିକ

**ନୂଆଦିଲ୍ଲୀ, ୨୬।୧୧:** ଦିଲ୍ଲୀର ଗ୍ରେଟର ନୋଏଡାର ଏକ ସୋଫା କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କାରଖାନାରେ ନିଆଁ ଲାଗିଯିବାରୁ ତିନି ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି।ଶ୍ରମିକମାନେ ଶୋଇଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ମୃତକମାନେ ହେଉଛନ୍ତି ୨୩ ବର୍ଷୀୟ ଗୁଲଫାମ (ମଥୁରା ବାସିନ୍ଦା), ୨୯ ବର୍ଷୀୟ ମଜହର ଆଲାମ (ବିହାର ବାସିନ୍ଦା) ଏବଂ ୨୪ ବର୍ଷୀୟ ଦିଲଶାଦ (ବିହାରର ଆରାରିଆ ବାସିନ୍ଦା)। ଅଗ୍ନିକାଣ୍ଡ ବାବଦରେ ଖବର ପାଇ ସ୍ଥାନୀୟ ପୁଲିସ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। କିଛି ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିବା ପରେ ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେମାନଙ୍କର ମୃତ୍ୟୁ ଘଟି ସାରିଥିଲା। ତେବେ କେଉଁ କାରଣରୁ ସୋଫା ଫ୍ୟାକ୍ଟ୍ରିରେ ନିଆଁ ଲାଗିଲା କାରଣ ଜଣାପଡ଼ିନାହିଁ। କାରଖାନାରେ ଅନ୍ୟ ଶ୍ରମିକ ଥିଲେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତିର ଅନୁଧ୍ୟାନ କରୁଛି।



## ଇମ୍ରାନ ସମର୍ଥକ ରାଲିରେ ହିଂସା
### ୬ ମୃତ, ସୁଟ୍ ଆଟ୍ ସାଇଟ୍ ନିର୍ଦ୍ଦେଶ

**ଇସ୍‌ଲାମାବାଦ, ୨୬।୧୧:** ପାକିସ୍ତାନରେ ବିଗିଡିବାରେ ଲାଗିଛି ସ୍ଥିତି। ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥକମାନେ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ନଭେମ୍ବର ୧୩ ରେ ଏକ ବାର୍ତ୍ତାରେ ଇମ୍ରାନ୍ ଖାଁ ତାଙ୍କ ସମର୍ଥକମାନଙ୍କୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବାକୁ କହିଥିଲେ। ଇମ୍ରାନଙ୍କ ଘୋଷଣା ପରେ ପାକିସ୍ତାନରେ ଉତ୍ତେଜନା ସୃଷ୍ଟି ହୋଇଛି। ରାଜଧାନୀ ଇସଲାମାବାଦରେ ପଶିଛନ୍ତି ଇମ୍ରାନଙ୍କ ହଜାର ହଜାର ସମର୍ଥକ। ଏତିକି ବେଳେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଇମ୍ରାନଙ୍କ ସମର୍ଥକମାନେ ଶ୍ରୀନଗର ରାଜପଥରେ ୪ ରେଞ୍ଜର୍ସଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି। ଫଳରେ ସେମାନଙ୍କର ମୃତ୍ୟୁ ହୋଇଛି। ରିପୋର୍ଟ ଅନୁଯାୟୀ, ଏ ପର୍ଯ୍ୟନ୍ତ ଏଭଳି ଆକ୍ରମଣରେ ୪ ଜଣ ରେଞ୍ଜର୍ସ ଏବଂ ଦୁଇ ଜଣ ପୁଲିସ ପ୍ରାଣ ହରାଇଛନ୍ତି। ସେହିପରି ୧୦୦ରୁ ଅଧିକ ପୁଲିସ ଆହତ ହୋଇଛନ୍ତି। ଧାରା ୨୪୫ ଅନୁଯାୟୀ ପାକିସ୍ତାନୀ ସେନାକୁ ଡକାଯାଇଛି। ଅଶାନ୍ତି ଏବଂ ଆତଙ୍କବାଦୀଙ୍କ ସହ କଡା ମୁକାବିଲା କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସୁଟ୍ ଆଟ୍ ସାଇଟ୍ ଅର୍ଡର ମଧ୍ୟ ଜାରି କରାଯାଇଛି। ବିକ୍ଷୋଭକାରୀମାନେ ଇମ୍ରାନ ଖାନ୍‌ଙ୍କୁ ମୁକ୍ତ କରିବା ଦାବିରେ ସଂସଦ ଯାଏଁ ରାଲି କରିବାକୁ ଏବଂ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଏ ନେଇ ସରକାର କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ଜାତୀୟ ରାଜପଥରେ ବ୍ୟାରିକେଡ୍ ଲଗାଯାଇଛି, କିନ୍ତୁ ଇମ୍ରାନଙ୍କ ସମର୍ଥକମାନେ ବ୍ୟାରିକେଡ୍ ଭାଙ୍ଗି ଦେଇଛନ୍ତି ଏବଂ ଇସଲମାବାଦରେ ଧେସଇ ପଶିଛନ୍ତି। ଏତିକି ବେଳେ ପିଟିଆଇ କର୍ମଚାରୀମାନଙ୍କ ପୁଲିସ ସହିତ ହିଂସାତ୍ମକ ସଂଘର୍ଷ ହୋଇଛି। ରାଜଧାନୀ ଇସଲାମାବାଦର ଅନେକ ଅଞ୍ଚଳରେ ମୋବାଇଲ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ବିକ୍ଷୋଭ ଘୋଷଣା କରି ଇମ୍ରାନ୍ ଖାନ୍ ସମର୍ଥକମାନଙ୍କୁ କହିଛନ୍ତି- ଆପଣ ମାର୍ଶାଲ ଲ' ରେ ରହିବାକୁ ଚାହୁଁଛନ୍ତି ନା ସ୍ୱାଧୀନତାରେ ରହିବାକୁ ଚାହୁଁଛନ୍ତି ତାହା ଆପଣଙ୍କୁ ସ୍ଥିର କରିବାକୁ ପଡ଼ିବ।

## ରାପର୍ ବାଦଶାହଙ୍କ ନାଇଟ୍ କ୍ଲବ୍ ବାହାରେ ବିସ୍ଫୋରଣ

**ଚଣ୍ଡିଗଡ଼, ୨୬।୧୧:** ସକାଳୁ ସକାଳୁ ବିସ୍ଫୋରଣରେ ଦୋହଲିଲା ନାଇଟ୍ କ୍ଲବ୍। ଚଣ୍ଡିଗଡର ଦୁଇଟି ନାଇଟ୍ କ୍ଲବ ବାହାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ନାଇଟ୍ କ୍ଲବ ଗୁଡିକ ବଲିଉଡ ସିଙ୍ଗର ତଥା ରାପର୍ ବାଦଶାହଙ୍କର ବୋଲି ଜଣାପଡିଛି। ଚଣ୍ଡିଗଡର ସେକ୍ଟର ୨୬ରେ ଥିବା ରାପର୍ ବାଦଶାହଙ୍କ ଦୁଇଟି ନାଇଟ୍ କ୍ଲବ ବାହାରେ ଆଜି ଭୋର ପ୍ରାୟ ୪ଟା ବେଳେ ଦୁଇଟି ବିସ୍ଫୋରଣ ହୋଇଛି। ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ସ୍ୱଦେଶୀ ବୋମା ବ୍ୟବହାର କରି ଏହି ବିସ୍ଫୋରଣର କରାଯାଇଥିବା କୁହାଯାଉଛି। ଏହି ଘଟଣା ପରେ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ଅନୁସନ୍ଧାନରୁ ଜଣାପଡିଛି ଯେ ଦୁଇଜଣ ଅଜ୍ଞାତ ବାଇକ୍ ଆରୋହୀ ସକାଳେ ଚଣ୍ଡିଗଡ଼ର ଦୁଇଟି ନାଇଟ୍ କ୍ଲବ୍ ନିକଟରେ ବୋମା ମାଡ଼ କରିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ତେବେ ବିସ୍ଫୋରଣ ଯୋଗୁ ନାଇଟ୍ କ୍ଲବର କବାଟ ଓ ଝରକା ଭାଙ୍ଗି ନଷ୍ଟ ହୋଇଯାଇଛି। ଚଣ୍ଡିଗଡ଼ ପୁଲିସର ଫୋରେନସିକ୍ ଟିମ୍ ଏହି ଘଟଣାର ତଦନ୍ତ କରୁଛି।

### ବାଲଟ ପେପରରେ ଭୋଟକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ

# ଆପଣ ଜିତିବାବେଳେ କ'ଣ ଇଭିଏମ୍ ଟାମ୍ପରିଂ ହେଉନି ?

**ନୂଆଦିଲ୍ଲୀ,୨୬।୧୧:** ଇଭିଏମ ଟାମ୍ପରିଂ ଅଭିଯୋଗର କୌଣସି ପ୍ରମାଣ ଆଜି ପର୍ଯ୍ୟନ୍ତ ମିଳିନାହିଁ। ଇଭିଏମ ଟାମ୍ପରିଂ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯେତେବେଳେ ଯିଏ ହାରୁଛିସେତେବେଳେ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛି। କିନ୍ତୁ ନିର୍ବାଚନ ଜିତିଲେ କେହି ଏକଥା ଉଠାଉ ନାହାଁନ୍ତି। ତେଣୁ ପୁନର୍ବାର ବାଲଟ ପେପର ସାହାଯ୍ୟରେ ଭୋଟିଂ ଦାବି ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ପି ବି ବରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ପିଟିସନକୁ ଖାରଜ କରି କହିଛନ୍ତି ଯେ, ଯେଉଁମାନେ ଇଭିଏମ ଟାମ୍ପରିଂ କଥା



ଉଠାଉଛନ୍ତି ସେମାନେ ଜିତିଲେ କାହିଁକି ଏହି ଅଭିଯୋଗ ଉଠାଉ ନାହାଁନ୍ତି? ପିଟିସନକାରୀ କେ ଏ ପଲ ସୁପ୍ରିମକୋର୍ଟରେ ଦାବି କରିଥିଲେ ଯେ, ଯେଉଁମାନେ ନିର୍ବାଚନରେ ଟଙ୍କା ବାଣ୍ଟିବା ବା ନିର୍ବାଚନଆଚରଣବିଧି ଉଲ୍ଲଙ୍ଘନ କରି ବିଜୟୀ ହୋଇଛନ୍ତି, ସେମାନଙ୍କ ସଭ୍ୟ ପଦ ରଦ୍ଦ କରାଯାଇ ସେମାନଙ୍କୁ ୫ ବର୍ଷ ପାଇଁ ନିର୍ବାଚନ ଲଢ଼ିବାରୁ ବଂଚିତ କରାଯିବା ଉଚିତ। ସୁପ୍ରିମକୋର୍ଟର ଡିଭିଜନ ବେଞ୍ଚ ଏଭଳି ଉନ୍ନତ ଚିନ୍ତାଧାରା କେଉଁଠୁ ଆଣିଲେ ବୋଲି ପ୍ରଶ୍ନ କରିଥିଲେ। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ତଥା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ଇଭିଏମ ଟାମ୍ପରିଂ କରାଯାଇପାରିବ ବୋଲି କହିଥିବା ପ୍ରକାଶ କରି ସେ କହିଥିଲେ ଯେ, ଅନେକ ବିଦେଶୀ ରାଷ୍ଟ୍ର ଇଭିଏମକୁ ବାଦ ଦେଇ ପୁନର୍ବାର ବାଲଟ ପେପର ସାହାଯ୍ୟରେ ଭୋଟିଂ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ ଭାରତ ମଧ୍ୟ ଏହାକୁ ଗ୍ରହଣ କରିବା ଉଚିତ। ସୁପ୍ରିମକୋର୍ଟ ଏହି ମର୍ମରେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ ଅନୁରୋଧ କରିଥିଲେ। ଏହାକୁ ସୁପ୍ରିମକୋର୍ଟ କାରଜ କରିଥିଲେ।

## ରାଜସ୍ଥାନ ରାଜ ପ୍ରାସାଦରେ ସଂଘର୍ଷ: ୩ ଆହତ



**ଜୟପୁର, ୨୬।୧୧:** ରାଜସ୍ଥାନ ଉଦୟପୁର ରାଜ ପ୍ରାସାଦ ସମ୍ମୁଖରେ ପ୍ରବଳ ଉତ୍ତେଜନା। ପଥର ମାଡ଼ ସାଙ୍ଗକୁ ବ୍ୟାପକ ହୋହଲ୍ଲା ହେବା ପରେ ପୁଲିସ ଲାଠି ଚାର୍ଜ କରିଛି। ଏଥିରେ ତିନି ଜଣ ଲୋକ ଆହତ ହୋଇଛନ୍ତି। ରାଜ ପରିବାରର ନୂଆ ମୁଖିଆଙ୍କ ରାଜାଭିଶେକ ସମୟରେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି ବିଜେପି ନେତା ବିଶ୍ୱରାଜ ସିଂହ ମେୱାଡ ପୂର୍ବତନ ରାଜ ପରିବାରର ମୁଖିଆ ଭାବେ ନିଯୁକ୍ତ ହୋଇଥିଲେ। ଚଳିତ ମାସ ତାଙ୍କ ବାପା ମହେନ୍ଦ୍ର ସିଂହ ମେୱାଡଙ୍କ ଦେହାନ୍ତ ପରେ ତାଙ୍କୁ ଏହି ପଦବୀରେ ରାଜାଭିଶେଖ ହେବାର ଥିଲା। ଏଥିପାଇଁ ସେ ଗତକାଲି ସିଂହାସନ ଆରୋହଣ ସହ ରାଜାଭିଶେକ ପାଇଁ ସମର୍ଥକଙ୍କୁ ନେଇ ରାଜସ୍ଥାନ ସିଟି ପାଲେସରେ ପହଞ୍ଚିଥିଲେ। ଏହି ସମୟରେ ବିଶ୍ୱରାଜ ସିଂହଙ୍କ ଦାଦା ସେଠାରେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ଏପରିକି ରାଜ ପ୍ରାସାଦକୁ ଯିବାକୁ ଦେଇନଥିଲେ। ଫାଟକରେ ପହଞ୍ଚି ଗଣ୍ଡଗୋଳ କରିବାରୁ ଆରମ୍ଭ ହୋଇଥିଲା ତୁମୁଳକାଣ୍ଡ। ପଥର ମାଡ଼ ସାଙ୍ଗକୁ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲାଠିଚାର୍ଜ କରିଛି। ଏଥିରେ ତିନି ଜଣ ଆହତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣ ଥିବା ଜିଲ୍ଲାପାଳ ଅରବିନ୍ଦ କୁମାର ପୋସୱାଲ କହିଛନ୍ତି। ରାଜ ପ୍ରାସାଦର ପ୍ରତିନିଧୀ, 'ସମାଜ' ସଦସ୍ୟ ଏବଂ ଅନ୍ୟମାନଙ୍କ ସହ ଆଲୋଚନା ଜାରି ରହିଥିବା ସେ କହିଛନ୍ତି।

# ନକଲି ପୁଲିସ ସାଜି ବୃଦ୍ଧାଙ୍କଠାରୁ ୩.୮ କୋଟି ଠକେଇ

**ମୁମ୍ବାଇ, ୨୬।୧୧:** ଦେଶରେ ଦିନକୁ ଦିନ ବଢ଼ି ଚାଲିଛି ଡିଜିଟାଲ ଆରେଷ୍ଟ। ଠକମାନେ ସାଧାରଣ ଲୋକଙ୍କୁ ଫସାଇ ଲୁଟି ନେଉଛନ୍ତି ପୁଳା ପୁଳା ଟଙ୍କା। ଏଭଳି ହିଁ ଏକ ଘଟଣା ପୁଣି ଥରେ ସାମ୍ନାକୁ ଆସିଛି ମୁମ୍ବାଇରୁ। ନକଲି ପୁଲିସ ସାଜି ଜଣେ ୭୭ ବର୍ଷୀୟ ବୃଦ୍ଧାଙ୍କୁ ଏକ ମାସ ଯାଏ ଡିଜିଟାଲ ଆରେଷ୍ଟ କରି ରଖିଥିଲେ। ଏହାପରେ ତାଙ୍କ ଠାରୁ ଲୁଟି ନେଇଛନ୍ତି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା। ସୂଚନା ଅନୁସାରେ ସାଉଥ ମୁମ୍ବାଇର ଜଣେ ବୃଦ୍ଧ ମହିଳାଙ୍କୁ ହ୍ୱାଟ୍‌ସ୍‌ଆପ୍ କଲ ଆସିଥିଲା। ନିଜକୁ ପୁଲିସ ଅଧିକାରୀର ପରିଚୟ ଦେଇ କୁହାଯାଇଥିଲା ଯେ ତାଇୱାନକୁ ପଠାଯାଇଥିବା ତାଙ୍କ ନାମରେ ଥିବା ଏକ ପାର୍ସଲକୁ ଅଟକାଇ ଦିଆଯାଇଛି। ଏହି ପାର୍ସଲରେ ୫ଟି ପାସପୋର୍ଟ, ବ୍ୟାଙ୍କ କାର୍ଡ, ୪ କିଲୋଗ୍ରାମ ପୋଷାକ ଏବଂ ନିଶାଶକ୍ତ ଔଷଧ ରହିଛି। ମହିଳା ଜଣକ ପାର୍ସଲ ପଠାଇ ନଥିବା କହିଥିଲେ। ଏହାପରେ ଏଥିରେ ଥିବା ଆଧାର କାର୍ଡର ଡିଟେଲ ତାଙ୍କ ନାଁରେ ରହିଛି। ଓ କାର୍ଡ ମନି ଲଣ୍ଡରିଂର ଲିଙ୍କ ସହ ଜଡିତ। ତେଣୁ ଆପଣଙ୍କୁ ଗିରଫ କରାଯାଇପାରେ ବୋଲି ତାଙ୍କୁ ଫୋନ୍ କରିଥିବା ବ୍ୟକ୍ତି କହିଥିଲେ।

### ଡିଜିଟାଲ ଆରେଷ୍ଟ

ମହିଳାଙ୍କୁ ସ୍କାଏ ଆପ୍ ଡାଉନଲୋଡ କରିବାକୁ କରାଯାଇଥିଲା। ଏହା ମାଧ୍ୟମରେ ତାଙ୍କ ସହ ଯୋଡି ହୋଇ ରହିବାକୁ କୁହାଯାଇଥିଲା। ଏ ବିଷୟରେ କାହାକୁ ନ କହିବାକୁ ମଧ୍ୟ ମହିଳାଙ୍କୁ ଧମକ ଦିଆଯାଇଥିଲା। କଲର୍ ନିଜକୁ ଆଇପିଏସ୍ ଆନନ୍ଦ ରାଣା ଏବଂ ଅର୍ଥ ବିଭାଗର ଅଧିକାରୀ ଜର୍ଜ ମାଥ୍ୟୁ ବୋଲି ପରିଚୟ ଦେଇଥିଲେ। ଏହାପରେ ଯାଞ୍ଚ ଆଳରେ ମହିଳାଙ୍କୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ତାଙ୍କୁ ତାଙ୍କର ସମସ୍ତ ଟଙ୍କା ସେଠାକୁ ପଠାଇବାକୁ କହିଥିଲେ। ଯଦି ଏଥିରେ କୌଣସି ଗଡ଼ବଡ଼ ନ ମିଳେ ତେବେ ତାଙ୍କୁ ତାଙ୍କ ଟଙ୍କା ଫେରସ୍ତ କରିଦିଆଯିବ ବୋଲି ମହିଳାଙ୍କୁ କୁହାଯାଇଥିଲା। ମହିଳା ଜଣଙ୍କୁ ଏତେ ମାତ୍ରାରେ ଭୟଭୀତ କରାଯାଇଥିଲା ଯେ, ତାଙ୍କୁ ୨୪ ଘଣ୍ଟା ହ୍ୱାଟ୍‌ସ୍‌ଆପ୍ ଭିଡିଓ କଲ୍‌ରେ ରହିବାକୁ କୁହାଯାଇଥିଲା। ଏଥିରେ ବୃଦ୍ଧ ମହିଳା ଜଣକ ଫଶିଯାଇ ଏକ ମାସ କାଳ ଘରର କମ୍ପ୍ୟୁଟର୍‌ରେ ଭିଡିଓ କଲ୍‌ରେ ରହିଥିଲେ। ପରେ ମହିଳାଙ୍କ ୬ଟି ବ୍ୟାଙ୍କ ଆକାଉଣ୍ଟରୁ ୩.୮ କୋଟି ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ। ଏହାପରେ ମହିଳା ଜଣକ ତାଙ୍କ ଝିଅକୁ ଫୋନ୍ କରି ସବୁ କଥା କହିଥିଲେ। ପରେ ଝିଅ ପୁଲିସକୁ ସବୁ ଜଣାଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ, ମହିଳା ଜଣକ ତାଙ୍କ ୭୫ ବର୍ଷ ବୟସ୍କ ଅବସରପ୍ରାପ୍ତ ସ୍ୱାମୀଙ୍କ ସହ ରୁହନ୍ତି। ସେମାନଙ୍କର ପିଲାମାନେ ବିଦେଶରେ ରୁହନ୍ତି।

# ବାଂଲାଦେଶରେ ଇସ୍କନ ସାଧୁଙ୍କ ଗିରଫକୁ ନେଇ ବିକ୍ଷୋଭ

### ହିନ୍ଦୁଙ୍କ ଉପରେ ଆକ୍ରମଣ, ୫୦ ଆହତ

**ଢାକା, ୨୬।୧୧:** ବାଂଲାଦେଶର ଚଟଗାଁବ ଇସ୍କନ ପୁଣ୍ଡରିକ ଧାମର ଅଧ୍ୟକ୍ଷ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଗତକାଲି ଢ଼ାକା ବିମାନ ବନ୍ଦରରକୁ ଗିରଫ କରାଯାଇଛି। ଏହାପରେ ସେଠାରେ ସ୍ଥିତି ଆହୁରି ବିଗିଡିବାରେ ଲାଗିଛି। ଚିନ୍ମୟ ପ୍ରଭୁଙ୍କ ଗିରଫଦାରୀକୁ ବିରୋଧ କରି ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ରାସ୍ତାକୁ ଓହ୍ଲାଇ ଆସିଛନ୍ତି। ବିଳମ୍ବିତ ରାତିରେ ହଜାର ହଜାର ହିନ୍ଦୁ ସମ୍ପ୍ରଦାୟର ଲୋକେ ଜୟ ସିୟା ରାମ ଏବଂ ହର ହର ମହାଦେବଙ୍କ ସ୍ଲୋଗାନ ଦେଇ ବାଂଲାଦେଶର ମୌଲବି ବଜାରରେ ମସାଲ ରାଲି କରିଥିଲେ। ଏହି ସମୟରେ ତାଙ୍କ ଉପରକୁ BNP ଏବଂ ଜାମାତର କର୍ମଚାରୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୫୦ ହିନ୍ଦୁ ଆହତ ହୋଇଛନ୍ତି। ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କୁ ଗିରଫ କରିବା ପରେ ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ ପ୍ରତ୍ୟେକ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ସଭା ଆୟୋଜନ କରିଥିଲେ। ତେବେ ଏହି ଶାନ୍ତିପୂର୍ଣ୍ଣ ସଭାଗୁଡ଼ିକ ଉପରେ ଉଗ୍ରବାଦୀ ଗୋଷ୍ଠୀ ଦ୍ୱାରା ଅତି ନିର୍ମମ ଭାବରେ ଆକ୍ରମଣ କରାଯାଇଛି। ଇସଲାମ ଗୋଷ୍ଠୀ ଚିତ୍ରକୋଣ୍ଡାରେ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟଙ୍କ ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି। ଢାକାର ଶାହବାଗରେ ଏକ ଶାନ୍ତିପୂର୍ଣ୍ଣ ସଭା ବେଳେ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟ ତଥା ଚଟଗାଁବ ବିଶ୍ୱବିଦ୍ୟାଳୟର ପ୍ରଫେସର କୁଶାଲ ବାରନଙ୍କ ଉପରେ ଆକ୍ରମଣ କରାଯାଇଛି, ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଉଗ୍ରବାଦୀ ଦଳଙ୍କ ଆକ୍ରମଣରେ ଅନେକ ଲୋକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେପଟେ କୁହାଯାଉଛି ଯେ, ଏହି ଆକ୍ରମଣ ବେଳେ ପୁଲିସ କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ପ୍ରଶାସନ ମୁକ ଦର୍ଶନ ପାଲଟିଥିଲା। ବାଂଲାଦେଶ ପୁଲିସ ସୋମବାର ଢ଼ାକାର ହଜରତ ଶାହାଜାଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଗିରଫ କରିଥିଲା। ଚଳିତ ସପ୍ତାହରେ ତାଙ୍କ ବିରୋଧରେ ଏକ ଦେଶଦ୍ରୋହ ମାମଲା ରୁଜୁ ହେବାପରେ ତାଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ପରେ ବାଂଲାଦେଶରେ ବ୍ୟାପକ ରାଜନୈତିକ ହିଂସା ଲାଗି ରହିଥିବାବେଳେ ସଂଖ୍ୟାଲଘୁ ଅଧିକାରକୁ ନେଇ ଅସନ୍ତୋଷ ତେଜିଛି।

### ବାଂଲାଦେଶ ନିକଟରେ ଭାରତର ଦାବି

# ସଂଖ୍ୟାଲଘୁ ବର୍ଗର ସୁରକ୍ଷା ସୁନିଶ୍ଚିତ କର

**ନୂଆଦିଲ୍ଲୀ, ୨୬।୧୧:** ବାଂଲାଦେଶରେ ଜଣେ ହିନ୍ଦୁ ସାଧୁ ଚିନ୍ମୟ କ୍ରିଷ୍ଣ ଦାସ ବ୍ରହ୍ମଚାରୀଙ୍କ ଗିରଫଦାରୀ ପରେ ଭାରତ ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି ଏବଂ ବାଂଲାଦେଶ ସରକାରଙ୍କ ନିକଟରେ ସେଠାକାର ସଂଖ୍ୟାଲଘୁ ବର୍ଗର ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ କରିବାକୁ ଦାବି କରିଛନ୍ତି। ଭାରତ ସରକାରଙ୍କ ବୈଦେଶିକ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଏଥିନେଇ ବାଂଲାଦେଶ ସରକାରଙ୍କୁ ପତ୍ର ଲେଖାଯାଇଛି। ଚିନ୍ମୟ କ୍ରିଷ୍ଣ ଦାସଙ୍କୁ ଜାମିନ ନମିଳିବା ଘଟଣା ନେଇ ଭାରତ ଉଦବେଗ ପ୍ରକାଶ କରିଛି। ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହେବା ପରେ ଦେଶରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଛି। ଅନେକ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଅନେକଙ୍କ ଘର ଜାଳି ଦିଆଯାଇଛି। ବାଂଲାଦେଶରେ ଏବେ ମୌଳବାଦୀମାନେ କାୟା ବିସ୍ତାର କରିଛନ୍ତି। ସେମାନଙ୍କ ମୁକାବିଲାରେ ସରକାର ବ୍ୟର୍ଥ ହୋଇଛନ୍ତି। ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି। ଭାରତ ସରକାର ଏଥିନେଇ ଉଦବେଗ ପ୍ରକାଶ କରିଛନ୍ତି। ସଂଖ୍ୟାଲଘୁଙ୍କ ଘର ଓ



ବ୍ୟବସାୟିକ ପ୍ରତିଷ୍ଠାରୁ ଲୁଟ କରାଯାଇଛି। ସେମାନଙ୍କ ପ୍ରତିଷ୍ଠାନରେ ପୋଡ଼ାଜଳ କରାଯାଇଥିବା ରିପୋର୍ଟ ମିଳିଛି। ମନ୍ଦିର ଓ ଭଗବାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ମଧ୍ୟ ବିକୃତ କରାଯାଇଛି। ଆକ୍ରମଣକାରୀମାନେ ମୁକ୍ତ ଭାବେ ବୁଲୁଥିବା ବେଳେ ମାମଲା ଗୋଟିଏ ଧାର୍ମିକ ନେତାଙ୍କ ବିରୋଧରେ ଲଗାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା।" ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀକୁ ବିରୋଧ କରି ହିନ୍ଦୁମାନେ କରୁଥିବା ବିକ୍ଷୋଭ ଉପରେ କରାଯାଇଥିବା ଆକ୍ରମଣ ଘଟଣାକୁ ନେଇ ମଧ୍ୟ ଭାରତ ସରକାର ଚିନ୍ତା ପ୍ରକଟ କରିଛନ୍ତି। ମନ୍ତ୍ରଣାଳୟ କହିଛି ଯେ "ଆମେ ବାଂଲାଦେଶର ଅଧିକାରୀମାନଙ୍କୁ ସମସ୍ତ ହିନ୍ଦୁ ଓ ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ନିବେଦନ କରୁଛୁ। ସେହିପରି ସେଠାକାର ଅଧିକାରୀମାନେ ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କ ବାକ ସ୍ୱାଧୀନତା ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ମଧ୍ୟ ଚାପି ଦେବାକୁ ଚେଷ୍ଟା ନ କରନ୍ତୁ।" ବାଂଲାଦେଶ ପୁଲିସ ସୋମବାର ଢାକାର ହଜରତ ଶାହାଜାଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଗୋଟିଏ ଦେଶଦ୍ରୋହ ମାମଲା ରୁଜୁ ହୋଇଥିବାରୁ ତାଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସେ ଜାମିନ ପାଇଁ ଆବେଦନ କରିଥିବା ବେଳେ ଏହାକୁ ବାଂଲାଦେଶର ଗୋଟିଏ କୋର୍ଟ ଖାରଜ କରିଦେଇଥିଲେ। ଏହାପୂର୍ବରୁ ବିଳମ୍ବିତ ରାତିରେ ହିନ୍ଦୁ ଧର୍ମର ଲୋକମାନେ ବିକ୍ଷୋଭ କରିଥିଲେ। ବିକ୍ଷୋଭକାରୀଙ୍କ ଉପରେ ପୁଲିସ୍ ଆକ୍ରମଣ କରିବାରୁ ୫୦ ଜଣ ଆହତ ହୋଇଛନ୍ତି।

### ବୈଭବଙ୍କ ବୟସ ବିବାଦ

# ସଞ୍ଜୀବ ସୂର୍ଯ୍ୟବଂଶୀ ଦେଲେ ବଡ଼ ବୟାନ




ମୁମ୍ବାଇ, ୨୬।୧୧: ଆଇପିଏଲ ନିଲାମୀରେ ବିକ୍ରି ହୋଇ ଇତିହାସ ରଚିଛନ୍ତି ବିହାରର ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ ତାଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାରେ କିଣିଛି। ଏହାପରେ ବୈଭବ ହେବାକୁ ଯାଉଛନ୍ତି ଆଇପିଏଲ ଖେଳିବାରେ ସର୍ବକନିଷ୍ଠ ଖେଳାଳି।

ବୈଭବଙ୍କୁ ପୂର୍ବରୁ ଅନ୍ୟ କୌଣସି ଖେଳାଳି ଆଇପିଏଲ ଇତିହାସରେ ଏତେ କମ୍ ବୟସରେ ଖେଳିବାର ସୁଯୋଗ ପାଇନଥିଲେ। ରାଜସ୍ଥାନ ରୟାଲ୍ସ ବୈଭବଙ୍କୁ କିଣିବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅନେକ ତାଙ୍କୁ ପ୍ରେରଣାର ଉତ୍ସ ବି ମାନିଲେଣି। ଏହି ସମୟରେ ବୈଭବଙ୍କ ବୟସକୁ ନେଇ ଏକ ବିବାଦ ସୃଷ୍ଟି ହୋଇଛି। ବୈଭବ ବୟସକୁ ନେଇ ଜାଲିଆତି କରିଛନ୍ତି। ତାଙ୍କ ବୟସ ୧୩ ନୁହେଁ, ୧୫ ବୋଲି କେହି କେହି ଦାବି କରୁ ଥିବାବେଳେ ଏହାର ଜବାବ ରଖିଛନ୍ତି ବୈଭବଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୈଭବଙ୍କ ବାପା କହିଛନ୍ତି, "ବୈଭବ ଏବେ ମୋ ପୁଅ ନୁହେଁ, ସେ ପୂରା ବିହାରର ପୁଅ। ସେ ବର୍ତ୍ତମାନ ୟୁ-୧୯ ଏସିଆ କପ୍ ପାଇଁ ଦୁବାଇରେ ଅଛି। ସେ କଠିନ ପରିଶ୍ରମ କରିଛି। ୮ ବର୍ଷ ବୟସରେ ୟୁ-୧୬ ଜିଲ୍ଲା ପ୍ରତିଯୋଗିତାରେ ଉତ୍କର୍ଷ ପ୍ରଦର୍ଶନ କରିଥିଲା। ମୁଁ ତାକୁ କ୍ରିକେଟ୍ କୋଚିଂ ପାଇଁ ସାମସ୍ତିପୁରକୁ ନେଇକି ଯାଉଥିଲି ପୁଣି ଘରକୁ ନେଇକି ଆସୁଥିଲି। ଏହିପରି ତା'ର କ୍ରିକେଟ ଯାତ୍ରା ଆରମ୍ଭ ହୋଇଥିଲା।"

କ୍ରିକେଟ ପାଇଁ ଅର୍ଥ ଆବଶ୍ୟକତାକୁ ଉଲ୍ଲେଖ କରି ବୈଭବଙ୍କ ବାପା କହିଛନ୍ତି, "କ୍ରିକେଟ କେବଳ ପୁଞ୍ଜି ବିନିଯୋଗ ନୁହେଁ, ଏହା ଏକ ବଡ ପୁଞ୍ଜି ବିନିଯୋଗ। କଣ କହିବି, ମୁଁ ତ ପୁଅର କ୍ରିକେଟ ପାଇଁ ଜମି ବି ବିକି ଦେଇଛି। ଏବେ ବି ଆମ ଆର୍ଥିକ ଅବସ୍ଥା ସୁଧୁରି ନାହିଁ।"

ତେବେ ବୈଭବଙ୍କ ପ୍ରକୃତ ବୟସକୁ ନେଇ ବିବାଦ ବିଷୟରେ ପଚରାଯିବାରୁ ସେ କହିଛନ୍ତି, "ବୈଭବ ଯେତେବେଳେ ସାଢେ ୮ ବର୍ଷର ହୋଇଥିଲା, ସେତେବେଳେ ବିସିସିଆଇର ବୋନ୍ ଟେଷ୍ଟ ପରୀକ୍ଷା ପାଇଁ ପହଞ୍ଚିଥିଲା। ଭାରତ ପାଇଁ ୟୁ-୧୯ ଖେଳି ସାରିଛି। ଆମେ କାହାକୁ ଭୟ କରୁନାହୁଁ। ଦରକାର ପଡ଼ିଲେ ସେ ପୁଣି ବୟସ ପରୀକ୍ଷା ଦେଇ ପାରିବ।" ବିହାର କ୍ରିକେଟ୍ ଆସୋସିଏସନର ସଭାପତି ରାକେଶ ତିୱାରୀଙ୍କ ଆଶୀର୍ବାଦ ସବୁବେଳେ ବୈଭବକୁ ତା ଯାତ୍ରାରେ ସାହାଯ୍ୟ କରିଛି ବୋଲି ବୈଭବଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ କହିଛନ୍ତି।

# ୧୮ ବର୍ଷୀୟ ନେଟ୍ ବୋଲର୍ଙ୍କ ଉପରେ କୋଟି କୋଟି ଟଙ୍କା ବର୍ଷା କଲା ମୁମ୍ବାଇ ଇଣ୍ଡିଆନ୍ସ




ନୂଆଦିଲ୍ଲୀ,୨୬।୧୧: ଆଇପିଏଲ ୨୦୨୫ ମେଗା ନିଲାମରେ ମୁମ୍ବାଇ ଇଣ୍ଡିଆନ୍ସ ଏକ ବଡ ନିଷ୍ପତ୍ତି ନେଇଛି। ମୁମ୍ବାଇ ଆଫଗାନିସ୍ତାନର ଆଲ୍ଲା ଗଜାନଫର କିଣିଛି। ତାଙ୍କୁ ମାତ୍ର ୧୮ ବର୍ଷ ବୟସ। ଗଜାନଫରକୁ ମୁମ୍ବାଇ ୪.୮୦ କୋଟିରେ କିଣିଛି। ତାଙ୍କର ମୂଳ ମୂଲ୍ୟ ୭୫ ଲକ୍ଷ ଟଙ୍କା ଥିଲା। ଗଜାନଫରଙ୍କ ଘରୋଇ ରେକର୍ଡ ଭଲ ରହିଛି। ଏହାପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ନେଟ ବୋଲର ମଧ୍ୟ ଥିଲେ। ଗଜାନଫର ଉପରେ ପ୍ରଥମ ବିଡ କୋଲକାତା ନାଇଟ ରାଇଡର୍ସ କରିଥିଲା। ଏହା ପରେ ଆରସିବି ମଧ୍ୟ ଏହି ରେସରେ ଯୋଗ ଦେଇଥିଲା। କିନ୍ତୁ ଆରସିବି ଶେଷ ବିଡ୍ ୨ କୋଟି ଟଙ୍କା ପର୍ଯ୍ୟନ୍ତ କରିଥିଲା। କେକେଆର୍ ୪.୬୦ କୋଟିର ଶେଷ ବିଡ କରିଥିଲା। କିନ୍ତୁ ଶେଷରେ ମୁମ୍ବାଇ ତାଙ୍କୁ ୪.୮୦ କୋଟିରେ କିଣିଛି। ଆଲ୍ଲା ଗଜାନଫରଙ୍କ ରେକର୍ଡ ଏପର୍ଯ୍ୟନ୍ତ ଭଲ ରହିଛି। ସେ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ନେଟ ବୋଲର। କିନ୍ତୁ ଭିସା ଅଭାବରୁ ଭାରତ ଆସିପାରି ନ ଥିଲେ। କିନ୍ତୁ ସେ ବର୍ତ୍ତମାନ ମୁମ୍ବାଇର ମୁଖ୍ୟ ଦଳର ଏକ ଅଂଶ ହେବେ। ସେ ଏପର୍ଯ୍ୟନ୍ତ ଆଫଗାନିସ୍ତାନ ପାଇଁ ୮ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ୧୨ଟି ଉଇକେଟ ନିଆଯାଇଛି। ସେ ୧୨ ତାଲିକା ଏ ମ୍ୟାଚରେ ୧୬ଟି ଉଇକେଟ ନେଇଛନ୍ତି। ଏଥି ସହିତ ୧୬ ଟି-୨୦ ମ୍ୟାଚରେ ୨୯ ଉଇକେଟ ନେଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ଦୀପକ ଚହରଙ୍କ ପାଇଁ ଟଙ୍କା ଖର୍ଚ୍ଚ କରିଥିଲେ। ମୁମ୍ବାଇ ତାଙ୍କୁ ୯.୨୫ କୋଟିରେ କିଣିଛି। ଚହରଙ୍କ ମୂଳ ମୂଲ୍ୟ ୨ କୋଟି ଟଙ୍କା ଥିଲା। ଏହି ଟିମ ରିଆନ ରିକଲେଟନଙ୍କୁ ୧ କୋଟି ଟଙ୍କାରେ କିଣିଛି। ମୁମ୍ବାଇ କର୍ଣ୍ଣ ଶର୍ମାଙ୍କୁ ୫୦ ଲକ୍ଷ ଟଙ୍କାରେ ଏବଂ ରବିନ ମିଞ୍ଜଙ୍କୁ ୬୫ ଲକ୍ଷ ଟଙ୍କାରେ କିଣିଛି। ଦଳ ନମନ ଧୀରଙ୍କ ପାଇଁ ଆରଟିଏମ ବ୍ୟବହାର କରିଥିଲା। ତାଙ୍କୁ ବେତନ ହିସାବରେ ୫.୨୫ କୋଟି ଟଙ୍କା ମିଳିବ।

ମୁମ୍ବାଇ ଇଣ୍ଡିଆନ୍ସରେ ପୂର୍ବରୁ ଖେଳୁଥିବା ଖେଳାଳିମାନେ ହେଲେ- ସୂର୍ଯ୍ୟକୁମାର ଯାଦବ, ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଜସପ୍ରୀତ ବୁମ୍ରା ଏବଂ ତିଲକ ବର୍ମାଙ୍କୁ ବଜାୟ ରଖିଥିଲା। ରଖାଯାଇଥିବା ଖେଳାଳି ତାଲିକାରେ ବୁମରାଙ୍କ ଦରମା ସର୍ବାଧିକ। ତାଙ୍କୁ ୧୮ କୋଟି ଟଙ୍କା ମିଳିବ। ସୂର୍ଯ୍ୟ ଏବଂ ହାର୍ଦ୍ଦିକଙ୍କୁ ସମାନ ଦରମା ମିଳିବ। ତାଙ୍କର ଦରମା ୧୬.୩୫ କୋଟି ଟଙ୍କା।

### ଆଇଏସ୍ଏଲ୍ ଲିଗ୍

## ହାଇଦ୍ରାବାଦକୁ ୬-୦ରେ ହରାଇଲା ଓଡ଼ିଶା।



ଭୁବନେଶ୍ୱର,୨୬।୧୧: ଚଳିତ ଆଇଏସ୍ଏଲ୍ର ଏକ ଲିଗ୍ ମ୍ୟାଚ୍ରେ ଓଡ଼ିଶା ଏଫ୍ସି ଏକତରଫା ୬-୦ ଗୋଲ୍ରେ ଘରୋଇ ହାଇଦ୍ରାବାଦ ଏଫ୍ସିକୁ ହରାଇ ପୂର୍ଣ୍ଣ ପଏଣ୍ଟ ହାସଲ କରିଛି। ସିଜନରେ ତୃତୀୟ ସହ ତାଲିକାରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଓଡ଼ିଶା ୯ଟି ମ୍ୟାଚ୍ ଖେଳି ୩ବିଜୟ, ୩ଡ୍ର', ୩ ପରାଜୟ ସହ ମୋଟ ୧୨ ପଏଣ୍ଟ ପାଇଛି। ଅନ୍ୟ ପଟରେ ହାଇଦ୍ରାବାଦ ପଞ୍ଚମ ପରାଜୟ ସହ ମୋଟ ୭ପଏଣ୍ଟ ପାଇ ୧୧ତମ ସ୍ଥାନରେ ରହିଛି। ଗାଚିବୋଲି ଷ୍ଟାଡିୟମରେ ହାଇଦ୍ରାବାଦ ଓ ଓଡ଼ିଶା ସାମ୍ନାସାମ୍ନି ହୋଇଥିଲେ। ଉଭୟାର୍ଦ୍ଧ ଖେଳରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳି ଗୋଲ ବର୍ଷା କରିଥିଲା। ଘରୋଇ ଗ୍ରାଉଣ୍ଡ୍ ଓ ସମର୍ଥକଙ୍କ ଗହଣରେ ଖେଳିଥିବା ହାଇଦ୍ରାବାଦ ସମ୍ପୂର୍ଣ୍ଣ ମ୍ୟାଚ୍ରେ ସଂଘର୍ଷ କରିଥିଲା। ଓଡ଼ିଶା ପକ୍ଷରୁ ୧୨ମିନିଟ୍ରେ ଇସାକ୍ ଭାନ୍ଲାଲରୁଆତ୍ଫେଲା, ୩୦ମିନିଟ୍ରେ ଡିଏଗୋ ମୌରିସିଓ, ୭୦ମିନିଟ୍ରେ ମୌର୍ତାଦା ଫଲ, ୭୫ମିନିଟ୍ରେ ଲାଲ୍ଥାଥଙ୍ଗା, ୮୯ମିନିଟ୍ରେ ରହିମ୍ ଅଲି ଗୋଲ୍ କରିଥିବାବେଳେ ହାଇଦ୍ରାବାଦର ଜଙ୍ଗ୍ତେ (୫୧ମିନିଟ୍) ଗୋଟିଏ ଆତ୍ମଘାତୀ ଗୋଲ୍ ଦେଇଥିଲେ।

# ଦ୍ୱିତୀୟ ରାଉଣ୍ଡରେ କିଣା ହେଲେ ରାହାଣେ, ମୋଇନ ଅଲୀ, ଫିଲିପ୍ସ, ଉମ୍ରାନ ମଲିକ ଓ ପଡିକ୍କଲ



ମୁମ୍ବାଇ, ୨୬।୧୧: ଆଇପିଏଲ ଅକ୍ସନ ପ୍ରଥମ ରାଉଣ୍ଡରେ କୌଣସି ଫ୍ରାଞ୍ଚାଇଜକୁ ଆକୃଷ୍ଟ କରି ନଥିବା କିଛି ଷ୍ଟାର ଖେଳାଳି ଦ୍ୱିତୀୟ ଦଫାରେ କିଣା ହୋଇଛନ୍ତି। ଷ୍ଟାର ଖେଳାଳିମାନେ ସେମାନଙ୍କ ବେସ ପ୍ରାଇସରେ ବିକ୍ରି ହୋଇଛନ୍ତି। ବରିଷ୍ଠ କ୍ରିକେଟର ଅଜିଙ୍କ୍ୟ ରାହାଣେଙ୍କୁ ପ୍ରଥମ ରାଉଣ୍ଡରେ କେହି ବି କିଣି ନଥିଲେ। ହେଲେ ଶେଷ ପର୍ଯ୍ୟାୟରେ କୋଲକାତା ତାଙ୍କୁ ବେସ ପ୍ରାଇସ ୧.୫୦ କୋଟିରେ କିଣିଛି। କହିବାକୁ ଗଲେ ରାହାଣେଙ୍କ ଘର ବାହୁଡ଼ା ହୋଇଛି। ୨୦୨୨ରେ ସେ କୋଲକାତା ପାଇଁ ଖେଳିଥିଲେ। ହେଲେ ୨୦୨୩ ଓ ୨୦୨୪ରେ ତାଙ୍କୁ ଚେନ୍ନାଇ ନିଜ ସହ ସାମିଲ କରିଥିଲା। ଏବେ ସେ ପୁଣି କୋଲକାତାକୁ ଫେରିଛନ୍ତି।

ରାହାଣେଙ୍କ ବ୍ୟତୀତ ଇଂଲଣ୍ଡ କ୍ରିକେଟର ମୋଇନ ଅଲୀ ମଧ୍ୟ ଦ୍ୱିତୀୟ ଦଫାରେ ବିକ୍ରି ହୋଇଛନ୍ତି। ତାଙ୍କୁ ମଧ୍ୟ କୋଲକାତା ବେସ ପ୍ରାଇସ ୨ କୋଟି ଟଙ୍କାରେ କିଣିଛି। ୨୦୨୪ରେ ସେ ଚେନ୍ନାଇ ପାଇଁ ଆଇପିଏଲ ଖେଳିଥିଲେ। ନ୍ୟୁଜିଲ୍ୟାଣ୍ଡର ଅଲରାଉଣ୍ଡର ଗ୍ଲେନ ଫିଲିପ୍ସ ପ୍ରଥମ ରାଉଣ୍ଡରେ ବିକ୍ରି ହୋଇ ନଥିଲେ। ତାଙ୍କୁ ଦ୍ୱିତୀୟ ଦଫାରେ ଗୁଜରାଟ ଟାଇଟନ୍ସ ନିଜ ସହ ସାମିଲ କରିଛି। ରବିବାର ଅକ୍ସନରେ ଦେବଦତ୍ତ ପଡିକ୍କଲଙ୍କୁ କେହି କିଣି ନଥିଲେ। ହେଲେ ଆଜି ଆରସିବି ତାଙ୍କୁ ବେସ ପ୍ରାଇସ ୨ କୋଟି ଟଙ୍କାରେ କିଣିଛି। ନିଜର ଦ୍ରୁତ ବୋଲିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିବା ଉମ୍ରାନ ମଲିକଙ୍କୁ ପ୍ରଥମ ରାଉଣ୍ଡରେ କେହି ବି କିଣି ନଥିଲେ। ହେଲେ ଦ୍ୱିତୀୟ ରାଉଣ୍ଡରେ କୋଲକାତା ତାଙ୍କୁ ବେସ ପ୍ରାଇସ ୭୫ ଲକ୍ଷ ଟଙ୍କରେ କିଣିଛି। ଅନ୍ୟପକ୍ଷରେ ଡାଭିଡ ୱାର୍ଣ୍ଣର, ମୟଙ୍କ ଅଗ୍ରୱାଲ ଓ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କୁ କେହି ବି ଏଥର ଆଇପିଏଲରେ କିଣି ନାହାନ୍ତି।

### ସୟଦ ମୁସ୍ତାକ ଅଲୀ ଟ୍ରଫି

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପୁଣି ପରାସ୍ତ




କଟକ/ଭୁବନେଶ୍ୱର, ୨୬।୧୧: ରଣଜୀ ଟ୍ରଫିରେ ପ୍ରଥମ ଶତକ ଅର୍ଜନ କରିଥିବା ସ୍ୱସ୍ତିକ ସାମଲ (୧୧୮ ରନ୍ ବନାମ ମହାରାଷ୍ଟ୍ର) ଏହାର ୧୨ ଦିନ ପରେ ଟ୍ୱେଣ୍ଟି-୨୦ରେ ପ୍ରଥମ ଶତକ ଅର୍ଜନ କରିଛନ୍ତି। ସୋମବାର ବିଜୟନଗରରେ ଖେଳାଯାଇଥିବା ମ୍ୟାଚ୍ରେ ରେଳବାଇ ବିପକ୍ଷରେ ସେ ୬୩ ବଲ୍ରୁ ୮ ଚୌକା ଓ ୬ ଛକା ସହାୟତାରେ ୧୦୫ ରନ୍ ସଂଗ୍ରହ କରିଥିଲେ। ଏଭଳି ଆକ୍ରମଣାତ୍ମକ ପାଳି ସତ୍ତ୍ୱେ ସେ ଦଳକୁ ଜିତାଇପାରି ନଥିଲେ। ଓଡ଼ିଶାର ୧୯୪/୫ ସ୍କୋର୍ ଜବାବରେ ରେଳବାଇ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଫଳରେ ଚଳିତ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଏହା ଓଡ଼ିଶାର ଲଗାତାର ଦ୍ୱିତୀୟ ପରାଜୟ। ସମର୍ଥ ବ୍ୟାସ (୩୧)ଙ୍କୁ ରାକେଶ ପଟ୍ଟନାୟକ ଓ ବିବେକ ସିଂହ (୫୯)ଙ୍କୁ ଗୋବିନ୍ଦ ପୋଦ୍ଦାର ଆଉଟ୍ କରିଥିଲା ବେଳେ ପ୍ରଥମ ସିଂହ (୫୬)ଙ୍କୁ ଅଭିଷେକ ଯାଦବ ରନ୍ଆଉଟ୍ କରିଥିଲେ। ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ୨୯ ତାରିଖରେ ପୁଦୁଚେରୀ ବିପକ୍ଷରେ ଖେଳିବ।

ଓଡ଼ିଶା ପାଇଁ ଅଲ୍ରାଉଣ୍ଡର ସମ୍ବିତ ବରାଳ ଏହି ମ୍ୟାଚ୍ରେ ପଦାର୍ପଣ କରିଥିଲେ। ସ୍ୱସ୍ତିକ ଆରମ୍ଭରୁ ଦ୍ରୁତ ରନ୍ ବାହାର କରୁଥିଲା ବେଳେ ଗୌରବ ଚୌଧୁରୀ ମଧ୍ୟ ତାଙ୍କୁ ଭଲ ସହଯୋଗ ଦେଉଥିଲେ। ପ୍ରଥମ ୱିକେଟ୍ରେ ୩୨ ବଲ୍ରୁ ୫୨ ରନ୍ର ଭାଗୀଦାରି ହେବା ପରେ ୧୯ ରନ୍ କରି ବ୍ୟାଟିଂ କରୁଥିବା ଗୌରବ ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସନ୍ଦୀପ ପଟ୍ଟନାୟକ ୫ ରନ୍ରେ ବ୍ୟାଟିଂ କରୁଥିଲା ବେଳେ ଏକ ପୁଲ୍ ସଟ୍ ଖେଳିବାକୁ ଯାଇ ତାଙ୍କ ପିଠି ମାଂସପେଶୀରେ ଆଘାତ ଲାଗିଥିଲା। ଫଳରେ ସେ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ତଥାପି ସ୍ୱସ୍ତିକ ସମସ୍ତ ସୁଯୋଗର ଭରପୂର ଫାଇଦା ଉଠାଇ ଗୋଟିଏ ପଟରୁ ଶତକ ହାସଲ କରିଥିଲା ବେଳେ ଅନ୍ୟ ପଟରେ ଗୋବିନ୍ଦ ପୋଦ୍ଦାର (୧୮), ଅଭିଷେକ ଯାଦବ (୧୧) ବଡ଼ ସଟ୍ ଖେଳିବାରେ ବିଫଳ ହୋଇଥିଲେ। ସ୍ୱସ୍ତିକ ଶେଷ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲା ବେଳେ ପଦାର୍ପଣକାରୀ ସମ୍ବିତ ବରାଳ ଡେଥ୍ ଓଭରରେ ବ୍ୟାଟିଂକୁ ଆସି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସମ୍ବିତ ୧୩ ବଲ୍ରୁ ୩ ଛକା ଓ ୧ ଚୌକା ସହାୟତାରେ ୨୭* ରନ୍ ଉଠାଇବାରୁ ଦଳ ୨୦୦ ନିକଟତର ହୋଇପାରିଥିଲା।

**ସଂକ୍ଷିପ୍ତ ସ୍କୋର:** ଓଡ଼ିଶା ୨୦ ଓଭରରେ ୧୯୪/୫ (ସ୍ୱସ୍ତିକ ସାମଲ-୧୦୫, ସମ୍ବିତ ବରାଳ-୨୭*, ଗୌରବ ଚୌଧୁରୀ-୧୯, କୁନାଲ ଯାଦବ-୨/୩୭)। ରେଳବାଇ ୧୮.୫ ଓଭରରେ ୧୯୮/୩ (ବିବେକ ସିଂହ-୫୯, ପ୍ରଥମ ସିଂହ-୫୬, ଉପେନ୍ଦ୍ର ଯାଦବ-୪୬*, ରାକେଶ ପଟ୍ଟନାୟକ-୧/୨୨, ଗୋବିନ୍ଦ ପୋଦ୍ଦାର-୧/୩୬)।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେଡି ପିଠିରେ...

ଆଶ୍ରା କରି ଆଗଉଛି। ଯାହା ସୂଚନା ମିଳୁଛି, ଆଗାମୀ ଦିନରେ ଆମ୍ବଟାକୁଆ, ଧାନକିଣା ଆଦି ପ୍ରସଙ୍ଗରେ ବିଜେଡି ସ୍ୱରରେ କଂଗ୍ରେସ ନେତାମାନେ ସ୍ୱର ମିଳାଇବେ। ତେବେ ଅଦାନୀ ଜମିକିଣା ପ୍ରସଙ୍ଗରେ କଂଗ୍ରେସ କି ଭୂମିକା ଗ୍ରହଣ କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

ଏହି ପ୍ରସଙ୍ଗରେ କଂଗ୍ରେସ ଯଦି ବିଜେଡିକୁ ବିରୋଧ କରିବ ତେବେ ଆଗାମୀ ଦିନରେ ଏକ ହୋଇ ଲଢୁଥିବା ବିରୋଧିଦଳର ଫାଟ ସୁନିଶ୍ଚିତ ବୋଲି କୁହାଯାଉଛି। ତେବେ ଚଳିତ ଅଧିବେଶନ ଆରମ୍ଭରୁ କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହିନପତି ନଥିବାବେଳେ ଅବଶିଷ୍ଟ ୧୩ଜଣ ନେତା ବିଧାନସଭା ଭିତରେ କି ଭୂମିକାରେ ଅବତୀର୍ଣ୍ଣ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

## ମୁଖ୍ୟମନ୍ତ୍ରୀଙ୍କ ପଛରେ...

ସୋସିଆଲ ମିଡିଆରେ ଘୂରି ବୁଲୁଥିବାବେଳେ ପୁଲିସ୍ କିନ୍ତୁ ମୂକ ଦର୍ଶକ ସାଜୁଛି। ଯଦି ସାଧାରଣ ଲୋକଟିଏ ଏଭଳି ଟ୍ରୋଲ ବିରୁଦ୍ଧରେ ଅଭିଯୋଗ କରୁଛି ତେବେ କଣ୍ଟେଣ୍ଟ କ୍ରିଏଟରଙ୍କୁ ତୁରନ୍ତ ପୁଲିସ୍ ବାନ୍ଧୁଛି।

ହେଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଅପମାନିତ କ୍ଷେତ୍ରରେ ପୁଲିସ୍ କାହିଁକି ନିଜଆଡୁ ପଦକ୍ଷେପ ଗ୍ରହଣ କରୁନାହିଁ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବାରେ ଲାଗିଛି। ପୁଲିସ୍ର ନିରବତା ଏବେ ହଜାରେ ପ୍ରଶ୍ନ ସୃଷ୍ଟି କରିଥିବାବେଳେ ବର୍ତ୍ତମାନ ବି ପୁଲିସ୍ ବାବୁମାନେ ପୁରୁଣା ସରକାର ଡାଞ୍ଚାରୁ ମୁକୁଳି ପାରିନଥିବା ଆଲୋଚନା ହେଉଛି।

## 'ସୁଭଦ୍ରା' ପାଇଁ...

ପ୍ରଥମ କିସ୍ତିରେ ୮୦ଲକ୍ଷ ୪୬ ହଜାର ମହିଳାଙ୍କ ଆକାଉଣ୍ଟକୁ ୫ ହଜାରଟଙ୍କା ଲେଖାଏଁ ଦିଆଯାଇଛି। ଦ୍ୱିତୀୟ କିସ୍ତି ଆସନ୍ତା ମାର୍ଚ୍ଚ ୮ରେ ପ୍ରଦାନ କରାଯିବ। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଉକ୍ତ ଯୋଜନାର ଉଦ୍ଦେଶ୍ୟ।

## ଖରାବେଳେ ବିଜେ ...

ଖବର ନେଇଥିଲୁ। ଜାଣିବାକୁ ପାଇଥିଲୁ ଦୁଇ ଥାନା ଅଧିକାରୀଙ୍କ ଆସିବା ଟାଇମ୍ ସାଢ଼େ ୧୧ଟା ପରେ। ଏହି ସମୟ ଭିତରେ ସବୁଦିନ ବାବୁ ଥାନାକୁ ଆସନ୍ତି। ଥାନାରେ ଥିବା ଦେବାଦେବୀଙ୍କୁ ମୁଣ୍ଡିଆ ମାରବା ପରେ ଚଉକିରେ ବସନ୍ତି। ତା'ପରେ ତାଙ୍କ ଖାସ୍ ଲୋକଙ୍କୁ ସହ କିଛି କଥା ହୋଇ ଲାଗିପଡ଼ନ୍ତି ପୂର୍ବ ରାତିରେ ଆସିଥିବା ଡାକ କାର୍ଯ୍ୟରେ। ଏହା ଭିତରେ ୧୨ ଟା ବାଜି ଯାଏ ଥାଏ।

ଏପଟେ ବାବୁଙ୍କୁ ଭେଟିବାକୁ ଥାନା ବାହାରେ ଲମ୍ବାଲାଇନ୍ ଥାଏ। ଧନୀ ଶ୍ରେଣୀର ଲୋକ ନ ହେଲେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା ବ୍ୟକ୍ତିଙ୍କୁ ଭେଟନ୍ତି। ଯଦି କେଉଁ ସାଧାରଣ ଲୋକ ଆଇଆଇସିଙ୍କୁ ଭେଟିବାକୁ କୁହନ୍ତି ତା'ହେଲେ ସେମାନଙ୍କ କଥା ନ ଶୁଣି ପାଟି ଚିଲାଇ କୁହନ୍ତି 'ଆମର କିଛି ଶୁଣିବାର ନାହିଁ, ରିପୋର୍ଟ ଦିଅ ପୁଲିସ୍ କେସ୍ କରି ତଦନ୍ତ କରିବ'। ଅପରାହ୍ଣ ସାଢ଼େ ୧ଟାରୁ ସାଢ଼େ ୨ଟା ପର୍ଯ୍ୟନ୍ତି ନିଜ ଅଞ୍ଚଳରେ ପାଟ୍ରୋଲିଂ କରି ଥାନାକୁ ଫେରନ୍ତି। ସାଢେ ୩ଟାରେ ଘରକୁ ଯାଇ ରାତି ୭ରେ ଥାନାକୁ ଆସନ୍ତି। ଦିନତମାନର ଏତଲା ଦେଖି ଥାନାର କର୍ମଚାରୀଙ୍କୁ ବାଣ୍ଟି ବାବୁ ପୁଣି ପାଟ୍ରୋଲିଂରେ ବାହାରନ୍ତି।

ରାତି ଠିକ୍ ସାଢ଼େ ୧୧ଟା ବାଜିଲେ ବାବୁ ଘରକୁ ବାହୁଡ଼ି ଯାଆନ୍ତି। ସେପ୍ଟେମ୍ବର ତୃତୀୟ ସପ୍ତାହରେ ଆମେ ମଞ୍ଚେଶ୍ୱର, ସହିଦନଗର, ଖାରବେଳନଗର, ଲକ୍ଷ୍ମୀସାଗର, ବରଗଡ଼, କ୍ୟାପିଟାଲ୍, ଏୟାରପୋର୍ଟ, ଲିଙ୍ଗରାଜ ଓ ଏୟାରଫିଲ୍ଡ ଥାନାକୁ ବିଭିନ୍ନ ସମୟରେ ଯାଇଥିଲୁ। ଏମାନଙ୍କ ଅବସ୍ଥା ନ କହିବା ଭଲ। ବରଗଡ଼ ଥାନା ଆଇଆଇସିଙ୍କୁ ଭେଟିବାକୁ ହେଲେ ଚିଠି ଦେବାକୁ ପଡ଼ିବ। ଏୟାରଫିଲ୍ଡ ଓ ଖଣ୍ଡଗିରି ଥାନା ଅଧିକାରୀ ଆସିବା ଦିନ ଠାରୁ ପାଟ୍ରୋଲିଂ କରୁଛନ୍ତି। ବିଲଡରଙ୍କୁ ଛାଡି ଦେବେ ସେ କାହାକୁ ଭେଟୁ ନାହାନ୍ତି। ଯଦି କେହି ଭେଟିବାକୁ ଚାହୁଁଛନ୍ତି ଥାନା କର୍ମଚାରୀମାନେ ଭେଟାଇ ଦେଉନାହାନ୍ତି। କହୁଛନ୍ତି ସାର୍ ପାଟ୍ରୋଲିଂରେ। ଖାରବେଳନଗର ଥାନା ଆଇଆଇସି ଲୋୟର ପିଏମ୍ଜିର ଦ୍ୱାହି ଦେଇ ଲୋକଙ୍କୁ ଭେଟି ପାରୁନାହାନ୍ତି।

ଏସବୁ ଆଇଆଇସି ଦିନ ସାଢ଼େ ୧୧ଟାରେ ପରେ ଥାନାକୁ ଆସୁଛନ୍ତି। ଅପରାହ୍ଣ ୩ ଟାରେ ଘରକୁ ଫେରି ସନ୍ଧ୍ୟା ସାଢ଼େ ୬ରୁ ୭ ଭିତରେ ଥାନାକୁ ଆସନ୍ତି। ବାବୁଙ୍କ ମୁଡ୍ ଭଲ ଥିଲେ ଲୋକଙ୍କୁ ଭେଟନ୍ତି।

ନ ହେଲେ ଏସ୍ଆଇମାନେ ଲୋକଙ୍କକଥା ବୁଝନ୍ତି। ରାତି ୧୨ ପୂର୍ବରୁ ଥାନା ଛାଡି ପଳାନ୍ତି। କ୍ୟାପିଟାଲ୍ ଥାନା ଆଇଆଇସି ଥାନାକୁ ଯିବା ଆସିବାର କିଛି ସମୟ ନ ଥାଏ। କାରଣ ଅଧିକାଂଶ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରରେ କଟେ। ବାବୁ କେତେ ବେଳେ ଲୋୟର ପିଏମ୍ଜି ତ, ପୁଣି କେତେବେଳେ ନେତା ମନ୍ତ୍ରୀ ଘର ସମ୍ମୁଖରେ। ବଡ଼ କଥା ହେଲା ଯଦି ସକାଳ ୧୦ଟା ବେଳେ ମୁଖ୍ୟମନ୍ତ୍ରୀ କି ରାଜ୍ୟପାଳଙ୍କର ସହର ଭିତରେ କୌଣସି ଜାଗାରେ କାର୍ଯ୍ୟକ୍ରମ ରହିଲା, ସେ ଦିନ ବାବୁମାନେ ସହଳ ସହଳ ଥାନାକୁ ଆସିଯାନ୍ତି।

## ୧୨,୧୫୬ କୋଟିର ...

୧୨୫ କୋଟି, ସିଏପିଏଫ୍ ମୁତୟନ ପାଇଁ ୨୯୯ କୋଟି, ପୁଲିସ ଷ୍ଟେସନ ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିସ୍ତୃତ ସୁବିଧା ପାଇଁ ୨୬ କୋଟି, ଅଗ୍ନିସେବା ବିଭାଗର ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ ୧୨୦ କୋଟି ବ୍ୟୟ ଅଟକଳ କରାଯାଇଛି।

ଏତଦ୍ଭିନ୍ନ ବେନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି, ମଧୁବାବୁ ପେନ୍ସନ ଯୋଜନା ପାଇଁ ୩୩୮ କୋଟି ଟଙ୍କା, ସାଧାରଣ ଜନତାଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ ଲାଗି ଉଦ୍ଦିଷ୍ଟ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୬୪୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଆଜି ବିଧାନସଭା ଅଧିବେଶନ ଆରମ୍ଭ ହେବା ପରେ ୬ଜଣ ଦିବଙ୍ଗତ ବିଧାୟକଙ୍କ ସମ୍ମାନାର୍ଥେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା।

ଏହା ପରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶ୍ନକାଳ ଆରମ୍ଭରୁ ଏକାଧିକ ପ୍ରସଙ୍ଗ ନେଇ ଆଜି ବିଧାନସଭାରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ହଟ୍ଟଗୋଳ କରିଥିଲେ। ଅନାହର ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

## ୨୦ରେ ରାଜ୍ୟସଭା...

ରାଜ୍ୟସଭାକୁ ଯିବେ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ରାଜ୍ୟସଭାକୁ ପଠାଇବ ନା ଆଉ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।

ଏଥିସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖଙ୍କ ଉପସ୍ଥିତରେ ସେ ବିଜେପିରେ ଯୋଗ ଦେଇଥିଲେ।

## ଜମିଦାର ନା କ୍ରୀତଦାସ...

କ୍ରୀତଦାସଙ୍କୁ କ୍ରୀତଦାସ କହିଲେ କାହିଁକି ବାଧୁଛି। ଏତେ ଦିନ ପରେ ଜମିଦାର ବୋଲି କାହିଁକି ମନେପଡୁଛି। ବାପା ଆଜୀବନ ରାଜନୀତିରେ ସାଲିସ କରିନଥିବା ବେଳେ ବବି ଦାସ କିନ୍ତୁ ନିଜର ବ୍ୟବସାୟ ପାଇଁ ସାଲିସ କରି କ୍ରୀତଦାସ ହୋଇଗଲେ।

ନିଜେ ଠିକ, ଆଉ ସମସ୍ତେ ଭୁଲ ବୋଲି ଦର୍ଶାଇବାକୁ ସେ ଏକ ହିନ୍ଦୀ ସାୟରୀର ଉଦାହାରଣ ଦେଇଥିଲେ। ଅବଶ୍ୟ ସେ ସାୟରୀଟିକୁ ସଠିକ ଭାବେ କହିପାରିନଥିଲେ। ପ୍ରକୃତରେ ସାୟରୀଟି ଥିଲା "ଅଚ୍ଛୋନେ ଅଚ୍ଛା ଅରେ ବୁରୋନେ ବୁରା ଜାନା ମୁଝେ, କ୍ୟୁଁକି ଜିସକି ଜିତନି ଜରୁରତ୍ ଥି ଉସନେ ଉତନା ହିଁ ପହଚାନା ମୁଝେ"।

ପ୍ରକୃତରେ ଏହା ମାଧ୍ୟମରେ ସେ ନିଜର ଅସଲ ଗୁଣ କଣ ତାହା ସମସ୍ତଙ୍କୁ ଜଣେଇ ଦେଇଛନ୍ତି।

କ୍ଷମତାରେ ଥିବା ବେଳେ ବିଭିନ୍ନ ଆବଶ୍ୟକତା କାରଣରୁ ତାଙ୍କର ସବୁ ଖରାପ ଗୁଣ ଓ କାମକୁ ବି ସମସ୍ତେ ପ୍ରଶଂସା କରୁଥିଲେ। ସେଥିପାଇଁ ସେ ଭାବୁଥିଲେ ସେ ଅନ୍ୟମାନଙ୍କ ପାଇଁ ଉଦାହାରଣ।

ଏବେ କିନ୍ତୁ କ୍ଷମତା ଗଲା ପରେ ତାଙ୍କର ଅସଲ ଚେହେରା ପଦାକୁ ଆସିଛି ଆଉ ଗଣମାଧ୍ୟମ ଠାରୁ ସାଧାରଣ ଲୋକେ ବି ସମାଲୋଚନା କରିବାକୁ ଡରୁନାହାଁନ୍ତି।

## ଲକ୍ଷ୍ମଣରେଖା...

ନିର୍ବାଚନମଣ୍ଡଳୀ ବ୍ରହ୍ମଗିରିରେ ବି ସଞ୍ଜୟଙ୍କୁ ବିରୋଧ ହୋଇଥିଲା। ପୁରୀ ଜିଲ୍ଲାରେ ବିଜେଡିର କାର୍ଯ୍ୟକ୍ରମରେ ସଞ୍ଜୟ ଅଲୋଡା ହୋଇଥିଲେ। ତଥାପି ମନର କୋହକୁ ମନରେ ଚାପି ଦଳରେ ଥିଲେ। ଶେଷରେ ଦୋଷ ଛଡାଇବାପାଇଁ ବିଜେଡି ତାଙ୍କୁ ଆଣି ସତ୍ୟବାଦୀରେ ଲଢାଇଥିଲା। ଇଚ୍ଛା ନଥିଲେ ବି ସଞ୍ଜୟ ବିଜେଡିର ହାରୁ ତାଲିକାରେ ନାମ ଲେଖାଇଥିଲେ।

ତେବେ ସଞ୍ଜୟଙ୍କର ସ୍ଥିତିରେ ସେତେବେଳେ ସୁଧାର ଆସିଥିଲା ଯେତେବେଳେ ତାଙ୍କ ଝିଅ ବାହାଘରକୁ ନିଜେ ସନ୍ୟାସୀ ଦଳ ବଳ ସହିତ ଯାଇଥିଲେ। ଏହାପରେ ସଞ୍ଜୟଙ୍କୁ ଦଳରେ ଦାୟିତ୍ୱ ମିଳିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ତେବେ ସଞ୍ଜୟଙ୍କୁ ଏତେ ସରି କରିଥିବା ବବି କିନ୍ତୁ ଦେଖା ଦେଇନଥିଲେ।

ଏବେ କିନ୍ତୁ ପରିସ୍ଥିତି ଭିନ୍ନ। ବବିଙ୍କର ବନବାସ ଅବସ୍ଥା। ଅସୁସ୍ଥ ଭାଇ ଜେଲ୍ରେ। ଭାଇଙ୍କୁ କିଭଳି ବେଲ୍ ମିଳିବ ସେଥିପାଇଁ ବୁଦ୍ଧିବାଟ ଦିଶୁନି।

ତେଣୁ ବବିଙ୍କର ଏବେ ପକାଇଲା ଛେପ ଢୋକିଲା ଭଳି ଅବସ୍ଥା ହୋଇଛି। ଯେଉଁ ସଞ୍ଜୟଙ୍କ ପାଇଁ ଦିନେ ଲକ୍ଷ୍ମଣରେଖା ଟାଣି ତାଙ୍କୁ ବନବାସରେ ପଠାଇଥିଲେ ନିଜେ ସେହି ଲକ୍ଷ୍ମଣରେଖା ଡେଇଁଛନ୍ତି। ବବିଙ୍କର ଏଭଳି ଅବସ୍ଥା ଦେଖିଲା ପରେ ଏବେ କିଛି ବିଜେଡି ନେତା କେବଳ ଗୋଟିଏ କଥା କହୁଛନ୍ତି ଭଗବାନ ସବୁ ସହନ୍ତି, ହେଲେ ଅହଙ୍କାର ସହନ୍ତିନି।

## 'ଦାନା'ସୁପରିଚାଳନା...

କରିଥିଲେ। ଏହା ସହିତ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ମତ ରଖିଥିଲେ। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇ ପାରିଲେ ଓଡିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଯୁଗ୍ମ ସଚିବ ପିକେ ରାୟଙ୍କ ନେତୃତ୍ୱରେ ଏକ ସାତ ଜଣିଆ ଟିମ୍ ୨୪ ତାରିଖରେ ସର୍ବାଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି।

## ଜମି କିଣା...

ଓଡ଼ିଶାରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି। ୫ ମାସର ରେକର୍ଡ ଦେଖିକି ମନେ ହେଲା ଲୋକେ ଜମି ବିକ୍ରି କରିବାରେ ହଇରାଣ ହେଉଛନ୍ତି। ଆଇନର ତର୍ଜମା ପାଇଁ ସମୀକ୍ଷା ବୈଠକ ହୋଇଛି। ଅନ୍ୟ ଜଣଙ୍କୁ ଜମି ବିକ୍ରି ପାଇଁ ଗରିବ ଲୋକେ ଚାହିଁବ ଏବଂ ସେହି ଜମି ପ୍ଲଟିଙ୍ଗ ଓ ଆପାର୍ଟମେଣ୍ଟ କରିବା ସହ କୌଣସି ସମ୍ପର୍କ ନାହିଁ ସେବାଦରେ ଆଇନ ର ସଂଶୋଧନ ଆବଶ୍ୟକ ରହିଛି। ନଗର ଉନ୍ନୟନ ଓ ଆଇନ ବିଭାଗକୁ ପରାମର୍ଶ ଦିଆଯାଇଛି। ଚଳିତ ବିଧାନସଭାରେ ଯେଉଁ ଆଇନର ସଂଶୋଧନର ଆବଶ୍ୟକତା ରହିଛି ଯଥା ଶୀଘ୍ର କରାଯିବ। ପରବର୍ତ୍ତୀ ସମୟରେ ପ୍ଲଟିଙ୍ଗ ଓ ଆପାର୍ଟମେଣ୍ଟ ପାଇଁ ଜମି ବିକ୍ରି ଉପରେ ବିଚାର କରାଯିବ।

## ବିଶ୍ୱର ଶ୍ରେଷ୍ଠ...

ଶିକ୍ଷାକୁ ଅନ୍ତର୍ଜାତୀୟକରଣ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ନୂଆ ଠିକଣା ହୋଇଛି। ମାଲଡୋଭା ଓ ଭାରତର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ଉଭାବକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ପାଇଁ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ୍ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ ।

## ବାବୁ ପଢୁଛନ୍ତି...

ତାହାର କୌଶଳ ବତାଇଥିଲେ। ପିଲାମାନେ ଗୁରୁଙ୍କ ମୁହଁରୁ ଏହା ଶୁଣିବାପରେ ତାହାକୁ ହାଲୁକା ଭାବେ ନେଇ ଉପଭୋଗ କରିଥିଲେ। ଏହି ଦୁଇ ଅଫିସର ଅପାଠ ପଢାଇ ଫେରିଲା ପରେ ଜଣେ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀଙ୍କ ପାଠପଢ଼ା ପାଳି ପଡ଼ିଥିଲା। ପ୍ରଶାସନିକ ଆଇନ୍ କାନୁନ୍ରେ ଅତ୍ୟନ୍ତ ଦକ୍ଷ ଏହି ଅଧିକାରୀଜଣଙ୍କ ଯେତେବେଳେ ନବନିଯୁକ୍ତ ଓଏଏସ୍ଙ୍କୁ ପଢାଇଲେ ସେତେବେଳେ ଅନେକ ଅମନଯୋଗୀ ହେଲେ। ଅଧା ବାବୁ ମୋବାଇଲ ଦେଖିବା ସହିତ ଘୁମେଇଲେ। ଶେଷରେ ଅବସ୍ଥା ଏଭଳି ହେଲା ଯେ ପ୍ରଶାସନର ଆଦବ କାଇଦାକୁ ଭଲଭାବେ ବୁଝାଉଥିବା ଏହି ଅବସରପ୍ରାପ୍ତ ବାବୁଙ୍କ ବିରୁଦ୍ଧରେ ତାଲିମଧାରୀମାନେ ନକରାତ୍ମକ ମନ୍ତବ୍ୟ ଦେଲେ। ଏହି କଥାଟି ପଦାରେ ଆସି ଆଲୋଚନା ହେବାପରେ ଏବେ ଅନେକ ବରିଷ୍ଠ ଅଧିକାରୀ ଏହାକୁ ନାପସନ୍ଦ କରିଛନ୍ତି। ତେଣୁ ଆଗାମୀ ଦିନରେ ଗୋପବନ୍ଧୁ ଏକାଡେମୀରେ ସମସ୍ତ ତାଲିମ ପାଠପଢାର ଭିଡିଓ ରେକର୍ଡିଂ ପାଇଁ ବି ମତପ୍ରକାଶ ପାଇଛି। ଏହା ହେଲେ ପାଠପଢାରେ ସୁଧାର ଆସିବା ସହିତ ଭବିଷ୍ୟତରେ ତାଲିମଧାରୀମାନଙ୍କୁ ଡିଜିଟାଲ ପଦ୍ଧତିରେ ମଧ୍ୟ ପଢାଯାଇ ପାରିବ। ଏହା ନହେଲେ ନବନିଯୁକ୍ତ ଓଏଏସ୍ ଓ ଆଇଏଏସ୍ମାନଙ୍କୁ ତାଲିମ ଦେବାରେ ଏହି ସଂସ୍ଥାର ଯେଉଁ ସୁନାମ ରହିଛି ତାହା ମାଟିରେ ମିଶିଯିବ ବୋଲି କିଛି ପ୍ରଶାସକ ମତ ଦେଉଛନ୍ତି।

# ଅଧାଗଢ଼ା ପ୍ରକଳ୍ପ ଏବେ ଗଢ଼ିବ କିଏ ?

● ବବିଙ୍କ ମେରିରାୟରେ ଅଣନିଶ୍ୱାସ ଯାଜପୁରବାସୀ
● କ୍ଷମତା ଯିବା ପରେ ପ୍ରଶାସନ ମୁଣ୍ଡରେ ଅଠା

**ଯାଜପୁର, ୨୬।୧୧ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ରାଜନୀତିର ଚିତ୍ର ବଦଳିଛି। ତାସହ ରାଜ୍ୟରେ ବିଜେଡ଼ିର ଗଡ଼ ବୋଲାଉଥିବା ଯାଜପୁର ଜିଲ୍ଲାରେ ଦଳ ମାଟି କାମୁଡ଼ି ପଡ଼ିଛି। ରାଜ୍ୟ ରାଜନୀତିରେ ଦବଦବା ରଖୁଥିବା ଯାଜପୁର ନେତା ଏବେ ନିରୁପାୟ। ସରକାରୀ କଳକୁ ଯେଉଁ ମାନେ ନିଜ ହାତ ମୁଠାରେ ଧରି ନଚାଉଥିଲେ ଆଜି କ୍ଷମତା ଯିବା ପରେ ଦୋଷ ସବୁ ପ୍ରଶାସନକୁ ଦେଉଛନ୍ତି।

ଏକଦା ବିଜେଡ଼ି ସରକାର ସମୟରେ ଯାଜପୁରର ନେତା ମାନେ ଓଡ଼ିଶାର ମଙ୍ଗ ଧରିଥିଲେ। ଯାଜପୁର ଜିଲ୍ଲାର ୭ ରୁ ୭ ଆସନ ବିଜେଡ଼ି ଅକ୍ତିଆରରେ ଥିଲା। ନେତାଙ୍କ ପାଟିରୁ କଥା ବାହାରିବା କ୍ଷଣି ପ୍ରଶାସନ ଆପେ ଆପେ ପ୍ରସ୍ତୁତ ହୋଇଯାଉଥିଲା। ଯାଜପୁର ଜିଲ୍ଲାର ୭ଟି ନିର୍ବାଚନୀ ମଣ୍ଡଳରୁ ସବୁଠୁ ଚର୍ଚ୍ଚିତ ଥିଲା ଯାଜପୁର ବିଧାନସଭା ଆସନ। ଏଠାକାର ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଥିଲେ ନବୀନଙ୍କ ଗୁଡ ବୟ ଏବଂ ଭିକେ ପଣ୍ଡିଆନ୍‌ଙ୍କ ବୋଲକରା। ସେଥିପାଇଁ ବବି ଦାସଙ୍କୁ ବିଜେଡ଼ିର ପଲିଟିକାଲ ଚେହେରା ମଧ୍ୟ କରାଯାଇଥିଲା। ଏହାର ଫାଇଦା ନେଇଥିଲେ ବବି। ଯାହା ବିଗତ ସରକାରରେ ମାଳ ମାଳ ପ୍ରକଳ୍ପ ଯାଜପୁର ନିର୍ବାଚନୀ ମଣ୍ଡଳୀକୁ ନବୀନ ଭେଟିଦେଇଥିଲେ। ବବି ଯାଜପୁରକୁ ନିଜ ଭିଜନର ରୂପ ଦେବାକୁ ଲାଗି ପଡ଼ିଥିଲେ। ତାଙ୍କ ପାଖ ଲୋକଙ୍କ କହିବା ଅନୁସାରେ ରାତିରେ ଯାହା ଭାବିବେ ସକାଳୁ ସଙ୍ଗେ ସଙ୍ଗେ ତାହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଦିଅନ୍ତି। ପ୍ରଶାସନ ମଧ୍ୟ ଏହାକୁ ଯେଉଁ ମାଧ୍ୟମ ହେଉ ଠିକ୍ କରିବାକୁ ଲାଗିପଡ଼େ। ଯାହା ବିଗତ ଦିନରେ ସହରବାସୀଙ୍କୁ ବହୁ ସମସ୍ୟାରେ ମଧ୍ୟ ପକାଇଛି। ହେଲେ କେହି ପାଟି ଖୋଲିବାକୁ ସାହାସ ଯୁଟାଇ ନାହାନ୍ତି। ଯାହା ଚର୍ଚ୍ଚା ହୁଏ ଅଧଖଣ୍ଡିଆ ବିକାଶ ଆଳରେ ବବି ସହରବାସୀଙ୍କୁ କରିଛନ୍ତି ଅଣନିଶ୍ୱାସି।

ବବିଙ୍କ ଅମଳରେ ସହରରେ ବହୁ ବିଶ୍ୱସ୍ତରୀୟ ପ୍ରକଳ୍ପ ହାତକୁ ନିଆଯାଇଛି। ଶିବ ପ୍ରକଳ୍ପ, ବରାହ ପ୍ରକଳ୍ପ, ବିରଜା ପ୍ରକଳ୍ପ, ସାଇନ୍ସ ପାର୍କ ଆଦି ବହୁ ବିଶ୍ୱସ୍ତରୀୟ ପ୍ରକଳ୍ପ ସହ ହକି ଷ୍ଟାଡିୟମ୍, କ୍ରିକେଟ ଷ୍ଟାଡିୟମ୍, ମେଡ଼ିକାଲ କଲେଜ, ପ୍ରଶାସନ ଭବନ, ସହରକୁ ଜାତୀୟ ରାଜପଥ ସଂଯୋଗିକରଣ,



ବୈତରଣୀ ରେ ବ୍ୟାରେଜ୍ , ସହର ରାସ୍ତା ପ୍ରସସ୍ତିକରଣ ଆଦି ବହୁ ପ୍ରକଳ୍ପ ହାତକୁ ନେଇଥିଲେ। ହେଲେ ବିଡ଼ମ୍ବନାର ବିଷୟ ଏହା କେବେ ସରିବ କାହାକୁ ଜଣା ନାହିଁ। ସହରବାସୀଙ୍କୁ ଅନ୍ଧାରରେ ରଖି ଏସମସ୍ତ କାର୍ଯ୍ୟ କରାଯାଏ। କାହିଁକିନା କୌଣସି ପ୍ରକଳ୍ପରେ ସାଧାରଣ ଲୋକଙ୍କ ପାଇଁ ପ୍ରକଳ୍ପ ସମ୍ବନ୍ଧିତ ଗୋଟେ ବୋର୍ଡ ମଧ୍ୟ ଲଗାଯାଏ ନାହିଁ। ତେବେ କେଉଁ ଉଦ୍ଦେଶ୍ୟରେ ଓ କାହା ପାଇଁ ଏସବୁ ପ୍ରକଳ୍ପ ଏବଂ ଏହାର ଉଦ୍ଦେଶ୍ୟ ଅଜି ଯାଏଁ କେହି ଜାଣି ନାହାଁନ୍ତି। ଯଦି ସହର ବିକାଶ ପାଇଁ ଏସବୁ ହୋଉଛି ତାହେଲେ ଏସବୁ ଜନସାଧାରଣଙ୍କୁ ଜଣାଯାଏ ନାହିଁ କାହିଁକି। ସେଥିପାଇଁ ସେ ସମୟର ବିରୋଧୀ ବହୁ ବାର ପ୍ରକଳ୍ପ ଉପରେ ଆଙ୍ଗୁଳି ଉଠାଇବା ସହ କାମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସତରେ ବବି ଯଦି ଏସବୁ ବିକାଶ ସହରବାସୀଙ୍କ ପାଇଁ କରୁଥିଲେ ତାହେଲେ ସହର ବାସୀଙ୍କୁ ଅନ୍ଧାରରେ ରଖି ପ୍ରକଳ୍ପ କରିବାର ଅଭିପ୍ରାୟ କଣ ଥିଲା। ଯାହାର ପରିଣାମ ଆଜି ଯାଏଁ ଅଧାରୁ ଅଧା ପ୍ରକଳ୍ପ ବି ଶେଷ ହୋଇପାରିନାହିଁ।

ଏବେ ବବି ଦାସ ଆଉ କ୍ଷମତାରେ ନାହାଁନ୍ତି। ତାଙ୍କ ସରକାର ମଧ୍ୟ ରାଜ୍ୟରେ କ୍ଷମତାରେ ନାହିଁ। ସେତେବେଳେ ବବିଙ୍କ କଥା ଅନୁସାରେ ସମସ୍ତ କାର୍ଯ୍ୟ କରିପକାଉଥିବା ପ୍ରଶାସନ ଉପରେ ନିଜେ ପ୍ରଶ୍ନ ଉଠାଇଲେଣି ବବି। କାହିଁକି ନା ଏବେ ବିରଜା ପକଳ୍ପ ପାଇଁ ଉଠିଥିବା ସମସ୍ୟା ପାଇଁ ପ୍ରଶାସନକୁ ଖୋଲା ଖୋଲି ଦାୟୀ କରିଛନ୍ତି ବବି। ଯଦିଓ ସେତେବେଳେ ବବି ବିରଜା ପ୍ରକଳ୍ପ ନିଜ ଉଦ୍ୟମରେ କରିଥିବା ନେଇ ସମସ୍ତ ଶ୍ରେୟ ନେବାକୁ ଚେଷ୍ଟା କରୁଥିଲେ ବୋଲି ବିଜେପି ନେତାଙ୍କର ଅଭିଯୋଗ ଆସେ। ତେବେ ପ୍ରଶାସନ ଉପରେ ବବିଙ୍କ ଏଭଳି ଅଭିଯୋଗ ସ୍ପଷ୍ଟ କରୁଛି ଅନ୍ୟ ସମସ୍ତ ପ୍ରକଳ୍ପରେ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ। କ୍ଷମତା ଗଲା ପରେ ପ୍ରଶାସନ ଉପରେ ସମସ୍ତ ଦୋଷ ଲଦି ବବି ସିନା ଦୋଷ ଛଡ଼ା ହୋଇଯିବେ ହେଲେ ଅଧାଗଢ଼ା ପ୍ରକଳ୍ପ ସବୁ ଶେଷ ହେବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ।

## ଭିଜିଲାନ୍ସ ହାତରେ ପ୍ରିନସିପାଲ

**ନୟାଗଡ଼, ୨୬।୧୧ (ସଂଚାର ବ୍ୟୁରୋ) :** ଭିଜିଲାନ୍ସ ହାତରେ ଧରାପଡିଲେ କଲେଜ ପ୍ରିନସିପାଲ । ଏକ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ କଲେଜ ପ୍ରିନସିପାଲ । ପ୍ରିନସିପାଲ ଜଣକ ହେଲେ ନଳିନୀ ରଞ୍ଜନ ଭୂୟାଁ । ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ବାହାଡାଝୋଲା ଯୁକ୍ତ ତିନି କଲେଜରେ କାର୍ଯ୍ୟରତ ଥିବା ଲାଇବ୍ରେରିଆନ ହୃଷିକେଶ ବେହେରାଙ୍କ ଏରିୟର ଟଙ୍କା ପାଇଁ ବାରମ୍ବାର ପ୍ରିନସିପାଲଙ୍କୁ କହିଥିଲେ । କିନ୍ତୁ ପ୍ରିନସିପାଲ ନଳିନୀ ରଞ୍ଜନ ଭୂୟାଁ କର୍ଣ୍ଣପାତ କରିନଥିଲେ । ଏକ ଲକ୍ଷ ଟଙ୍କା ଦେଲେ ଏରିୟର ଟଙ୍କା କରାଇଦେବେ ବୋଲି କହିଥିଲେ । ତେବେ ଲାଇବ୍ରେରୀଆନ ହୃଷିକେଶ ବେହେରା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ତେବେ ଆଜି ଭିଜିଲାନ୍ସ ଟିମର ପ୍ରସ୍ତୁତି ଅନୁସାରେ ହୃଷିକେଶ ଏକ ଲକ୍ଷ ଟଙ୍କା ନେଇ ପ୍ରିନସିପାଲ ନଳିନୀ ରଞ୍ଜନ ଭୂୟାଁଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ ଚଢ଼ାଉ କରି ଏକ ଲକ୍ଷ ଟଙ୍କା ଜବତ କରିଛି । ପ୍ରିନସିପାଲଙ୍କ ନଳିନୀ ରଞ୍ଜନଙ୍କ ମାଣିକପାଟଣାସାହି ସ୍ଥିତ ବାସଭବନ ଏବଂ କଲେଜରେ ଭିଜିଲାନ୍ସର ଖାନତଲାସି କରିବା ସହ ପ୍ରିନସିପାଲଙ୍କୁ ଅଟକ ରଖିଥିବା ସୂଚନା ମିଳିଛି ।

## ନାବାଳିକାଙ୍କୁ ଅସଦାଚରଣ ; ଜଣେ ଗିରଫ

**ବ୍ରହ୍ମପୁର, ୨୬।୧୧ (ସଂଚାର ବ୍ୟୁରୋ) :** ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଟାଉନ ଥାନା ପୁଲିସ। ଗିରଫ ଯୁବକ ଜଣକ ହେଲେ ବୈଦ୍ୟନାଥପୁର ଥାନା ଅଞ୍ଚଳର କେ. ବଦ୍ରୀ ନାରାୟଣ ପାତ୍ର (୩୬) । ସୂଚନାଯୋଗ୍ୟ ଯେ, ଟାଉନ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ପସନ୍ଦ କରିବା ସହ ଖରାପ ଉଦ୍ଦେଶ୍ୟରେ ଦେଖୁଥିଲା । ଏପରି କି ଅନେକ ଥର ବୁଲାବୁଲି କରିବାକୁ ଡାକିଥିଲା । ଗତ କିଛିଦିନ ପୁର୍ବେ ନାବାଳିକା ଜଣକ ଏକା ଥିବା ବେଳେ ମାଲିକ ବଦ୍ରୀ ନାରାୟଣ ପାତ୍ର ତାଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ । ମାଲିକ ବଦ୍ରୀଙ୍କ କବଳରୁ ନାବାଳିକା ଜଣକ ବାହାରି ଘଟଣାକୁ ନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରେ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବଦ୍ରୀ ନାରାୟଣ ପାତ୍ରକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ପରେ ମଙ୍ଗଳବାର ଅଭିଯୁକ୍ତର ମେଡ଼ିକାଲ ପରୀକ୍ଷା କରାଇ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ତଥା ଏସଆଇ ସୁଜତା କଂହର ସୂଚନା ଦେଇଛନ୍ତି ।

## ଜମିରେ ପଶିଗଲା ବସ୍, ବର୍ତ୍ତିଲେ ଯାତ୍ରୀ




**ରାଇଘର, ୨୬।୧୧ (ସଂଚାର ବ୍ୟୁରୋ) :** ଉମରକୋଟଠାରୁ ଡୁରୁଡ଼ି ଯାଉଥିବା ମା ଗୌର ଚଣ୍ଡୀ ବସ୍ ଆଜି ଅପରାହ୍ନ ସାଢେ ୫ଟା ସମୟରେ ଭାରସାମ୍ୟ ହରାଇ ଲାଲୱାରା ନିକଟରେ ଥିବା ଚାଷ ଜମି ଭିତରକୁ ପଶି ଯାଇଥିଲା। ତେବେ ଦୁର୍ଘଟଣା ପରେ ମଧ୍ୟ ବସ୍ ସିଧା ହୋଇ ରହି ଯାଇଥିବା ଯୋଗୁଁ ବସରେ ଥିବା ସମସ୍ତ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଡ୍ରାଇଭର କହିବା ଅନୁଯାୟୀ ବସର ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡ଼ିଟି ଦୁର୍ଘଟଣା ପରେ ବି ବସ୍ ଓଲଟି ନଯାଇ ସିଧା ହୋଇ ରହିଯାଇଥିବା ଯାତ୍ରୀମାନେ ପ୍ରକାଶ କରିଛନ୍ତି ।

## ଜିପିଏଚ୍ ଉପଖଣ୍ଡ ୧ ଓ ୨ରୁ ଆରଟିଆଇରେ ମିଳୁନି ତଥ୍ୟ

**କଟକ, ୨୬।୧୧ (ସଂଚାର ବ୍ୟୁରୋ) :** କଟକ ସାଧାରଣ ଜନସ୍ୱାସ୍ଥ୍ୟ ଉପଖଣ୍ଡ ୧ ଓ ୨ରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ବର୍ତ୍ତମାନ ସ୍ପଷ୍ଟ ପ୍ରମାଣିତ ହେବାକୁ ଯାଉଅଛି।ଯାହକି ସୂଚନାଅଧିକାର ଆଇନରେ ତଥ୍ୟ ମାଗିଲେ ତଥ୍ୟ ମିଳୁନାହିଁ କି ଯେଉଁ ଠାରେ କାର୍ଯ୍ୟ ହେଉଛି ଏହାର ତଥ୍ୟ ସୂଚନାଫଳକରେ ସାର୍ବଜନୀନ ହେଉନଥିବା ଅଭିଯୋଗ ହୋଇଛି। କଟକ ସହରର ସରକାରୀ କ୍ୱାଟର, କାର୍ଯ୍ୟାଳୟ ଏବଂ ବିଭିନ୍ନ ପ୍ରକଳ୍ପର ସାନିଟାରୀ କାର୍ଯ୍ୟ ଜିପିଏଚ ଉପଖଣ୍ଡ ୧ଓ ୨ ବିଭାଗର ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କୋଟିକୋଟି ଟଙ୍କାର କାର୍ଯ୍ୟ ହେଉଥିବା ଏବଂ ଏହାକୁ ନିର୍ଦ୍ଦିଷ୍ଟ ଠିକାଦାର ମାଧ୍ୟମରେ ହେଉଥିବା ଯୋଗୁଁ କଟକର ଜଣେ ବ୍ୟକ୍ତି ୨ଟି ଉପଖଣ୍ଡର ଜନସୂଚନାଅଧିକାରୀଙ୍କୁ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ମାସ ୭ତାରିଖରେ ୪ଟି ଆରଟିଆଇ ମାଧ୍ୟମରେ କିଛି ତଥ୍ୟ ମାଗିଥିଲେ।ଏହି ତଥ୍ୟ ଆଇନ ଅନୁଯାୟୀ ୩୦ଦିନରେ ଦେବାପାଇଁ ନିୟମ ରହିଥିଲେ ଜନସୂଚନା ଅଧିକାରୀଙ୍କ ଠାରୁ




ରାଜ୍ୟ ସୂଚନା କମିଶନଙ୍କୁ ଅଭିଯୋଗ

କୌଣସି ଉତ୍ତର ନମିଳିବାରୁ ନଭେମ୍ବର ୨୬ତାରିଖରେ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ସୂଚନାଅଧିକାର ଆଇନ ଧାରା-୧୮ ଅନୁଯାୟୀ ୪ଟି ଆରଟିଆଇର ତଥ୍ୟ ପାଇଁ ଅଭିଯୋଗ କରିବା ସହ ସୂଚନା ଅଧିକାର ଆଇନରେ ତଥ୍ୟ ଦେବାରେ ବିଳମ୍ବ ଯୋଗୁଁ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଧାରା ୨୦(୧) ଅନୁଯାୟୀ ୨୫ହଜାର ଟଙ୍କା ଆର୍ଥିକ ଦଣ୍ଡବିଧାନ, ଧାରା ୨୦(୨)ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ତଥ୍ୟ ଦେବାରେ ଆବେଦନକାରୀଙ୍କୁ ବିଳମ୍ବ ଯୋଗୁଁ ଆର୍ଥିକ କ୍ଷତିପୂରଣ ବାବଦରେ ୨୦ହଜାର ଟଙ୍କା ଦେବାପାଇଁ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି।ସୂଚନାର ତଥ୍ୟ ଦେଲେ ବିଭାଗୀୟ ଅଧିକାରୀ ନିର୍ଦ୍ଦିଷ୍ଟ ଠିକାଦାର ମାଧ୍ୟମରେ ସରକାରୀ କାର୍ଯ୍ୟାଳୟ, କ୍ୱାଟର ଓ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ଯୋଗୁଁ ଜନସୂଚନା ଅଧିକାରୀ ଜାଣିଶୁଣି ତଥ୍ୟ ଦେବାକୁ ବିଳମ୍ବ କରୁଥିବା ଅଭିଯୋଗ ହେଉଛି।ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏକ ବଡ ଧରଣର ଅନିୟମିତତା ଏବଂ ଦୁର୍ନୀତିରେ ଲିପ୍ତ ବଡ଼ବଡ଼ ଅଧିକାରୀ, ଠିକାସଂସ୍ଥାଙ୍କ ମୁଖା ଖୋଲିପାରେ ବୋଲି ଚର୍ଚ୍ଚା ଜୋର ହେଉଛି।ରାଜ୍ୟରେ ଦୁର୍ନୀତିକୁ ମୁଳୋତ୍ପାଟନ କରିବା ପାଇଁ ସୂଚନାଅଧିକାର ଆଇନକୁ ଅଗ୍ରାଧିକାର ଦେବାସହ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

### ୧୦ଦିନ ମାଛଧରା ନିଷେଧ

## ଉପନିର୍ଦ୍ଦେଶକଙ୍କ ଜେଠି ସ୍ଥିତି ଅନୁଧ୍ୟାନ

**କାକଟପୁର/ଅସ୍ତରଙ୍ଗ, ୨୬।୧୧ (ସଂଚାର ବ୍ୟୁରୋ) :** ନୌସେନା ଦିବସ ପାଳନ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାରେ ୧୦ଦିନ ପର୍ଯ୍ୟନ୍ତ ସାମୁଦ୍ରିକ ମାଛଧରା ବନ୍ଦ ରହିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ, ଡ଼ାଲୁଅକଣି, କାଳିଆକଣ ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୨୬ରୁ ଡିସେମ୍ବର ୫ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ କୁହାଯାଇଛି। ଏ ନେଇ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ଡାକବାଜି ଯୋଗେ ପ୍ରଚାର କରାଯିବା ସହ ବିଭିନ୍ନ ମତ୍ସ୍ୟଜୀବୀ ସଙ୍ଘକୁ ଅବଗତ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ସମୟରେ ଉପନିର୍ଦ୍ଦେଶକ ଗଞ୍ଜାମ ଜୋନ ସୁରେଶ ଚନ୍ଦ୍ର ବେହେରା, ବାଲୁଗାଁ ଏଫ ଟି ଆଇ ପ୍ରିନ୍ସପାଲ ଗଜେନ୍ଦ୍ର ପ୍ରଧାନ, ଅସ୍ତରଙ୍ଗ ସହକାରୀ ମତ୍ସ୍ୟଧିକାରୀ ସତ୍ୟବ୍ରତ ଦାଶ, ସାଗରମିତ୍ର ଲକ୍ଷ୍ମୀପ୍ରିୟା ପରିଡା, ପବିତ୍ର ପ୍ରଧାନ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ସହ ସଚେତନ କରିଥିଲେ। ସୂଚନା ମୁତାବକ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବିଙ୍କୁ ଅବଗତ କରାଯାଇଛି। ଏଥିପାଇଁ ସାଗର ମିତ୍ର ମାନଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ସଚେତନ କରାଯାଇଛି। ସରକାରଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରି ମତ୍ସ୍ୟଜୀବୀମାନଙ୍କୁ ୧୦ଦିନ ମାଛଧରା ନିଷେଧ ସଚେତନ କରିଥିଲେ।

## ନାହିଁ ନାହିଁରେ ଚାଲିଛି ନାଉଗାଁ ବ୍ଲକ

# ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନାହାଁନ୍ତି ଅଧିକାରୀ

**ନାଉଗାଁ, ୨୬।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରମୁଖ ବ୍ଲକ ହେଉଛି ନାଉଗାଁ। ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଠାରୁ ମାତ୍ର ୨୦ କିମି ଦୂରରେ ଅବସ୍ଥିତ ଏହି ବ୍ଲକ । ଦୀର୍ଘ ୫୦ବର୍ଷ ପରେ ନାଉଗାଁ ବ୍ଲକରେ ପ୍ରଶାସନିକ କ୍ଷେତ୍ରରେ ଜନସଧାରଣଙ୍କ ପାଇଁ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ରୂପେ ସକ୍ଷମ ହୋଇ ପାରିନାହିଁ। ଦୀର୍ଘଦିନ ଧରି ବ୍ଲକ ପ୍ରଶାସନରେ ବହୁ ଗୁରୁତ୍ୱ ପୂର୍ଣ୍ଣ ପଦପଦବୀ ଖାଲି ପଡ଼ିଥିବା ଦେଖିବାକୁ ମିଳୁଛି । ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ଦୀର୍ଘ ୧୦ ମାସ ହେବ ଖାଲି ପଡିଛି। ସେହିପରି ବ୍ଲକ ଉନ୍ନୟନ କିରାଣୀ ଦୀର୍ଘ ୮ମାସ ଏବଂ ଏନ୍‌ଆର୍‌ଜିଏସ୍ ଏପିଓ ପଦବୀ ଏକ ବର୍ଷ ହେବ ଖାଲି ପଡିଛି। ସେହିପରି ଯୋଗାଣ ଅଧିକାରୀଙ୍କୁ ଅତିରିକ୍ତ ବାଲିକୁଦା ଦାୟିତ୍ୱ ମିଳବାରୁ ନାଉଗାଁ ବ୍ଲକରେ ମାତ୍ର ସପ୍ତାହରେ ତିନିଦିନ କାର୍ଯ୍ୟ କରୁଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ନିଜ ନିଜର କାର୍ଯ୍ୟରେ ଯାଇ ବ୍ଲକ କାର୍ଯ୍ୟାଳୟରୁ ଫେରିବାକୁ ପଡୁଛି।




ଏହି ସବୁ ପଦପଦବୀରେ ଅଫିସର ନଥିବାରୁ ବାର୍ଦ୍ଧକ୍ୟ, ବିଧବା ଓ ଭିନକ୍ଷମ ଭତ୍ତା ଆଦି ଜନମଙ୍ଗଳ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଉନୟନ ମୂଳକ ଓ ପ୍ରକଳ୍ପ କାର୍ଯ୍ୟ ପାଇଁ ସମସ୍ୟା ଦେଖା ଦେଉଛି। ସେହିପରିଏନ୍‌ଆର୍‌ଜିଏସ୍ କାର୍ଯ୍ୟରେ ମଧ୍ୟ ବାଧାସୃଷ୍ଟି ହେଉଛି। ନାଉଗାଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ଥିବା ୬ଜଣ ଅମିନ ବଦଳରେ ୨ଜଣ ଅମିନ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଜମିବାଡ଼ି ମାପଚୁପ ଏବଂ ରେକର୍ଡ ଯୋଗାଇବାରେ ସାଧାରଣ ଲୋକ ବହୁ ଅସୁବିଧାର ସମୁଖୀନ ହେଉଛନ୍ତି। ଯାହାକି ଏକ ଗୁରୁତ୍ୱ ବହନ କରୁଥିବା ସମସ୍ୟା ପାଲଟିଛି। ସେହିପରି ନାଉଗାଁ ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷାଅଧିକାରୀ ପଦବୀ ଫାଙ୍କା ପଡ଼ିଥିବା ବେଳେ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ଏବଂ ମୁଖ୍ୟ କିରାଣୀ ପଦବୀ ଖାଲି ସହିତ ତିନିଜଣ ଏବିଓ ପଦବୀ ଖାଲି ରହିଛି। ଯାହାକି ଦୀର୍ଘଦିନ ଧରି ବ୍ଲକ ଶିକ୍ଷାକ୍ଷେତ୍ରରେ ବହୁ ଅସୁବିଧା ପାଇଁ ସମସ୍ୟା ଲାଗିରହିଛି।

ଅନ୍ୟପଟରେ ଦୀର୍ଘ ଦିନ ହେଲାଣି ସବରେଜିଷ୍ଟ୍ରାର ଅଫିସରେ ନାହାଁନ୍ତି ସବରେଜିଷ୍ଟ୍ରାର ସେହି କାର୍ଯ୍ୟକୁ ନାଉଗାଁ ତହସିଲର ଅତିରିକ୍ତ ତହସିଲଦାର ତୁଲାଉଛନ୍ତି ଯାହାଫଳରେ ତହସିଲ୍ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ପଦବୀ ଭାବେ ଆଇନୀ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ନାଉଗାଁ ଥାନା ଅଧିକାରୀ ଙ୍କ ନିକଟରେ ପୁରୀ ଜିଲ୍ଲାକୁ ବଦଳି ହୋଇଯାଇଛି। ସେ ଏଠାରୁ ଯିବା ପରେ ସାତଦିନ ହେବ ନାଉଗାଁ ଥାନା ଅଧିକାରୀଙ୍କ ପଦବୀ ଫାଙ୍କା ପଡିଛି।

ମୋଟାମୋଟି ଭାବରେ କହିବା କି ନାଉଗାଁ ବ୍ଲକ ରେ ବହୁତ ଅଧିକାରୀ ପଦ ଫାଙ୍କା ପଡିଥିବା ବେଳେ କେବେଳ ଅତିରିକ୍ତ ଦାୟିତ୍ୱ ରେ ଚାଲିଛି ବ୍ଲକ। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସହିତ ବିଧି ବ୍ୟବସ୍ଥା ରେ ବି ହୋଇଛି ପରିବର୍ତ୍ତନ ତେବେ ଦୀର୍ଘଦିନ ଧରି ନାଉଗାଁ ବ୍ଲକରେ ବିଭିନ୍ନ ପଦପଦବୀ ଗୁଡିକ ଖାଲି ପଡ଼ିଥିବା ବେଳେ ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ନାଉଗାଁର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ସାଧାରଣ ଜନସାଧାରଣ ମାନଙ୍କର ଉପୁଜୁଥିବା ଅସୁବିଧା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବୋରିଗୁମ୍ମା, ୨୬।୧୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି ସିଂପୁର ଥାନା ଅଧିନ ଗୁଡୁମାଇଗୁଡା ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ମୃତ୍ୟୁ ଯୁବକ ଙ୍କ ନାମ ସୁକାନ୍ତ ମାଝୀ(୨୫ବର୍ଷ)। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ଗୁରୁମାଇଗୁଡାରେ ବାସ କରୁଥିବା ଯୁବକ ସୁକାନ୍ତ ମାଝୀ ଅପସ୍ମାର ରୋଗ ଥିବା ଯୋଗୁଁ ଘରେ ହଠାତ ତଳେ ପଡିଯାଇଥିଲେ। ପରିବାର ଲୋକ ତୁରନ୍ତ ଆହତ ସୁକାନ୍ତ ମାଝୀଙ୍କୁ ନେଇ ବୋରିଗୁମ୍ମା ମେଡ଼ିକାଲ ନେବା ସମୟରେ ମୃତ୍ୟୁ ହୋଇଥିଲା। ପରିବାର ଲୋକ ଥାନାରେ ଲିଖିତ ଭାବେ ଜଣାଇବା ପରେ ମୃତ ସୁକାନ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ବି ସିଂପୁର ଥାନାରେ ଏକ ଅପମୃତ ମାମଲା-୧୪ /୨୪ ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଯାଜ୍ଞସିନୀ ମାଝୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁକ୍ତି ମଣ୍ଡପ ସେବାୟତ



**ଯାଜପୁର, ୨୬।୧୧ (ସଂଚାର ବ୍ୟୁରୋ):** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି । ଗତ ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ, ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆବଶ୍ୟକେ ପଡ଼ିଲେ ଆଉ ଅଧିକ କାର୍ଯ୍ୟ କରିବା ନିମନ୍ତେ ଘୋଷଣା କରିଥିଲେ । ବିରଜା ପରିକ୍ରମା ପ୍ରକଳ୍ପ ଦ୍ରୁତ ଗତିରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ପରିପ୍ରେକ୍ଷୀରେ ମା' ବିରଜା ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ମା' ମଣ୍ଡପ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତି ଯୋଗୁ ସେବାୟତ ବହୁବାର ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ । ଏହି ଦାବି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଛି । ଏଥି ସହିତ ମୁଖ୍ୟମନ୍ତ୍ରୀ ମା' ବିରଜାଙ୍କ ପୂରାଣ ବର୍ଣ୍ଣିତ କଥା କହିବା ସହ ପ୍ରସିଦ୍ଧ ନାଭିଗୟା କଥା ମଧ୍ୟ ଉପସ୍ଥାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସେବାୟତଙ୍କୁ ଉତ୍ସାହିତ କରିଛି । ମୁଖ୍ୟମନ୍ତ୍ରୀ ସାମାନ୍ୟ ସମୟ ଦେଲେ ବିରଜାଙ୍କ ଶତାଧିକ ସେବାୟତ ତାଙ୍କ ନିକଟରେ ପହଞ୍ଚି ଆଶୀର୍ବାଦ କରିବାକୁ ଇଚ୍ଛା ପ୍ରକାଶ କରିଥିବା ସାମ୍ବାଦିକ ସମ୍ମିଳନୀରେ ସେବାୟତଗଣ ସୂଚନା ଦେଇଥିଲେ । ମଠ ମନ୍ଦିର ସୁରକ୍ଷା ଓ ଉନ୍ନତି ସହିତ ମନ୍ଦିରର ସେବା ପୂଜା ଯୋଗାଇ ଆସୁଥିବା ସେବାୟତଙ୍କ ଉନ୍ନତି ପାଇଁ ସଦାସର୍ବଦା କାର୍ଯ୍ୟ କରିବା ନିମନ୍ତେ ନିବେଦନ କରୁଛି । ମା' ବିରଜା ପରିକ୍ରମା ପ୍ରକଳ୍ପ ନିମନ୍ତେ ସେବାୟତ ନିଜର ଭିଟା ମାଟି ଛାଡ଼ିଥିବା ବେଳେ ପୂର୍ବ ପ୍ରସ୍ତୁତି ନକ୍ସା ଅନୁଯାୟୀ କାର୍ଯ୍ୟକୁ ସଂକୁଚିତ କରାନଯାଉ । ଏହି ସାମ୍ବାଦିକ ସମ୍ମିଳନୀରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀପ୍ରସାଦ ପାଣିଙ୍କ ସମେତ ଶତାଧିକ ସେବାୟତ ଉପସ୍ଥିତ ଥିଲେ ।

## ଧାନ ଓ ଚିନାବାଦାମ ବିହନ ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି ଚାଷୀ

**କଣାସ, ୨୬।୧୧ (ସଂଚାର ବ୍ୟୁରୋ):** କୃଷକମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି କୃଷକମାନଙ୍କୁ ସୁବିଧା ଯୋଗାଦେଉଥିବା ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଚାଷୀମାନେ ଖରିପ ଧାନ ବିହନ ଓ ଚିନାବାଦମ ବିହନ ପାଇଁ ନାହି ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। କଣାସ ବ୍ଲକର କଣାସ ଠାରେ କୃଷି କାର୍ଯ୍ୟାଳୟ ଥିଲେ ମଧ୍ୟ ସେଥିରେ କୃଷିଅଧିକାରୀ ପଦବୀ ଓ ୧୦ଟି ଭିଏଲଡବ୍ଲୁ ପୋଷ୍ଟ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ଜଣେ ମାତ୍ର ଅତିରିକ୍ତ କୃଷି ଅଧିକାରିଣୀ କାର୍ଯ୍ୟାଳୟରେ ଅଛନ୍ତି। କଣାସ ଅଞ୍ଚଳର ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଓ ମରୁଡ଼ି ଯୋଗୁଁ ଚାଷୀମାନେ ଶାରଦ ଧାନଫସଲ ହରାଇ ଖରାଟିଆ ଓ ଚିନାବାଦମ ଚାଷ ଉପରେ ନିର୍ଭର କରିଥାଆନ୍ତି। ଖରାଟିଆ ଧାନବିହନ କୃଷି କାର୍ଯ୍ୟାଳୟରେ ମିଳୁନଥିବା ବେଳେ ସରକାରୀ ସୀକୃତିପ୍ରାପ୍ତ ମଞ୍ଜି ବିକ୍ରେତାମାନେ ବିହନ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ମଞ୍ଜି ବିକ୍ରେତାମାନଙ୍କ ପାଖରେ ବିହନ ମିଳୁନଥିବାରୁ ଚାଷୀମାନେ ଚିନାବାଦାମ ବିହନ ପାଇଁ ଢେଙ୍କାନାଳ, ଅନୁଗୁଳ, ରାଜଆଠଗଡ଼ ପ୍ରଭୃତି ଅଞ୍ଚଳକୁ ଯାଇ ଅଧିକ ଦରରେ ମଞ୍ଜି ସଂଗ୍ରହ କରି ଘରକୁ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ଗଡ଼ସାନପୁଟ, ଅଁଳାଯୋଡି, ଗଡ଼ବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର, ଚାଷୀମାନେ ଚିନାବାଦମ ଚାଷ ଉପରେ ନିର୍ଭର କରୁଛନ୍ତି। ସେହିପରି ଚାଷପାଇଁ ଧାନବିହନ ମିଳୁନଥିବାରୁ ଚାଷୀମାନେ ଅନ୍ୟ ବ୍ଲକରୁ ବିହନ ପାଇଁ ଦୌଡୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କଣାସ ଠାରେ ଥିବା ସୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମା ମହିଳା ସମିତିକୁ ଧାନ ବିହାନ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଦୀର୍ଘ ଏକ ମାସ ହେଲା ଧନବିହନ ପାଇଁ ସରକାରଙ୍କ ମଞ୍ଜି ନିଗମରେ ଟଙ୍କା ଜମାକରି ଥିଲେ ମଧ୍ୟ ମଞ୍ଜି ଦିଇନାହାନ୍ତି। କଣାସ କୃଷି କାର୍ଯ୍ୟାଳୟରେ ଅବସ୍ଥାପତି ଅତିରିକ୍ତ କୃଷି ଅଧିକାରିଣୀ ପ୍ରତିମା ଖଣ୍ଡାୟତରାୟଙ୍କୁ ପଚାରିବା ସେ କୁହନ୍ତି ସରକାରଙ୍କ ମଞ୍ଜି ନିଗମରେ ଧାନ ମଞ୍ଜି ନଥିବାରୁ ଆସିବାରେ ବିଳମ୍ବ ହେଉଛି। ଚିନାବାଦମ ମଞ୍ଜି ପାଇଁ ଲେଖିଛୁ ମଞ୍ଜି ଆସିଯିବ। ଚିନାବାଦମ ମଞ୍ଜି ଆସିବା ବେଳକୁ ଜମିରୁ ପାଗ ଛାଡିଯାଇଥିବ। ବିଭାଗୀୟ ଉଚ୍ଚ ପଦସ୍ତ କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯାତ୍ରୀ ନିବାସରେ ରଙ୍ଗ ବୋଳି ଲକ୍ଷାଧିକ ଟଙ୍କା ହରିଲୁଟ ମସୁଧା

**କୋଣାର୍କ, ୨୬।୧୧ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଆସନ୍ତା ଡିସେମ୍ବର ୧ ତାରିଖ ଠାରୁ ୫ ପର୍ଯ୍ୟନ୍ତ ୩୫ ତମ କୋଣାର୍କ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବ ପୂର୍ବରୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆର୍ଥିକ ସହାୟତାରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଠିକାଦାର ଚୟନ କରି କୋଣାର୍କ ଯାତ୍ରୀ ନିବାସ, ବାଙ୍କୁଏଟ ହଲ, ସମ୍ମିଳନୀ କକ୍ଷ, ରେଷ୍ଟୁରାଣ୍ଟ, ନିବାସର ବିଭିନ୍ନ କୋଠରୀ, ମୁକ୍ତାକାଶ ରଙ୍ଗମଞ୍ଚ ମୁଖ୍ୟ ଷ୍ଟେଜ, ଦର୍ଶକ ଗ୍ୟାଲେରୀ, ମୁକ୍ତାକାଶ ରଙ୍ଗମଞ୍ଚ



ପ୍ରାଚୀର, ଗୀତାଞ୍ଜଳି ରେଷ୍ଟୁରାଣ୍ଟ ଓ ଚନ୍ଦ୍ରଭାଗା କାଫର ମରାମତି ଓ ରଙ୍ଗ ବୋଳା କାମ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ନାମକୁ ମାତ୍ର ନିମ୍ନମାନର ରଙ୍ଗ ବୋଳି ଲକ୍ଷାଧିକ ଟଙ୍କା ହରିଲୁଟ ଘଟଣାରେ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ତଥା ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ବରିଷ୍ଠ ପ୍ରଶାସକ ତଥା ମୁଖ୍ୟ ଶାସନ ସଚିବଙ୍କ ନିକଟରେ ନଭେମ୍ବର ୨୨ ତାରିଖରେ ଘଟଣାର ତଦନ୍ତ କରିବା ପାଇଁ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗୁରୁତ୍ୱାରୋପ କରି ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମହୋଦୟ ସିଏସ ୨୦୨୪୮୮୩୧୦ ଆଧାରରେ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ବଲୱନ୍ତ ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ପ୍ରକାଶ ଥାଉ କି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଦତ୍ତ ଆର୍ଥିକ ସହାୟତାରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସରକାରୀ ନିୟମ ଅନୁସାରେ କୋଣାର୍କ ଉତ୍ସବ ନିମନ୍ତେ ରଙ୍ଗ ବୋଳା ଓ ମରାମତି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ବନ୍ଧୀୟ ବିଜ୍ଞାପନ କୌଣସି ଖବରକାଗଜରେ ପ୍ରକାଶିତ ନ କରି ମନଇଚ୍ଛା ଭାବେ ହାତଗଣତି ଠିକାଦାରଙ୍କ ସହିତ ଗୁପ୍ତ ବୁଝାମଣା କରି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାମ ପାଇଁ ବିଭାଗୀୟ ଭାବେ ଦୁଇଜଣ ଠିକାଦାର ଚୟନ କରାଯାଇଛି। ଏହି କାମ ଦାୟିତ୍ୱରେ ଥିବା ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର କାର୍ଯ୍ୟ ଚାଲିଥିବା ବେଳେ ଅଧିକାଂଶ ସମୟରେ ଅନୁପସ୍ଥିତି ରହିବା ଯୋଗୁଁ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ମାନେ ମନଇଚ୍ଛା

**ମୁଖ୍ୟ ଶାସନ ସଚିବଙ୍କ ତଦନ୍ତ ନିର୍ଦ୍ଦେଶ, ପର୍ଯ୍ୟଟନ ବିଭାଗ କରିବ ଛାନ୍‌ଭିନ୍**

ନିମ୍ନମାନର ରଙ୍ଗ ବୋଳି ଲକ୍ଷାଧିକ ଟଙ୍କା ଆତ୍ମସାତ କରିବା ପାଇଁ ମସୁଧା କରିବା ନେଇ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି କାମ ଦାୟିତ୍ୱରେ ଥିବା ଠିକାଦାର କାର୍ଯ୍ୟ କରୁଥିବା ବେଳେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ତଥା କୋଣାର୍କ ଯାତ୍ରୀ ନିବାସ ପରିଚାଳକ ଅମିୟ ରଞ୍ଜନ ସେଠୀ କାର୍ଯ୍ୟାଳୟ ଠାରେ ଉପସ୍ଥିତ ଥିଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର କରୁଥିବା ନିମ୍ନମାନର ରଙ୍ଗ ବୋଳା କାମ ବୁଲି ନ ଦେଖିବା ବିଭାଗୀୟ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବର ପରିଚାୟକ ବୋଲି ଅନେକ ମତଦିଅନ୍ତି। ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଓ ଠିକାଦାର ମାନଙ୍କ ମଧ୍ୟରେ ଏକ ଗୁପ୍ତ ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ହିଂସା ମୁକ୍ତ ସମାଜ ଗଠନ ଅଭିଯାନ

**ନବରଙ୍ଗପୁର, ୨୬।୧୧ (ସଂଚାର ବ୍ୟୁରୋ) :** କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ୱାନ ଷ୍ଟପ ସେଣ୍ଟର୍ (ସଖୀ ) ମିଳିତ ଆନୁକୁଲ୍ୟରେ ୧୬ଦିନିଆ ମହିଳା ହିଂସା ମୁକ୍ତ ସମାଜ ଅଭିଯାନର ଶୁଭାରମ୍ଭ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଦ୍ୱାରା ହୋଇଯାଇଛି। ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିବାରଣ ଦିବସ ଉପଲକ୍ଷେ କୋଷଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ଶୁଭଙ୍କର ମହାପାତ୍ର ଯୋଗ ଦେଇ ମହିଳାଙ୍କ ଉପରେ ହେଉଥିବା ହିଂସା କିପରି ଦୂରୀକରଣ ହୋଇପାରିବ ତାର ବିଭିନ୍ନ ଦିଗ ଉପରେ କହିବା ସହ ସଚେତନତା ଦ୍ୱାରା ହିଁ ମହିଳା ହିଂସା ଦୂରୀକରଣ ସମ୍ଭବ ବୋଲି କହିଥିଲେ। ସଖୀ କେନ୍ଦ୍ରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ କିପରି ଗ୍ରାମ ଗ୍ରାମରେ ସଚେତନତା କରିପାରିବା



ଏହିବିଷୟରେ ମଧ୍ୟ କହିଥିଲେ। ଶ୍ରୀମତି ରଞ୍ଜିତା ସାହୁ ଉପସ୍ଥିତ ଅଧିକାରୀଙ୍କୁ ସ୍ୱାଗତ ସମ୍ଭାଷଣ ଦେଇଥିଲେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରପୌଦୀ କହଁର କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲପାଳ ପ୍ରକାଶ ମିଶ୍ର ଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରିଶେଷରେ ସଖୀ ୱାନ ଷ୍ଟପ ସେଣ୍ଟର୍/ ରାଜ୍ୟ ସହାୟତା କେନ୍ଦ୍ର ର ଲିଗାଲ ଆସିଷ୍ଟାଣ୍ଟ କିଶୋରୀ ପଟ୍ଟନାୟକ ଉପସ୍ଥିତ ଥିବା ସମସ୍ତ ଅତିଥି ଏବଂ ଅଂଶ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଜାତା କାର୍ତ୍ତିକେୟନଙ୍କୁ ଝଟ୍‌କା



ଛୁଟି ଆବେଦନ ଖାରଜ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ଭିକେ ପାଣ୍ଡିଆନଙ୍କ ପତ୍ନୀ ତଥା ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ ରାଉତଙ୍କୁ ଶକ୍ତ ଝଟକା ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ପିଛିଲା ଭାବେ ମେ' ୩୧ରୁ ୬ମାସ ଛୁଟିରେ ପଳାଇଥିବା ସୁଜାତା ପୁଣି ଛୁଟିକୁ ଆଉ ୬ମାସ ବୃଦ୍ଧି ପାଇଁ କରିଥିବା ଆବେଦନକୁ ରାଜ୍ୟ ସରକାର ଖାରଜ କରିଛନ୍ତି। ଏହାସହିତ ୨୭ ତାରିଖରୁ ଚାକିରିରେ ଯୋଗ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ନିଜ ପିଲାଙ୍କ ଯତ୍ନ ନେବା ଦର୍ଶାଇ ସୁଜାତା ନଭେମ୍ବର ୨୬ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିଲେ,ଯାହାକୁ ତତକାଳୀନ ମୁଖ୍ୟ ସଚିବ ଅନୁମୋଦନ କରିଥିଲେ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ଆଜି ସୁଜାତାଙ୍କୁ ଚିଠି ଲେଖି ତାଙ୍କର ଛୁଟି ଆବେଦନକୁ ରାଜ୍ୟ ସରକାର ଖାରଜ କରିଛନ୍ତି ବୋଲି ଅବଗତ କରାଇଛନ୍ତି । ସୁଜାତା ନଭେମ୍ବର ୨୭ରୁ ଆଉ ୬ମାସ ପାଇଁ ଛୁଟିରେ ଯିବାକୁ ଗତ ନଭେମ୍ବର ୪ତାରିଖରେ ମୁଖ୍ୟ ସଚିବଙ୍କୁ ଲିଖିତ ଅନୁରୋଧ କରିଥିଲେ। ତାଙ୍କୁ ଅଧିକ ଛୁଟି ଦେବା ପାଇଁ ସରକାର ରାଜି ନାହାନ୍ତି ବୋଲି ଲିଖିତ ଭାବେ ଶ୍ରୀ ମହାନ୍ତି ସ୍ପଷ୍ଟ କରିବା ସହ ନଭେମ୍ବର ୨୭ରୁ କାର୍ଯ୍ୟରେ ଯୋଗ ଦେବାକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନବୀନ ପଟ୍ଟନାୟକ ସରକାରରେ ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା ଅଖଣ୍ଡ ପ୍ରଭାବର ଅଧିକାରୀ ଥିଲେ। ତେବେ ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ସୁଜାତା ଛୁଟିରେ ପଳାଇଥିବା ଜୁନ୍ ୬ ତାରିଖରେ ସାଧାରଣ ପ୍ରଶାସନ ବିଭାଗର ଚିଠିରୁ ଜଣାପଡ଼ିଥିଲା। ତାଙ୍କୁ ପିଛିଲା ଭାବେ ମେ' ୩୧ରୁ ନଭେମ୍ବର ୨୬ ପର୍ଯ୍ୟନ୍ତ ୧୮୦ ଦିନର ଛୁଟି (ସନ୍ତାନର ଯତ୍ନ ପାଇଁ) ଅନୁମତି ଦିଆଯାଇଥିଲା। ଏହି ଛୁଟି ଅବଧି ମଧ୍ୟରେ ସୁଜାତାଙ୍କୁ ସମ୍ପୂର୍ଣ୍ଣ ଦରମା ମଧ୍ୟ ମିଳୁଥିଲା । ସର୍ବଭାରତୀୟ ସେବା ରୁଲସ-୧୯୫୫ର ରୁଲ-୧୮(ଘ)ରେ ଥିବା ପ୍ରାବଧାନ ଆଧାରରେ ସେ ତାଙ୍କ ଝିଅର ଦଶମ ପରୀକ୍ଷା ପାଇଁ ଛୁଟି ଆବେଦନ କରିଥିଲେ । ଯାହାକୁ ତତକାଳୀନ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଅନୁମୋଦନ କରିଥିଲେ ।

ସାଧାରଣ ନିର୍ବାଚନବେଳେ ବିଜେଡିକୁ ସହଯୋଗ କରୁଥିବା ଅଭିଯୋଗରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସୁଜାତାଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା। ସୁଜାତା ଆସନ୍ତାକାଲି ତାଙ୍କ କାର୍ଯ୍ୟରେ ଯୋଗ ଦେଉଛନ୍ତି କି ନାହିଁ ତାକୁ ନେଇ ଗଣମାଧ୍ୟମ ଓ ପ୍ରଶାସନିକ କଳରେ ଚର୍ଚ୍ଚା ଜୋର ଧରିଛି।

# ମହୋଦଧି ଦିବସ ପୋଷ୍ଟର ଉନ୍ମୋଚନ କଲେ ଧର୍ମେନ୍ଦ୍ର ପ୍ରଧାନ




ପୁରୀ,୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ତ୍ରିମୂର୍ତ୍ତି ମାର୍ଗସ୍ଥିତ ତାଙ୍କ ବାସଭବନରେ ମହୋଦଧି ଦିବସର ଅଫିସିଆଲ୍ ପୋଷ୍ଟର ଉନ୍ମୋଚନ କରିଛନ୍ତି। ପୁରୀ ସ୍ୱର୍ଣ୍ଣାଭ ବେଳାଭୂମି ଠାରେ ଡିସେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ମହୋଦଧି ଦିବସ ପାଳିତ ହେବ। ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ଏହି ଦିବସ ଆୟୋଜିତ ହେଉଛି। ଏହି ଦିବସକୁ ଲୋକାଭିମୁଖୀ କରିବା ପାଇଁ ଆନ୍ତର୍ଜାତୀୟ ବିଚ୍ ସ୍ପୋର୍ଟସ କାର୍ଣିଭାଲ ୨୦୨୪ ଆୟୋଜିତ ହେବ।ଏଥିପାଇଁ ଏହି ଦିବସର ଅଫିସିଆଲ୍ ପୋଷ୍ଟରକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ତାଙ୍କ ଧତ୍ନୀ ମୃଦୁଳା ପ୍ରଧାନଉନ୍ମୋଚନ କରିଛନ୍ତି। ଉନ୍ମୋଚନ ପର୍ବରେ ମହୋଦଧି ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ପଣ୍ଡିତ ମହେଶ ସାହୁ, କୃଷ୍ଣଚନ୍ଦ୍ର ଦାଶ, ସତ୍ୟରଞ୍ଜନ ଦାଶ ଉପସ୍ଥିତି ଥିଲେ। ସୂଚନା ଯୋଗ୍ୟ, ମହୋଦଧି ଦିବସ କାର୍ଯ୍ୟକ୍ରମରେ ୧୦ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେବେ। ଇଣ୍ଡୋ ଶ୍ରୀଲଙ୍କା ଲଇଫ୍ ସେଭିଂ ସ୍ପୋର୍ଟସ ଚାମ୍ପିୟନସିପ୍ ମୁଖ୍ୟ ଆକର୍ଷଣ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଛନ୍ତି।

# ସମ୍ବିଧାନ ପାଠ କରାଇଲେ ମୋହନ

## ମୋ ସମ୍ବିଧାନ ମୋ ଗୌରବ ପଦଯାତ୍ରା



ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମାଇଁ ଭାରତ (ଏନୱାଇକେଏସ ଓ ଏନଏସଏସ) ପକ୍ଷରୁ ଆଜି ଭୁବନେଶ୍ୱର ଏଜି ଛକରେ 'ସମ୍ବିଧାନ ଦିବସ ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଯୁବ ସେବା ଓ କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ, ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ, ପୃଥ୍ୱୀରାଜ ହରିଚନ୍ଦନ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଏନୱାଇକେଏସର ଆଞ୍ଚଳିକ ନିର୍ଦ୍ଦେଶକ ଶିବାଜୀ ଖରାଟ; ଏନଏସଏସର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ସମ୍ବିଧାନ ପ୍ରସ୍ତାବନା ପାଠ କରାଯାଇଥିଲା। ପଦଯାତ୍ରା ଏଜି ଛକଠାରୁ ଆରମ୍ଭ ହୋଇ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ପାଖାପାଖି ୧୫୦୦ ଯୁବକ (ମାଇଁ ଭାରତ ସ୍ୱେଚ୍ଛାସେବୀ) ଉପସ୍ଥିତ ଥିଲେ। ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମାରୋହକୁ ଜୀବନ୍ତ କରିଥିଲା।

## ବାଂଲାଦେଶୀ ସେକ୍ସ ରାକେଟ୍

# ଧରାପଡ଼ିଲା ମୁଖ୍ୟ ଦଲାଲ



କଟକ,୨୬।୧୧ (ସଂଚାର ବ୍ୟୁରୋ): ଖୋଲୁଛି ବାଂଲାଦେଶୀ ନାବାଳିକା ପେଡି। ପଞ୍ଜାରେ ପଡୁଛନ୍ତି ଜଣେ ପରେ ଜଣେ ଦଲାଲ୍। ମଙ୍ଗଳବାର କମିଶନରେଟ୍ ପୁଲିସ୍ ହାତରେ ଧରାପଡ଼ିଛି ଆଉ ଜଣେ ଦଲାଲ୍। ମଧୁପାଟଣା ଥାନା ପୁଲିସ୍ ଭୁବନେଶ୍ୱରର ଝାରପଡା ଅଞ୍ଚଳର ଅବଦୁଲ ସୟଦୁଲ ସୁଲେମାନକୁ ଗିରଫ କରିଛି। ବାଂଲାଦେଶୀ ନାବାଳିକା ଉଦ୍ଧାର ମାମଲାରେ ଦୁଇଦିନ ତଳେ ଅଭିଯୁକ୍ତ ଦମ୍ପତିଙ୍କୁ କଟକର ଗୋପାଳପୁରରୁ ଗିରଫ କରିଥିଲା ପୁଲିସ୍। ସେମାନେ ହେଲେ ବୀରା ଗୁଜ୍ଜର ଚୋଧୁରୀ ଓ ଜସ୍ମୀନ ଚୈଧୁରୀ। ସୋମବାର ପୁଲିସ୍ ଭୁବନେଶ୍ୱର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଥିଲା। ସେହି ସମୟରେ ଦଲାଲ ଅବଦୁଲ ସୟଦୁଲ ସୁଲେମାନ ଧରାପଡ଼ିଥିଲା। ସୁଲେମାନ ଏହି ଘଟଣାର ମୁଖ୍ୟ ଦଲାଲ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ଅନ୍ୟ ଜଣେ ଦଲାଲକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଏହାସହିତ ନବାଳିକାମାନେ ଅଭିଯୁକ୍ତ ସୁଲେମାନକୁ ଚିହ୍ନଟ କରିଛି। ଏହି ମାମଲାରେ ସୋମବାର କଟକ ସିଟି ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ପୀଡ଼ିତାଙ୍କର ବୟାନ ରେକର୍ଡ କରାଯିବା ସହ ଡାକ୍ତରଖାନାରେ ଡାକ୍ତରୀ ମାଇନା ହୋଇଛି। ପୀଡ଼ିତାଙ୍କୁ ବାଂଲାଦେଶରୁ ଅଣାଯାଇ ଓଡ଼ିଶାରେ କେଉଁ କେଉଁ ସ୍ଥାନରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିଲା ତା'ର ତଦନ୍ତ କରାଯାଉଛି। ଘଟଣାରେ ଅନେକ ଲୋକଙ୍କ ସମ୍ପୃକ୍ତି ଥିବା କଥା ପୁଲିସ ସନ୍ଦେହ କରୁଛି। ସେପଟେ ପୀଡିତାଙ୍କ ପରିବାର ଲୋକଙ୍କ ନିବେଦନ କ୍ରମେ ତାଙ୍କୁ ବାଂଲାଦେଶ ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି କଟକ ଡିସିପି ଜଗମୋହନ ମିନା।

## ୨୯ ଅପରାହ୍ଣରେ ପହଞ୍ଚିବେ ମୋଦୀ



ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ଓଡ଼ିଶାରେ ହେବାକୁ ଥିବା ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ସମ୍ମିଳନୀରେ ସାମିଲ ହେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ପ୍ରଧାନମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ନଭେମ୍ବର ୨୯ ତାରିଖ(ଶୁକ୍ରବାର) ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ୨୯ ତାରିଖ ୪ଟା ୧୫ରେ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଏହାପରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ରାଜଭବନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରୋଡ୍ ସୋ କରିବେ। ଏହାପରେ ଦଳୀୟ କାର୍ଯ୍ୟାଳୟକୁ ଆସି କର୍ମକର୍ତ୍ତାଙ୍କ ବୈଠକରେ ଯୋଗଦେବେ। ପାର୍ଟି ଅଫିସରେ ୨ ଘଣ୍ଟା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିବେ। ପ୍ରଧାନମନ୍ତ୍ରୀଙ୍କ ବୈଠକରେ ଦଳୀୟ ସାଂସଦ, ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିବେ। ଏହାପରେ ୩୦ ଓ ୧ ତାରିଖରେ ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଭୀମସାରରୁ ଦୁଇଦିନର ଶିଶୁ ଚୋରି



ସମ୍ବଲପୁର,୨୬।୧୧ (ସଂଚାର ବ୍ୟୁରୋ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଭୀମସାର)ରୁ ଏକ ନବଜାତ ଶିଶୁ ଚୋରି ଅଭିଯୋଗ ହୋଇଛି। ଛତିଶଗଡ଼ର ଏକ ଦମ୍ପତି ବୁର୍ଲା ଥାନାରେ ଏହି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଛାନ୍‌ଭିନ୍ କରୁଛି। ପୁଲିସର ସୂଚନା ଅନୁଯାୟୀ, ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା ବସନା ଥାନା ଅନ୍ତର୍ଗତ ବଡେସଜାପାଲି ଗାଁର ମୋହନ ଦାସଙ୍କ ପତ୍ନୀ ସୀତା ଦାସ ଗତ ୨୪ ତାରିଖରେ ଭୀମସାରର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେ ସୋମବାର ଏକ ଶିଶୁ ଜନ୍ମ ଦେଇଥିଲେ। ପିଲା ଜନ୍ମ ହେଲା ପରେ ତାଙ୍କ ସହିତ ଜଣେ ମହିଳା ସମ୍ପର୍କ ରଖି ମିଶୁଥିଲା। ଅପରାହ୍ଣ ପ୍ରାୟ ୩ଟା ବେଳେ ଦଂପତି ସେମାନଙ୍କର ଛୁଆ ନ ଥିବା ଦେଖି ଖୋଜାଖୋଜି କରି ନ ପାଇବାରୁ ପୁଲିସରେ ଅଭିଯୋଗ କରିଥିଲେ। ରାଜ୍ୟରେ ଅନେକ ସମୟରେ ନବଜାତ ଶିଶୁ ଚୋରି ଘଟଣା ଦେଖାଯାଉଛି। ରାଜ୍ୟରେ ନବଜାତ ଚୋରି ଘଟଣା ନୁଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ ଜୁନ୍ ମାସରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରୁ ନବଜାତ ଶିଶୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଛାନ୍‌ଭିନ୍ ଆରମ୍ଭ କରିଥିଲା। ପରେ ନବଜାତ ଶିଶୁ ଜଳେଶ୍ୱର ଅଞ୍ଚଳରୁ ପୁଲିସ ନବଜାତ ପୁତ୍ରକୁ ଉଦ୍ଧାର କରିଥିଲା। ଏହାସହିତ ଚୋରି କରିଥିବା ମହିଳା ସମେତ ଆଶାକର୍ମୀଙ୍କୁ ପୁଲିସ ଧରିଥିଲା।

## ଏଟି ଠକେଇ: ୧୫ ଜଣଙ୍କ ନାଁରେ ଚାର୍ଜଫ୍ରେମ୍

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ପ୍ରାୟ ୧୦ ବର୍ଷ ପରେ ଅର୍ଥତତ୍ତ୍ୱ (ଏଟି) ଠକେଇ ମାମଲାରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ (ଇଡି) ମଙ୍ଗଳବାର ଚାର୍ଜଫ୍ରେମ୍ କରିଛି। ଏଟି ନାଁରେ ୫ଶହ କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ହଜାର ହଜାର ଜମାକାରୀ ଠକେଇର ଶିକାର ହୋଇଥିଲେ। ଆଜି ପିଏମ୍‌ଏଲ୍‌ଏ କୋର୍ଟରେ ଏଟି ଗ୍ରୁପ୍ ନାଁରେ ଚାର୍ଜଫ୍ରେମ୍ ହୋଇଛି। ଗତ ମାର୍ଚ୍ଚ ୭ ତାରିଖରେ ଇଡି ପକ୍ଷରୁ ଭୁବନେଶ୍ୱରର ୬ଟି ସ୍ଥାନ ସମେତ ବ୍ରହ୍ମପୁର ଓ ଛତ୍ରପୁରରେ ଚଢ଼ାଉ କରଯାଇ ଠକେଇରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରାଯାଇଥିଲା। ଏଟି ଗ୍ରୁପ୍ ଚିଟଫଣ୍ଡ ଠକେଇ ମାମଲାରେ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଓ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଛି । ଏଟି ଗ୍ରୁପ୍‌ର ୧୩୫ କୋଟି ଟଙ୍କା ଆଟାଚ୍ କରିଥିଲା ଇଡି। ଏହା ଭିତରେ ବ୍ୟାଙ୍କ ବାଲାନ୍ସ, ଜମି, ଘର, ଫ୍ଲାଟ, ବିଲଡିଂ ଇତ୍ୟାଦି ଅନ୍ତର୍ଭୁକ୍ତ। ପ୍ରଥମେ ସିବିଆଇ ମାମଲାର ତଦନ୍ତ କରି କିଛି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଏହି ମାମଲାର ତଦନ୍ତ ଭାର ନେଇଥିଲା ଇଡି।

## ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା



ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନାକୁ ନେଇ ଆସିଲା ବଡ଼ ଅପଡେଟ୍। ୨୦୨୫ ମାର୍ଚ୍ଚ ୭ ସୁଭଦ୍ରା ପ୍ରଥମ କିସ୍ତି ଆବେଦନର ଶେଷ ତାରିଖ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ମାର୍ଚ୍ଚ ୮ ମହିଳା ଦିବସରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ମିଳିବ। ମାଲକାନଗିରିର ବଣ୍ଡାଘାଟିରେ ହିତାଧିକାରୀଙ୍କ ପାଖକୁ

**ମାର୍ଚ୍ଚ ୭ ପ୍ରଥମ କିସ୍ତି ଆବେଦନର ଶେଷ ଦିନ**

ବିଭାଗୀୟ ଅଧିକାରୀ ଯାଇ ସରଜମିନ ଯାଞ୍ଚ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ପଠାଯାଇଛି ସୁଭଦ୍ରା ଟଙ୍କା। ୩ଟି ପର୍ଯ୍ୟାୟରେ ମୋଟ ୮୦ ଲକ୍ଷ ୪୬ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି। ଡିସେମ୍ବରରେ ଚତୁର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେପଟେ ହିତାଧିକାରୀଙ୍କୁ ବ୍ୟାଙ୍କରେ ଅଯଥା ଭିଡ଼ ନଜମାଇବାକୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ଅନ୍ୟପଟେ ବଣ୍ଡା ଘାଟିରେ 'ସୁଭଦ୍ରା' ଅପହଞ୍ଚ ନେଇ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ସେ କହିଛନ୍ତି, ସରକାରୀ ଅଧିକାରୀ ବଣ୍ଡାଘାଟି ଯାଇ ଲୋକଙ୍କ ପାଖରେ ପହଞ୍ଚିବେ। ଯାହା ସମସ୍ୟା ରହିଛି ତାହାକୁ ଦୂର କରିବେ ସରକାରୀ ଅଧିକାରୀ। ବଣ୍ଡା ଘାଟିର ୧୭୧୧ ମହିଳାଙ୍କ ମଧ୍ୟରୁ ୫ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇସାରିଛନ୍ତି। ଆବେଦନ ସମସ୍ୟା ନେଇ ଅନ୍ୟ ହିତାଧିକାରୀମାନେ ସୁଭଦ୍ରା ଟଙ୍କା ପାଇବାରେ ବିଳମ୍ବ ହୋଇଛି। ତେଣୁ ଯାହା ବି ସମସ୍ୟା ରହିଛି ଦୂର କରାଯାଇ ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ଧରୁଥିଲେ, ଧରା ପଡିଗଲେ

## ଟଙ୍କା ଆଦାୟ କରି ଏଆର୍‌ଟିଓ, ଏମ୍‌ଭିଆଇ ସମେତ ୩ ଗିରଫ



ବ୍ରହ୍ମପୁର, ୨୬।୧୧ (ସଂଚାର ବ୍ୟୁରୋ): ବ୍ରହ୍ମପୁର ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ବେଆଇନ ଭାବେ ଗାଡ଼ିରୁ ଟଙ୍କା ଆଦାୟ ଅଭିଯୋଗରେ ସ୍ଥାନୀୟ ପୋଲିସ୍ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଗଞ୍ଜାମର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆର୍‌ଟିଓ) ଓ କନିଷ୍ଠ ମୋଟରଯାନ ନିରୀକ୍ଷକ(ଏମ୍‌ଭିଆଇ)। ଗିରଫ ଅଭିଯୁକ୍ତମାନେ ହେଲେ ଭରତ କୁମାର ସାହୁ (ପିଣ୍ଟୁ), ରବୀନ୍ଦ୍ର ସାହୁ, ବି. ବିଜୟ କୁମାର, କେ. ଭେଙ୍କେଟେଶ ଓ ରତିକାନ୍ତ ନାହାକ। ଏମାନେ ଦୀର୍ଘ ଦିନ ହେବ ବେଆଇନ ଭାବେ ଜାତୀୟ ରାଜପଥରେ ବିଭିନ୍ନ ଗାଡ଼ିକୁ ଅଟକାଇ ଦଲାଲ ମାନେ ଟଙ୍କା ଆଦାୟ କରୁଥିଲେ। ଗୋଟିଏ ଗାଡ଼ି ପିଛା ୭ ଶହ ରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ ଏହି ଦଲାଲମାନେ। ବେଆଇନ ଭାବେ ଆଦାୟ ହୋଇଥିବା ଟଙ୍କାକୁ ଦଲାଲ ଓ ଅଧିକାରୀମାନେ ନିଜ ନିଜ ମଧ୍ୟରେ ବାଣ୍ଟି ନେଉଥିଲେ। ଟଙ୍କା ନେଣଦେଣ ସହ ଗାଡ଼ିର ସମସ୍ତ ତଥ୍ୟ ହ୍ୱାଟ୍ସଆପରେ ଅପଡେଟ କରୁଥିଲେ।

ଗିରଫ ଏଆରଟିଓଙ୍କ ଘରେ ଗୋଲନ୍ଥରା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗୋଲନ୍ଥରା ପୋଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଯେ ଗିରିସୋଲା ଗାଁର କିଛି ଯୁବକ ଜାତୀୟ ରାଜପଥରେ ଭାରିଯାନଗୁଡିକୁ ଅଟକାଇ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗିରିସୋଲା ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏବଂ ୪ ଜଣ ଯୁବକ ଟ୍ରକ୍ ଗୁଡିକୁ ଅଟକାଇ ଟଙ୍କା ଆଦାୟ କରୁଥିବାର ଦେଖିଥିଲେ। ୩ ଜଣକୁ ପୋଲିସ୍ କାବୁ କରିବାରେ ସଫଳ ହୋଇଥିବା ବେଳେ ଜଣେ ସେଠାରୁ ଫେରାର୍ ହୋଇଯାଇଥିଲା। ୩ ଗିରଫ ଯୁବକଙ୍କୁ ପଚରାଉଚରା ପରେ ସେମାନେ ଗଂଜାମ ଆରଟିଓର ଅଧିକାରୀ ପୂର୍ବ ଟିଆଇ ଏନ. କେ ଚିନିରା (ଛତ୍ରପୁର), ଗଞ୍ଜାମ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କେ. ଭେଙ୍କଟେଶ ଏବଂ କନିଷ୍ଠ ମୋଟର ଯାନ ନିରୀକ୍ଷକ ରତିକାନ୍ତ ନାହାକଙ୍କ ପାଇଁ କାର୍ଯ୍ୟ କରୁଥିବା କହିଥିଲେ। ଗୋଲନ୍ଥରା ପୋଲିସ୍ ଏମାନଙ୍କ ନାଁରେ ମାମଲା ରୁଜୁ କରି ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି।

## ଧାନ ସଂଗ୍ରହରେ ରେକର୍ଡ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଧାନ ସଂଗ୍ରହରେ ପୂର୍ବାପେକ୍ଷା ସ୍ୱଚ୍ଛତା ଗ୍ରହଣ କରାଯିବା ସହ ଚାଷୀମାନଙ୍କୁ ଅଧିକ ସହାୟତା ପ୍ରଦାନ ପାଇଁ ସରକାର ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। କୌଣସି ଯୋଗ୍ୟ ଚାଷୀ ଧାନକିଣା ପ୍ରକ୍ରିୟାରୁ ବାଦ ନ ପଡ଼ନ୍ତି ଏହାକୁ ଲକ୍ଷ୍ୟରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଗତ ୨୦ ତାରିଖରୁ ବରଗଡ଼ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବରଗଡ଼, ନୂଆପଡା ଓ ସମ୍ବଲପୁର ଜିଲ୍ଲାରେ ସରକାରୀ ସ୍ତରରେ ଧାନ କିଣା ଯାରି ରହିଛି । ଧାନ ସଂଗ୍ରହ ବ୍ୟବସ୍ଥାକୁ ଯାଞ୍ଚ କରିବା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନଙ୍କୁ ନିଯୁକ୍ତି କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ପ୍ୟାକ୍ସ, ଲ୍ୟାମ୍ପସ, ମହିଳା ଏସଏଚଜି ମାନଙ୍କୁ ସାମିଲ କରାଯାଉଛି । ଧାନ ସଂଗ୍ରହରେ କୌଣସି ମଧ୍ୟସ୍ଥିଙ୍କୁ ପ୍ରଶ୍ରୟ ନ ଦେବାକୁ ସରକାରୀ ସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରାଇଛି। ଗତ ବର୍ଷ ତୁଳନାରେ ବର୍ତ୍ତମାନ ସୁଦ୍ଧା ଉପରୋକ୍ତ ତିନି ଜିଲ୍ଲାରେ ପ୍ରାୟ ୩୦ ପ୍ରତିଶତ ଅଧିକ ଚାଷୀ ଧାନ କିଣାରେ ଭାଗ ନେଉଥିବାବେଳେ ପାଖାପାଖି ୮ ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଛି। ଏଥିସହ ଚାଷୀ ମାନଙ୍କ ଆକାଉଣ୍ଟକୁ ପ୍ରତ୍ୟେକ୍ଷଭାବେ ସର୍ବ ନିମ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଏଥିରେ ଅଧିକରୁ ଅଧିକ ଚାଷୀ ମାନଙ୍କୁ ସାମିଲ କରିବା ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଉଛି । ଏଥିନିମନ୍ତେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି ।

## ପ୍ରବାସୀ ଦେଖିବେ ଆଦିବାସୀ ସଂସ୍କୃତିର ଝଲକ



ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ଜାନୁଆରୀରେ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭୁବନେଶ୍ୱରରେ 'ପ୍ରବାସୀ ଭାରତୀୟ ସମ୍ମିଳନୀ' ଜାନୁଆରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଏହି ସମୟରେ ରାଜ୍ୟ ସରକାର ଆଦିବାସୀ ମେଳା ଆୟୋଜନ କରି ଓଡ଼ିଶାର ଆଦିବାସୀମାନଙ୍କ କଳା, ସଂସ୍କୃତି, ପରମ୍ପରା ଓ ହସ୍ତତନ୍ତ ଆଦିର ବ୍ୟାପକ ପ୍ରଚାରପ୍ରସାର ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଚଳିତଥର ମେଳାକୁ ପ୍ରବାସୀ ଭାରତୀୟମାନେ ଆସିବାର ସମ୍ଭାବନା ଥିବାରୁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ଆଦିବାସୀଙ୍କ ଗାଁ, ଆଦିବାସୀଙ୍କ ଘର, ଆଦିବାସୀଙ୍କ ହାଟ ଆଦିର କୃତ୍ରିମ ସାଜସଜ୍ଜା ଓ ନିର୍ମାଣ ସହ ପ୍ରତ୍ୟେକ ସନ୍ଧ୍ୟାରେ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ, ଗୀତ, ବାଦ୍ୟଯନ୍ତ୍ର ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହାସହିତ ଫୁଡ୍ କୋର୍ଟ ମଧ୍ୟ ରହିବ। ଏହି ମେଳାରେ ଆଦିବାସୀମାନଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ, ସବୁବର୍ଷ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଜାନୁଆରୀ ୨୬ରୁ ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜନ ହେଉଥିବାରୁ ରାଜ୍ୟ ସରକାର ଏହି ସମୟରେ ବିଭିନ୍ନ ମେଳା ଆଦିର ଆୟୋଜନ କରି ଓଡ଼ିଶାର ସଂସ୍କୃତିର ଝଲକ ପ୍ରବାସୀଙ୍କୁ ଦେଖାଇବାର ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

## ହାତୀ ମୃତ୍ୟୁ ରୋକ



କଟକ,୨୬।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଚନ୍ତି ହାଇକୋର୍ଟ। ହାତୀ ମୃତ୍ୟୁ ରୋକିବାକୁ ହାଇକୋର୍ଟ ପିସିସିଏଫଙ୍କୁ ୧୦ ଦିନ ମଧ୍ୟରେ ଯୋଜନା ପ୍ରସ୍ତୁତ କରିବାକୁ ମହଲତ ଦେଇଛନ୍ତି।

ହାତୀ ମୃତ୍ୟୁ ନେଇ ହାଇକୋର୍ଟରେ ଆଜି ଶୁଣାଣି ହୋଇଛି। ଏ ନେଇ ପିସିସିଏଫଙ୍କୁ ହାଇକୋର୍ଟ ୧୦ ଦିନ ମଧ୍ୟରେ ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି । ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ରୋକିବାକୁ ବିଦ୍ୟୁତ ବିତରଣ କମ୍ପାନୀ ସହ ବି ହେବ ଆଲୋଚନା । ଉଦବେଗଜନକ କଥା ହେଲା ହାତୀ-ମଣିଷ ଲଢେଇରେ କେବଳ ହାତୀ ମରିନାହାନ୍ତି, ବରଂ ମଣିଷଙ୍କ ବି ଜୀବନ ଯାଉଛି। ଓଡ଼ିଶାରେ ହାତୀ ସଂଖ୍ୟା କ୍ରମାଗତ ଭାବେ ବଢୁଛି, କିନ୍ତୁ ହାତୀଙ୍କ ପାଇଁ ଓଡ଼ିଶାରେ ଜଙ୍ଗଲ ଛୋଟ ପଡିଯାଉଛି । ଫଳରେ ଜଙ୍ଗଲରେ ଖାଦ୍ୟ ନ ପାଇ ହାତୀ ଜନବସତି ମୁହାଁ ହେଉଛନ୍ତି । ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ବିଧାନସଭାରେ ଜଙ୍ଗଲ ମନ୍ତ୍ରୀ ଦେଇଥିବା ତଥ୍ୟ ଚିନ୍ତାଜନକ। ବିଧାନସଭାରେ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଜୁଲାଇରୁ ନଭେମ୍ବର ମଧ୍ୟରେ ମରିଛନ୍ତି ୪୦ ହାତୀ।

# ନିୟମିତଙ୍କ ଠାରୁ ଅଧିକ ଆଉଟସୋର୍ସିଂ କର୍ମଚାରୀ

ଭୁବନେଶ୍ୱର,୨୬।୧୧: ଲାଭରେ ଚାଲୁଥିବା ନିଗମଗୁଡ଼ିକରେ ଯେତିକି ନିୟମିତ କର୍ମଚାରୀ ଅଛନ୍ତି ତାହାଠାରୁ ଅଧିକ ଆଉଟସୋର୍ସିଂ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ସରକାରୀ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଦର୍ଶାଇଛନ୍ତି ଯେ ରାଜ୍ୟରେ ଏବେ ୩୧ଟି ସରକାରୀ ଉଦ୍ୟୋଗ ଥିବାବେଳେ ଏଥିରୁ ୨୫ଟି ଲାଭରେ ଚାଲୁଛି। ଲାଭରେ ଚାଲୁଥିବା ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡରେ ୬୧୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଅଛନ୍ତି ମାତ୍ର ୩୪ଜଣ ନିୟମିତ କର୍ମଚାରୀ। ଏହି ନିଗମରେ ୨୨୧ ଜଣ ଆଉସୋର୍ସିଂ କର୍ମଚାରୀ ରହିଛନ୍ତି। ବିହନ ନିଗମରେ ୧୮୭ଟି ମଞ୍ଜୁରୀପ୍ରାପ୍ତ ଥିବାବେଳେ ୭୦ଜଣ ନିୟମିତ ଓ ୯୯ଜଣ ଆଉଟସୋର୍ସିଂ କର୍ମଚାରୀ ରହିଛନ୍ତି। ନିଗମ ହେଉଛି ଓଡ଼ିଶା ଖଣି ନିଗମ। ଏହି ନିଗମରେ ରହିଛି ୩୨୪୨ଟି ମଞ୍ଜୁରୀପ୍ରାପ୍ତ ପଦବୀ। ଏହି ପଦବୀରେ ରହିଛନ୍ତି ୨୦୯୩ ନିୟମିତ କର୍ମଚାରୀ। ତେବେ ଖଣି ନିଗମରେ ଅଛନ୍ତି ୧୨, ୬୮୭ଜଣ ଆଉଟସୋର୍ସିଂ କର୍ମଚାରୀ। ସେହିଭଳି ଓଡ଼ିଶା ସେତୁ ଓ ନିର୍ମାଣ ନିଗମରେ ମଞ୍ଜୁରୀପ୍ରାପ୍ତ ସମସ୍ତ ୧୮ଟି ପଦବୀରେ କର୍ମଚାରୀ ଥିବାବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଏଠାରେ ୧୬୫। ଓଡ଼ିଶା ପର୍ଯ୍ୟଟନ ନିଗମରେ ୨୧୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ଏଠାରେ ୧୨୬ଜଣ ନିୟମିତ କର୍ମଚାରୀ ଓ ୭୩୦ଜଣ ଆଉସୋର୍ସିଂ କର୍ମଚାରୀ କାର୍ଯ୍ୟ କରଛନ୍ତି। ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡରେ ୧୩୦ଟି ମଞ୍ଜୁରୀପ୍ରାପ୍ତ ପଦବୀରେ ୧୦୫ ଜଣ ନିୟମିତ କର୍ମଚାରୀ ରହିଥିବାବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଏଠାରେ ୧୪୪ ରହିଛି। ଇଡିକୋଲରେ ୩୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଠାରେ ୧୪ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କ୍ଷତିରେ ଚାଲୁଥିବା ରାଜ୍ୟ ଅର୍ଥ ନିଗମରେ ମଧ୍ୟ କୌଣସି ଆଉଟସୋର୍ସିଂ କର୍ମଚାରୀ ନାହାନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆଡଭାନ୍ସ ଫିଚର୍ସରେ ବଜାରକୁ ଆସୁଛି ଟାଟା ସିଏରା ଇଭି



ନୂଆଦିଲ୍ଲୀ, ୨୬।୧୧: ଭାରତୀୟ ବଜାରରେ ଟାଟା ମୋଟର୍ସ କାରଗୁଡିକ ବହୁତ ଲୋକପ୍ରିୟ ଏବଂ ଏହାର ଚାହିଦା ମଧ୍ୟ ବେଶ ଅଧିକ ଥାଏ। ସେଫ୍ଟି ରେଟିଂ ଦୃଷ୍ଟିରୁ ଅନେକ ଟାଟା କାର ମଧ୍ୟ ଭଲ ବିବେଚନା କରାଯାଏ। ଏହି କାରଣରୁ ଲୋକମାନେ ସର୍ବଦା ଟାଟାର ଆଗାମୀ ଲଞ୍ଚକୁ ଅପେକ୍ଷା କରି ରହିଥାନ୍ତି। ଏହା ସହ ଟାଟା ବର୍ତ୍ତମାନ ଭାରତୀୟ ବଜାରରେ ସିଏରା ଇଭି ଲଞ୍ଚ କରିବ, ଯାହାର ଟାଇମଲାଇନ ପ୍ରକାଶ ପାଇଛି। ଟାଟା ବଜାରରେ ଦୁଇଟି ଇଞ୍ଜିନ୍ ଭର୍ସନ ଉପସ୍ଥାପନ କରିବ ଯେଉଁଥିରେ ଇଭି ଏବଂ ଆଇସିଇ ଅନ୍ତର୍ଭୁକ୍ତ। ଆଇସିଇ ଭର୍ସନ ପୂର୍ବରୁ ଟାଟା ସିଏରା ଇଭି ଲଞ୍ଚ ହେବ ଯାହା ଆସନ୍ତା ବର୍ଷ ଶେଷ ସୁଦ୍ଧା ଲଞ୍ଚ ହେବ।

ସିଏରା ଇଭି ଟାଟା ମୋଟର୍ସର ପ୍ରିମିୟମ୍ ଇଭି ହେବ ଯାହା ବେସ୍ପୋକ ଇଭି ପ୍ଲାଟଫର୍ମ ଉପରେ ବେସ୍ଡ। ଅଟୋ ଏକ୍ସପୋରେ ଟାଟା Sierra ପ୍ରଥମ ଥର ପାଇଁ ପରିଚିତ ହୋଇଥିଲା, ଯେଉଁଥିରେ ଏଲଇଡି ଲାଇଟ୍ ବାର୍ ସହିତ ଫ୍ଲାଶ୍ ଡୋର ହ୍ୟାଣ୍ଡଲ୍ ମଧ୍ୟ ଦେଖାଯାଇଥିଲା। ଏହା ସହିତ ସିଏରାଠକୁ ସାଇଡ୍ ୱିଣ୍ଡୋ ଡିଜାଇନ୍ ସହିତ ଅଣାଯାଇପାରିବ। ନୂତନ ସିଏରା ୫-ଡୋର୍ ବେସ୍ଡ ହେବ ଯାହା ବକ୍ସି ଲାଇନ୍ସ ସହିତ ରେଡିକାଲ ଲୁକରେ ଆସିବ। ସାଇଜ୍ ବିଷୟରେ କହିବାକୁ ଗଲେ, ସିଏରାର ଲମ୍ବ ୪.୩ ମିଟର ହେବ, ଯାହାର ଅର୍ଥ ହେଉଛି ସିଏରା କର୍ଭ ସାଇଜର ହୋଇପାରେ। ଏହା ସହିତ ଏହା ସଫାରି ଏବଂ ହ୍ୟାରିଅର୍ ଠାରୁ ଛୋଟ ହୋଇପାରେ। Sierra ରେ ୧୨୦.୩-ଇଞ୍ଚ୍ ଟଚ୍ ସ୍କ୍ରିନ୍ ରହିବ କିନ୍ତୁ ସେଣ୍ଟ୍ରାଲ୍ କନସୋଲ୍ ଅନ୍ୟ ଟାଟା କାରଠାରୁ ଭିନ୍ନ ହେବାକୁ ଯାଉଛି। ଏହା ବ୍ୟତୀତ, ଆପଣ ଟାଟା Sierraରେ ପାନୋରାମିକ୍ ସନରୁଫ୍, ପ୍ୟାସେଞ୍ଜର ସିଟ୍ ସହିତ ମିନି ଇନଫର୍ମେସନ ଡିସପ୍ଲେ, ହେଡ୍ ଅପ୍ ଡିସପ୍ଲେ, ଏଡିଏଏସ୍, ଡୁଆଲ୍ ପାୱାର୍ଡ ଫ୍ରଣ୍ଟ ସିଟ୍ ଭଳି ଅନ୍ୟାନ୍ୟ ଫିଚର୍ସ ପାଇପାରିବେ। କୁଲଡ୍ ସିଟ୍ ସହିତ ଅନ୍ୟାନ୍ୟ ଫିଚର୍ସ ମଧ୍ୟ ଏଥିରେ ଉପଲବ୍ଧ ହେବ। ନ୍ୟୁ ଜେନେରେସନ ସିଏରା ଇଭିରେ ଅଧିକ ସ୍ପେସ ଉପଲବ୍ଧ ହେବାକୁ ଯାଉଛି। ସିଏରା ଇଭି ୫୫କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ପ୍ୟାକ୍ ଅପ୍ସନ ପାଇବାକୁ ଯାଉଛି, ଯାହାର ରେଞ୍ଜ ୫୫୦ କିଲୋମିଟର ହେବ। ଆସନ୍ତା ବର୍ଷ ଲଞ୍ଚ ହେବାକୁ ଥିବା ଏହି ଇଭିର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହୋଇପାରେ।

# ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଅସୁସ୍ଥ



**ଚେନ୍ନାଇ, ୨୬।୧୧:** ଅସୁସ୍ଥ ହୋଇପଡିଛନ୍ତି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ତଥା ଆର୍‌ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ଚେନ୍ନାଇର ଆପୋଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଶକ୍ତିକାନ୍ତ ଦାସ ଏସିଡିଟି ଅନୁଭବ କରିବା ପରେ ତାଙ୍କୁ ଆପୋଲୋ ହସ୍ପିଟାଲ୍‌କୁ ନିଆଯାଇଥିଲା।

ସୂଚନା ମୁତାବକ, ଗତକାଲି ରାତିରେ ଶକ୍ତିକାନ୍ତ ଦାସ ଛାତିରେ ଜଳାପୋଡା ସାଙ୍ଗକୁ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କ ଚିକିତ୍ସା କରିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଏସିଡିଟି ସମସ୍ୟା ଯୋଗୁ ତାଙ୍କୁ ହସ୍ପିଟାଲରେ ଆଡମିଟ କରାଯାଇଥିଲା। ଆଗାମୀ ୨ରୁ ୩ ଘଣ୍ଟା ମଧ୍ୟରେ ଡିସଚାର୍ଜ ହେବେ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଆର୍‌ବିଆଇର ମୁଖପାତ୍ର ତାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ ଚିନ୍ତା କରିବାର କୌଣସି କାରଣ ନାହିଁ। ସେ ଏବେ ଭଲ ଅଛନ୍ତି ଓ ଖୁବ୍ ଶୀଘ୍ର ଡିସ୍‌ଚାର୍ଜ ହେବେ।

## ଏସ୍-ଆଇଏଲ୍‌ଏଫ୍ ସହ ସିଆଇଆଇର ବୁଝାମଣା

ନୂଆଦିଲ୍ଲୀ,୨୬।୧୧: ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏବଂ ସାସାକାୱା-ଇଣ୍ଡିଆ ଲେପ୍ରୋସି ଫାଉଣ୍ଡେଶନ ବା ଏସ୍-ଆଇଏଲ୍‌ଏଫ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏସ୍-ଆଇଏଲ୍‌ଏଫ୍ ଓ ସିଆଇଆଇ ମଧ୍ୟରେ ଏକ ବୁଝାମଣ ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହ ସହଭାଗିତାକୁ ନବୀକରଣ ମଧ୍ୟ କରାଯାଇଥିଲା, ଯାହା ଶିକ୍ଷା, ନିଯୁକ୍ତି ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପ୍ରତି ସେମାନଙ୍କର ମିଳିତ ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଅପରପକ୍ଷରେ ଏସ୍-ଆଇଏଲ୍‌ଏଫ୍‌ର ୧୮ତମ ପ୍ରତିଷ୍ଠା ଦିବସ ନୂଆଦିଲ୍ଲୀର ବିଶ୍ୱ ଯୁବକ କେନ୍ଦ୍ର (ଭିୱାଇକେ) ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁଷ୍ଠରୋଗରେ ପୀଡ଼ିତ ବ୍ୟକ୍ତି ଓ ତାଙ୍କ ପରିବାରକୁ ସଶକ୍ତ କରିବା, ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଏବଂ ଅପବାଦ ଓ ଭେଦଭାବର ମୁକାବିଲା କରିବା ଦିଗରେ ଦୁଇ ଦଶନ୍ଧିର ଉତ୍ସର୍ଗୀକୃତ ପ୍ରୟାସକୁ ଚିହ୍ନିତ କରିଛି। ଏହି ଅବସରରେ ସାଂସଦ ବୈଜୟନ୍ତ ପଣ୍ଡା,ଡବ୍ଲ୍ୟୁଏଚ୍‌ଓ ଗୁଡ୍‌ୱିଲ ଆମ୍ବାସାଡର ଫର ଲେପ୍ରୋସି ଏଲିମିନେଶନ, ୟୋହେଇ ସାସାକାୱା, ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ,ଏସ୍-ଆଇଏଲ୍‌ଏଫ୍‌ର ଅଧ୍ୟକ୍ଷ ତରୁଣ ଦାସ ଏବଂ ଆସୋସିଏଶନ ଅଫ୍ ପିପୁଲ ଆଫେକ୍ଟେଡ ବାଏ ଲେପ୍ରୋସି (ଏପିଏଲ୍)ର ଅଧ୍ୟକ୍ଷ ମାୟା ରାଣାବାରେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏସ୍-ଆଇଏଲ୍‌ଏଫ୍‌ର ଅଧ୍ୟକ୍ଷ ତରୁଣ ଦାସ କହିଥିଲେ, ଏକ ଅପବାଦ-ମୁକ୍ତ ସମାଜ ସୃଷ୍ଟି କରିବା କ୍ଷେତ୍ରରେ ଆମର ପ୍ରାୟ ଜାରି ରହିଛି।

**ଷ୍ଟକ୍ ବଜାରରେ ମହାରାଷ୍ଟ୍ର ବିଜୟ ଉତ୍ସବ**

## ୨ ଦିନରେ ୧୪ ଲକ୍ଷ କୋଟି ଫାଇଦା

**ମୁମ୍ବାଇ, ୨୬।୧୧:** ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତିର ବିଜୟ ଉତ୍ସବକୁ ଆଜି ନିଆରା ଢଙ୍ଗରେ ନିବେଶକମାନେ ଷ୍ଟକ୍ ବଜାରରେ ପାଳନ କରିଛନ୍ତି। ସେମାନେ ବିପୁଳ ପରିମାଣର ସେୟାର କିଣିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ପୁଣି ଥରେ ୮୦ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିଛି। ଏହା ୯୯୨ ପଏଣ୍ଟ ବୃଦ୍ଧି ପାଇ ୮୦୧୦୯ ପଏଣ୍ଟରେ ବନ୍ଦ ହୋଇଛି। ଗତ ଶୁକ୍ରବାର ଓ ଆଜିକୁ ମିଶାଇ ଦୁଇଟି କାରବାର ଦିନରେ ସେନ୍‌ସେକ୍ସରେ ପ୍ରାୟ ୩୦୦୦ ପଏଣ୍ଟର ବୃଦ୍ଧି ଘଟିଛି। ଏହି ଦୁଇ ଦିନରେ ନିବେଶକମାନଙ୍କୁ ୧୪.୨୦ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୩୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକା ପକ୍ଷରୁ ଲାଞ୍ଚ କାରବାର ଅଭିଯୋଗ ଆସିବା ପରେ ସେନ୍‌ସେକ୍ସ ତଳକୁ ଖସୁଥିଲା। ସୋମବାର କାରବାର ବେଳେ ଗୋଟିଏ ସମୟରେ ସେନ୍‌ସେକ୍ସ ୧୩୦୦ ପଏଣ୍ଟ ଉପରକୁ ଯାଇଥିଲା। କିନ୍ତୁ ଶେଷ ଆଡ଼କୁ କାରବାରରେ ସୁଧାର ଘଟିବାରୁ ତାହା ସାମାନ୍ୟ ତଳକୁ ଖସିଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର୍ ନିଫ୍ଟି ୩୧୪ ପଏଣ୍ଟ ବୃଦ୍ଧି ସହ ୨୪,୨୨୧ ପଏଣ୍ଟରେ ବନ୍ଦ ହୋଇଛି।

## ବାର୍ଷିକ ଋଣ ଯୋଜନାରେ ଉଲ୍ଲେଖନୀୟ ଅଭିବୃଦ୍ଧି



ଭୁବନେଶ୍ୱର,୨୬।୧୧: ଓଡ଼ିଶାର ୧୭୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବଠକ ସୋମବାର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ହୋଟେଲ ମେ'ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତି କାମ୍ବଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ଋଣ ଯୋଜନା, ସିଡି ଅନୁପାତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ସେହିଭଳି ଶିକ୍ଷାଋଣ, ଗୃହଋଣ, କୃଷିକୁ ନିବେଶ ଋଣ, ରପ୍ତାନି ଋଣ, ବିଭିନ୍ନ କ୍ଲଷ୍ଟରର ବିକାଶ ଆଦି କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଓଡ଼ିଶା ରାଜ୍ୟର ସମସ୍ତ ବ୍ୟାଙ୍କ ବାର୍ଷିକ ଋଣ ଯୋଜନାରେ ୧,୦୩,୮୮୯ କୋଟି ଟଙ୍କା ଋଣ ଦେଇଛନ୍ତି, ଯାହାକି ନର୍ଦ୍ଧାରିତ ବାର୍ଷିକ ଲକ୍ଷ୍ୟ ୨,୧୦,୫୪୬ କୋଟି ଟଙ୍କାର ୪୯.୩୪% ଅଟେ। କୃଷିଋଣ ଲକ୍ଷ୍ୟର ୫୩.୦୦% ଏବଂ ଏମଏସଏମଇ ଋଣ ଲକ୍ଷ୍ୟର ୫୬.୮୯% ହାସଲ ହୋଇଛି। ୨୦୨୪ ଜୁନ୍ ୩୦ ସୁଦ୍ଧା ୭୬.୦୬%ରୁ ବୃଦ୍ଧି ପାଇ ସେପ୍ଟେମ୍ବର ୩୦ସୁଦ୍ଧା ସିଡି ଅନୁପାତ ୭୬.୩୫% ରହିଛି। ସେପ୍ଟେମ୍ବର ୩୦, ୨୦୨୪ସୁଦ୍ଧା ଓଡ଼ିଶାରେ ବ୍ୟାଙ୍କଗୁଡ଼ିକ ପିଏମଜେଡିୱାଇ ଅଧୀନରେ ୪୭.୬୩%, ପିଏମଜେଜେବିୱାଇ ଅଧୀନରେ ୭୧.୮୭%, ପିଏମଏସବିୱାଇ ଅଧୀନରେ ୬୪.୫୬% ଏବଂ ଏପିୱାଇ ଅଧୀନରେ ୫୧.୪୩% ଲକ୍ଷ୍ୟ ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରିଜର୍ଭ ବ୍ୟାଙ୍କ ନୀତି, ପ୍ରାଥମିକତା କ୍ଷେତ୍ର ଲକ୍ଷ୍ୟ, ଓଡ଼ିଶାରେ ଶତପ୍ରତିଶତ ଡିଜିଟାଲ ଲକ୍ଷ୍ୟ ହାସଲ, ଜିଡିପି ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି, ରାଜ୍ୟର ସିଡି ଅନୁପାତରେ ଉନ୍ନତି ଉପରେ ଆଲୋକପାତ କରିଥିଲେ। ନୂଆ ଗ୍ରାହକଙ୍କ ଋଣ ପ୍ରସ୍ତାବ, ପ୍ରୋତ୍ସାହନ ଓ ଋଣ ମଞ୍ଜୁରୀ ଉପରେ ତ୍ୱରିତ ନିଷ୍ପତ୍ତି ନେବାକୁ ସେ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଶାଖାସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଏସଏଲବିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିବାକୁ ସେ ବ୍ୟାଙ୍କ ପ୍ରଶାସନିକ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି

ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ୧୦ଟି ଫୋକସ ପଏଣ୍ଟ ଉପରେ ଆଲୋକପାତ କରିଥିଲେ, ଯଥା ଭିଜନ ଓଡ଼ିଶା୨୦୩୬ ଏବଂ ଭିଜନ ଇଣ୍ଡିଆ୨୦୪୭, ଋଣର ଯଥେଷ୍ଟତା, ଋଣର ଗୁଣବତ୍ତା, ଅଳ୍ପ ବିକଶିତ ଜିଲାର ବିକାଶ ସୁନିଶ୍ଚିତ କରିବା ପାଇଁ ଆଞ୍ଚଳିକ ବିକାଶ, ବ୍ୟାଙ୍କିଙ୍ଗର ସହଜତା, ଆଇଇସି ସମ୍ବନ୍ଧୀୟ କାର୍ଯ୍ୟକଳାପ ବୃଦ୍ଧି, ଆଇଟି, ବ୍ୟବସାୟ ପ୍ରକ୍ରିୟା ପୁନର୍ଗଠନ, ବ୍ୟାଙ୍କିଙ୍ଗରେ ଅଭିନବତା,ସରକାରଙ୍କ ପ୍ରାୟୋଜିତ ଯୋଜନାରେ ଉନ୍ନତି, ଆବାସ, ଶିକ୍ଷା ଓ ରପ୍ତାନି ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କମିଶନର ତଥା ସଚିବ ଗୁହାପୁନମ ଟି ବାର୍ଷିକ ଋଣ ଯୋଜନା, ସରକାରଙ୍କ ପ୍ରାୟୋଜିତ ଯୋଜନା ଇତ୍ୟାଦିର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଛନ୍ତି । ଉଦ୍ୟାନ କୃଷି ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ ଓ ସଂସ୍ଥାଗତ ଅର୍ଥ ନିର୍ଦ୍ଦେଶକ ମଧ୍ୟ ନିଜ ନିଜ ବିଭାଗ ଉପରେ ମତାମତ ରଖିଛନ୍ତି।

## ଗୁଣାତ୍ମକ ଉତ୍ପାଦକୁ ଓଡ଼ିଶା ପ୍ଲାଷ୍ଟୋର ଗୁରୁତ୍ୱ

ଭୁବନେଶ୍ୱର,୨୬।୧୧: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ପ୍ଲାଷ୍ଟୋ ପ୍ରୋ ପ୍ୟାକ ଓଡ଼ିଶା ଏବଂ ଓଡ଼ିଶା ପ୍ଲାଷ୍ଟୋର ୪ ଦିନିଆ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଉତ୍ସାହଜନକ କାରବାର ଓ ପ୍ରତିକ୍ରିୟା ହାସଲ କରିଛି। ବିଶେଷ କରି ବ୍ରାଣ୍ଡ୍‌ର ବଜାର ଚାହିଦା ଓ ଗୁଣାତ୍ମକ ଉତ୍ପାଦ କମ୍ପାନୀର ଆଭିମୁଖ୍ୟ ଓ ଗ୍ରାହକକୈନ୍ଦ୍ରିକ କାରବାରକୁ ଦ୍ୱିଗୁଣିତ କରିଛି ବୋଲି ଓଡ଼ିଶା ପ୍ଲାଷ୍ଟୋ ପାଇପ୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି କୌଶଲ ପୋଦ୍ଦାର ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସେହିଭଳି ବ୍ରାଣ୍ଡ୍‌ର ଉତ୍ପାଦ ସବୁ ବର୍ଗର ଗ୍ରାହକଙ୍କ ପ୍ରଥମ ପସନ୍ଦ ହୋଇଥିଲାବେଳେ କମ୍ପାନୀ ଉଭୟ ଘରୋଇ ଓ ସରକାରୀ ଉଦ୍ୟୋଗ ସମେତ କୃଷି, ଶିଳ୍ପ ଏବଂ ଗୃହୋପଯୋଗୀ ଉପକରଣ ଉପଲବ୍ଧ। ଏପରିକି ବ୍ରାଣ୍ଡ୍‌ର ୫୫୦ରୁ ଅଧିକ ରେଞ୍ଜର ଉତ୍ପାଦ ଯଥା ୟୁପିଭିସି, ସିପିଭିସି, ଏସ୍‌ଡବ୍ଲ୍ୟୁଆର, ଏଗ୍ରି ଫିଟିଙ୍ଗ୍‌ସ ଭଳି କ୍ଷେତ୍ରୋପଯୋଗୀ ପାଇଁ କମ୍ପାନୀ ଉନ୍ନତ ଟେକ୍ନୋଲୋଜି ଜରିଆରେ ଗୁଣାତ୍ମକ ଉତ୍ପାଦ ଯୋଗାଇ ଦେଉଛି। ଅପରପକ୍ଷରେ ପ୍ରଦର୍ଶନୀ ଜରିଆରେ କାରବାର ବୃଦ୍ଧି ସହିତ ନୂତନ ବ୍ୟବସାୟ ସୁଯୋଗ ଓ ୟୁନିଟ ସ୍ଥାପନ ପାଇଁ ସୁଯୋଗ ସୃଷ୍ଟି କରିଛି।

ସେହିପରି କମ୍ପାନୀ ଆଗାମୀ ଦିନରେ ନୂଆ ୟୁନିଟ ସାଙ୍ଗକୁ ନୂତନ ଉତ୍ପାଦର ଶୁଭାରମ୍ଭ କରିବ ବୋଲି ବ୍ୟାପକ ଯୋଜନା କରିଥିବା ପୋଦ୍ଦାର ସୂଚନା ଦେଇଛନ୍ତି।

## ୯୦ହଜାର ଟଙ୍କାର ବିଲ ଦେଖି ଇ-ସ୍କୁଟରକୁ ଭାଙ୍ଗି ଦେଲେ ଗ୍ରାହକ

ନୂଆଦିଲ୍ଲୀ: ଓଲା ଇ-ସ୍କୁଟର ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି। କିଛିଦିନ ହେବ ଓଲା ଇ-ସ୍କୁଟରକୁ ନେଇ ଅନେକ ଭାଇରାଲ ଭିଡିଓ ସାମ୍ନାକୁ ଆସିଛି। ଏହି ଭାଇରାଲ ଭିଡିଓଗୁଡ଼ିକରେ କେତେ ବେଳେ ଗ୍ରାହକ ଓଲା ଇ-ସ୍କୁଟରରେ ନିଆଁ ଲଗାଇ ଦେଲେଣି ତ ଆଉ କେତେବେଳେ ଲାଉଡସ୍ପିକର ଜରିଆରେ ଓଲା କମ୍ପାନିକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି କ୍ରମରେ ଏକ ନୂଆ ଭିଡିଓ ଭାଇରାଲ ହେଉଛି। ଏହି ଭାଇରାଲ ଭିଡିଓରେ ଜଣେ ବ୍ୟକ୍ତି ରାଗରେ ଓଲା ଇ-ସ୍କୁଟରକୁ ରାସ୍ତା ମଝିରେ ଲୋକଙ୍କ ସାମ୍ନାରେ ଭାଙ୍ଗୁଥିବା ଦେଖିବାକୁ ମିଳୁଛି। ଏହି ଘଟଣାକୁ ନେଇ ଦାବି କରାଯାଉଛି କି ବ୍ୟକ୍ତି ଜଣକ ଓଲା କମ୍ପାନିର ସେବାକୁ ନେଇ ଅସନ୍ତୋଷ ଥିବା ହେତୁ ଏଭଳି ଏକ ପଦକ୍ଷେପ ନେଇଛନ୍ତି। ଭିଡିଓରେ ଦେଖିବାକୁ ମିଳୁଥିବା ବ୍ୟକ୍ତିଜଣକ ମାସକ ପୂର୍ବରୁ ଗାଡ଼ି କିଣିଥିଲେ। ଗାଡ଼ିର ପ୍ରଥମ ସର୍ଭିସରେ କମ୍ପାନି ଗ୍ରାହକଙ୍କୁ ୯୦,୦୦୦ଟଙ୍କାର ଏକ ବିଲ ଧରାଇ ଦେଇଥିଲା। ଗାଡ଼ି ସର୍ଭିସ ପାଇଁ ଯାଇଥିବା ବେଳେ ୯୦,୦୦୦ଟଙ୍କାର ବିଲ ଦେଖି ଗ୍ରାହକ ରାଗି ଯାଇ କିଣିଥିବା ଓଲା ଇ-ସ୍କୁଟରକୁ ରାସ୍ତା ମଝିରେ ହିଁ ଭାଙ୍ଗି ଦେଇଥିଲେ।

## ମଣିପାଲ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର




ଭୁବନେଶ୍ୱର,୨୬।୧୧: ଭୁବନେଶ୍ୱର ମଣିପାଲ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏକ ବିରଳ କ୍ୟାନସର ରୋଗର ପୀଡିତ ୬୫ବର୍ଷିୟା ମହିଳାଙ୍କର ସଫଳ ଅସ୍ତ୍ରୋପଚାର ହସ୍ପିଟାଲରେ କରାଯାଇଛି। ମଣିପାଲ ହସ୍ପିଟାଲର ଅଭିଜ୍ଞ ସର୍ଜନ ତଥା କ୍ୟାନସର ବିଶେଷଜ୍ଞଙ୍କ ଏକ ଟିମ୍ ସମ୍ପୃକ୍ତ ମହିଳାଙ୍କର ସଫଳ ଚିକିତ୍ସା କରାଇଛନ୍ତି। ଏପରିକି ଏକ ସମୟରେ ହୋଇଥିବା ଗଲବ୍ଲାଡର କ୍ୟାନସର ଏବଂ ପାନ୍‌କ୍ରିଆଟିକ୍ କ୍ୟାନସରର ସଫଳ ଚିକିତ୍ସା କରି ମହିଳା ଜଣଙ୍କୁ ନୂତନ ଜୀବନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପେଟ ମଧ୍ୟରେ ଏକ ସମୟରେ ଦୁଇ ଦୁଇଟା କ୍ୟାନସର ହେବା ଭଳି ବିରଳ ଘଟଣା ସାରା ବିଶ୍ୱରେ ମାତ୍ର ୧% ଲୋକଙ୍କଠାରେ ଦେଖାଯାଏ। ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରୀ ଟିମ୍‌ଙ୍କ ସହିତ ଅତ୍ୟାଧୁନିକ ସୁବିଧା ଫଳରେ ଏହି ବିରଳ କ୍ୟାନସରର ସଫଳ ଚିକିତ୍ସା ସହିତ ମହିଳା ଜଣଙ୍କ ନୂତନ ଜୀବନ ପାଇଛନ୍ତି। ମହିଳା ପେଟରେ ଯନ୍ତ୍ରଣା ହେବାରୁ ମଣିପାଲ ହସ୍ପିଟାଲର ବରିଷ୍ଠ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡା.ପ୍ରତାପ ବେହେରାଙ୍କ ସହିତ ପରାମର୍ଶ କରିଥିଲେ। ପ୍ରାଥମିକ ପରୀକ୍ଷା ପରେ ଡା. ପ୍ରତାପ ଉକ୍ତ ମହିଳାଙ୍କ ଗଲବ୍ଲାଡରରେ ଟ୍ୟୁମର ସହିତ ପାନକ୍ରିଆସ୍‌ରେ ଗୋଟିଏ ମାଂସ ବଢ଼ିଥିବା ଜାଣି ପାରିଥିଲେ। ଏହା ଶରୀରର ଅନ୍ୟାନ୍ୟ ଅଙ୍ଗକୁ ପ୍ରଭାବିତ ହୋଇଛି କି ନାହିଁ ଜାଣିବା ପାଇଁ ସମ୍ପୂର୍ଣ୍ଣ ଶରୀର ଓ ପେଟ୍ ସିଟି ସ୍କାନ୍ କରାଯାଇଥିଲା। ପେଟ୍ ସିଟି ସ୍କାନ୍ ରିପୋର୍ଟରେ ପେଟ ମଧ୍ୟରେ ଗଲବ୍ଲାଡର ଏବଂ ପାନ୍‌କ୍ରିଆସ୍‌ରେ କ୍ୟାନସର ଥିବା ଜଣାପଡ଼ିଥିଲା,ଯାହାର ତୁରନ୍ତ ଚିକିତ୍ସା କରିବାର ଆବଶ୍ୟକତା ରହିଥିଲା। ମହିଳାଙ୍କ ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲର ଅଭିଜ୍ଞ ପେଟ କ୍ୟାନସର ବିଶେଷଜ୍ଞ ଗ୍ୟାଷ୍ଟ୍ରୋ ସର୍ଜନ ଡା. ଜ୍ୟୋତିର୍ମୟ ଜେନା ଅଙ୍କୋ ସର୍ଜନ ଡା. ନୀତୀଶ ଆଚାର୍ଯ୍ୟ ଏବଂ ମେଡିକାଲ ଅଙ୍କୋଲୋଜିଷ୍ଟ୍ ଡା. ସଚିନ୍ ଶେଖର ବିଶ୍ୱାଳଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା।

**ପ୍ୟାନ୍ ୨.୦ ଆଣିଲେ ସରକାର**

# କ୍ୟୁଆର କୋଡ୍ ରହିଲେ ବନ୍ଦ ହୋଇଯିବ ପୁରୁଣା କାର୍ଡ!

ନୂଆଦିଲ୍ଲୀ,୨୬।୧୧: ଭାରତ ସରକାର ପାନ୍ କାର୍ଡ ପାଇଁ ନୂତନ ପ୍ୟାନ ୨.୦ ଯୋଜନା ଆଣିଛନ୍ତି, ଯେଉଁଥିରେ କ୍ୟୁଆର କୋଡ୍ ଥିବା ପାନ କାର୍ଡ ମାଗଣାରେ ଅପଗ୍ରେଡ୍ ହେବ। ଆନୁମାନିକ ୧,୪୩୫ କୋଟି ଟଙ୍କା ବ୍ୟୟରେ ଏହି ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ଯୋଜନା କେନ୍ଦ୍ର କ୍ୟାବିନେଟରୁ ମଧ୍ୟ ଅନୁମୋଦନ ଲାଭ କରିଛି। ଏଠାରେ ଆମେ ଆପଣଙ୍କୁ ଏହି ଯୋଜନା ବିଷୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ସହ ଏହାର ଲାଭ ବିଷୟରେ ମଧ୍ୟ ଆପଣଙ୍କୁ କହିବାକୁ ଯାଉଛୁ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଭାରତ ସରକାର ପ୍ୟାନ ୨.୦ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏହା ଭାରତର ପାନ୍ ସିଷ୍ଟମର ଏକ ଉନ୍ନତ ସଂସ୍କରଣ ହେବ, ଯାହା ବ୍ୟବସାୟ ତଥା ନାଗରିକ କେନ୍ଦ୍ରିକ କାର୍ଯ୍ୟ ପରିଚାଳନାକୁ ସହଜ କରିବ। ଅର୍ଥାତ ଏହି ଯୋଜନା ଆରମ୍ଭ ହେବା ପରେ, ଆପଣଙ୍କର ବର୍ତ୍ତମାନର ପାନ୍ କାର୍ଡ ବନ୍ଦ ହେବ ନାହିଁ ବରଂ ଏହା ଅପଗ୍ରେଡ ହେବ।

ଆୟକର ବିଭାଗ ଦ୍ୱାରା ଜାରି କରାଯାଇଥିବା ଦଶ ଅଙ୍କ ବିଶିଷ୍ଟ ଆଲଫାନୁମେରିକ୍ ଆଇଡେଣ୍ଟିଫାୟାର( ସ୍ଥାୟୀ ଆକାଉଣ୍ଟ ନମ୍ବର (ପାନ)) ଅପଗ୍ରେଡ୍ ହେବାକୁ ଯାଉଛି ବୋଲି ବ୍ୟାଙ୍କବାଜାର୍ ଡଟ୍ କମ୍ ସିଇଓ ଆଦିଲ ଶେଟ୍ଟୀ କହିଛନ୍ତି। ପୁରୁଣା ପ୍ରଣାଳୀକୁ ଆଧୁନିକୀକରଣ କରିବା ଏବଂ ନାଗରିକ ତଥା ବ୍ୟବସାୟକୁ ପ୍ରଭାବଶାଳୀ କର ସେବା ଯୋଗାଇବା ପାଇଁ ସରକାର ପ୍ୟାନ ୨.୦ କୁ ଅନୁମୋଦନ କରିଛନ୍ତି। ଏହି ନୂତନ ପଦକ୍ଷେପ ପାନ୍ ସେବାଗୁଡିକର କାର୍ଯ୍ୟଶୈଳୀରେ ବଡ଼ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ପ୍ୟାନ ୨.୦ ସହିତ, କରଦାତାମାନେ




ସେମାନଙ୍କର ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ କମ୍ ଅପେକ୍ଷା ସମୟ, ପ୍ଲାଟଫର୍ମଗୁଡିକ ମଧ୍ୟରେ ନିରନ୍ତର ସୂଚନା ଏବଂ ଉନ୍ନତ ସୁରକ୍ଷା ପଦକ୍ଷେପଗୁଡିକ ଆଶା କରିପାରନ୍ତି। ଏହା ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଯାହାଦ୍ୱାରା ଦେଶରେ ଟିକସ ପରିଚାଳନାକୁ ସରଳ ଏବଂ ଅଧିକ ପ୍ରଭାବଶାଳୀ କରିବା ପାଇଁ ପରିକଳ୍ପନା କରାଯାଇଛି।

ପ୍ୟାନ ୨.୦ ପଦକ୍ଷେପ ହେଉଛି ଉନ୍ନତ ଡିଜିଟାଲ ଏକୀକରଣ ପାଇଁ କ୍ୟୁଆର କୋଡ୍‌ର ପରିଚୟ ସହିତ ପାନ କାର୍ଡର କାର୍ଯ୍ୟକାରିତାକୁ ବଢ଼ାଇବା ପାଇଁ ଡିଜାଇନ ହୋଇଥିବା ଏକ ଅପଗ୍ରେଡ। ଏହାର ଅର୍ଥ ପ୍ୟାନ କାର୍ଡରେ କ୍ୟୁଆର କୋଡ୍ ମଧ୍ୟ ଉପଲବ୍ଧ ହେବ। ଏହି ଅପ୍‌ଗ୍ରେଡ୍ ବର୍ତ୍ତମାନର ପାନ କାଡର୍ର ବୈଧତା ଉପରେ ପ୍ରଭାବ ପକାଇବ ନାହିଁ। ଅର୍ଥାତ ଆପଣଙ୍କର ପୁରୁଣା କାର୍ଡ ମଧ୍ୟ ପୂର୍ବ ପରି ବୈଧ ରହିବ। ସରକାରୀ ସଂଗଠନର ସମସ୍ତ ଡିଜିଟାଲ ସିଷ୍ଟମରେ ପାନ୍‌କୁ ଏକ ସାଧାରଣ ପରିଚାୟକ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

କାରଣ ଏହି ଯୋଜନା ବର୍ତ୍ତମାନର ପାନ୍ କାର୍ଡକୁ କେବଳ ଅପଗ୍ରେଡ୍ କରିବ, ଏହାକୁ ବନ୍ଦ କରିବ ନାହିଁ । ଟିକସଦାତାମାନଙ୍କୁ ଏହି ନୂତନ ପାନ କାର୍ଡ ପାଇଁ ଆବେଦନ କରିବାକୁ ପଡ଼ିବ ନାହିଁ। ଯଦି ଆପଣଙ୍କର ପୂର୍ବରୁ ଏକ ପାନ୍ କାର୍ଡ ଅଛି, ତେବେ ଆପଣଙ୍କୁ ଏହାକୁ ଏକ କ୍ୟୁଆର କୋଡ୍-ସକ୍ଷମ ପାନ୍ କାର୍ଡରେ ଅପ୍‌ଡେଟ୍ କରିବାକୁ ପଡିବ। ଏହାଛଡ଼ା ଆପଣ ଆପଣଙ୍କର ବର୍ତ୍ତମାନର ପାନ୍ କାର୍ଡକୁ ଆର୍ଥିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିପାରିବେ - ଟିକସ ଦେୟ, ଟିଡିଏସ / ଟିସିଏସ୍ କ୍ରେଡିଟ, ଆୟ ରିଟର୍ଣ୍ଣ, ନିର୍ଦ୍ଦିଷ୍ଟ କାରବାର ଆଦି କ୍ଷେତ୍ରରେ। କହିରଖୁଛୁ, ଭାରତରେ ପ୍ରାୟ ୮୦ କୋଟି ଲୋକଙ୍କ ପାଖରେ ପାନ୍ କାର୍ଡ ଅଛି ଏବଂ ସେମାନେ ଏହାକୁ ବିଭିନ୍ନ ଆର୍ଥିକ କାରବାର ପାଇଁ ବ୍ୟବହାର କରନ୍ତି। ନୂତନ ପାନ୍ କାର୍ଡରେ ଏକ କ୍ୟୁଆର କୋଡ ରହିବ। ଏଥିପାଇଁ ଆପଣ ଅଫିସିଆଲ ୱେବସାଇଟ- onlineservices.nsdl.com ରେ ଆବେଦନ କରିବାକୁ ସମର୍ଥ ହେବେ। ପ୍ୟାନ ୨.୦ ଯୋଜନା ବର୍ତ୍ତମାନ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଏହାର ଅର୍ଥ ଏହି ଯୋଜନା ଆରମ୍ଭ କରିବାକୁ ସମୟ ଲାଗିପାରେ। କିନ୍ତୁ ସରକାର ଏହାର ଅନେକ ସୁବିଧା ବିଷୟରେ କହିଛନ୍ତି। ପ୍ୟାନ ୨.୦ ପ୍ରୋଜେକ୍ଟ ଟିକସଦାତାଙ୍କୁ ଏକାଧିକ ସୁବିଧା ପ୍ରଦାନ କରିବ, ଯାହା କେବଳ ଅପଗ୍ରେଡ୍ ନୁହେଁ ବରଂ ଡିଜିଟାଲ ଇଣ୍ଡିଆ ଆନ୍ଦୋଳନର ଏକ ପ୍ରମୁଖ ପଦକ୍ଷେପ ହେବ। ଏହା ବ୍ୟତୀତ ସେବା ଶୀଘ୍ର କରାଯାଇପାରିବ। ପ୍ୟାନ ୨.୦ ଯୋଜନା ମଧ୍ୟ ସୁରକ୍ଷିତ ବୋଲି କୁହାଯାଉଛି। ଏହାର ଅର୍ଥ, ଉନ୍ନତ ସିଷ୍ଟମ ସହିତ, ଆପଣଙ୍କର ତଥ୍ୟ ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ଏବଂ ଚମତ୍କାର ହେବ।

# କପ୍ତିପଦା ଉପଖଣ୍ଡ ପାଇଁ ଗଡ଼ିଲା କୃଷକ ସଚେତନତା ରଥ




**ଉଦଳା, ୨୬।୧୧ (ସଂଚାର ବ୍ୟୁରୋ) :** ଗଡ଼ିଲା କୃଷକ ସଚେତନତା ରଥ । କୃଷକମାନଙ୍କ ଉଦେଶ୍ୟରେ ଏହି ରଥର ହୋଇଛି ଶୁଭାରମ୍ଭ । ଚଳିତ ବର୍ଷ ଖରିଫ ଋତୁ ନିମନ୍ତେ ସରକାରଙ୍କ ତରଫରୁ ଧାନ କିଣାଯିବା ପାଇଁ ସୂଚନା ପ୍ରଦାନ କରାଯିବା ଉଦେଶ୍ୟରେ ଆଜି ଉଦଳା ଠାରେ କପ୍ତିପଦା ଉପଖଣ୍ଡ ପାଇଁ ଗଡିଛି ଏହି ସଚେତନତା ରଥ । ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଡିସେମ୍ବର ୨୪ ରୁ ଚାଷୀଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ । ତେଣୁ ଚାଷୀ ମାନେ ଏଫଏକ୍ୟୁ ମାନର ଧାନ ଆଣି ଲ୍ୟାମ୍ପସ ଦ୍ୱାରା ଖୋଲାଯାଇଥିବା ମଣ୍ଡିରେ ଧାନ ପ୍ରଦାନ କରିପାରିବେ । ଏହା ସହିତ ଧାନର ମାନ ଉନ୍ନତ ମାନର ରଖିବା ସହିତ ଧାନ କିପରି ଅଗାଡି ମୁକ୍ତ କରି ଆଣି ମଣ୍ଡିରେ ଦେଇ ସରକାରଙ୍କ ତରଫରୁ ଧାର୍ଯ୍ୟ ଉପଯୁକ୍ତ ମୂଲ୍ୟ ପାଇପାରିବେ ସେ ନେଇ ଏହି ରଥ ଜରିଆରେ ଚାଷୀ ମାନେ ସୂଚନା ପାଇପାରିବେ । ଚାଷୀମାନେ ଦଲାଲଙ୍କ କବଳରୁ ବଞ୍ଚିବା ସହିତ ଧାନ ବିକ୍ରି କରିବାରେ ଯେପରି କୌଣସି ସମସ୍ୟା ନ ହେବ ସେଥିନେଇ ପ୍ରତି ପଞ୍ଚାୟତ ସ୍ତରରେ ସଚେତନତା ରଥ ପରିକ୍ରମା କରିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ । ତେବେ ବିଭିନ୍ନ ଧାନ ମଣ୍ଡିରେ କିଛି କୁଚକ୍ରୀ ଦଲାଲ ମାନେ କେଉଁଭଳି ଚାଷୀ ଙ୍କୁ ନଠକିବେ ସେ ନେଇ ସ୍ପେସାଲ ଟାର୍କଫୋର୍ସ ଗଠନ ହୋଇଛି ।

## ସମ୍ବିଧାନ ଦିବସ ପାଳନ ଓ ତହସିଲଦାରଙ୍କୁ ଦାବିପତ୍ର

**ଗାଇସିଲେଟ, ୨୬।୧୧ (ସଂଚାର ବ୍ୟୁରୋ) :** ଆଜି ଜୟ ଭାରତୀ ଶ୍ରମିକ ସଙ୍ଘ ଗାଇସିଲେଟ ଠାରେ ରାଜବୋଡା ସମ୍ବର କୃଷକ ସଂଗଠନ ଓ ଜୟ ଭାରତୀ ଶ୍ରମିକ ସଙ୍ଘ ଗାଇସିଲେଟ ବ୍ଲକ ତରଫରୁ ସମ୍ବିଧାନ ଦିବସ ପାଳନ କରାଯଇଥିଲା । ପ୍ରଥମେ ଡ଼ଃ ଆମ୍ବେଦକରଙ୍କ ଫୋଟୋରେ ପୁଷ୍ପ ମାଲ୍ୟ ଓ ଦୀପ ଜାଳି ପୂଜା କରାଯାଇଥିଲା।



ଆମ ଗଣତାନ୍ତ୍ରିକ ଦେଶରେ ସମ୍ବିଧାନର ଗଠନ ଓ କାର୍ଯ୍ୟକାରୀତା ଉପରେ ଆଲୋଚନା କରାଯାଇଥିଲା। ପରେ ଦିଲ୍ଲୀ ସଂଯୁକ୍ତ କିସାନ ମୋର୍ଚ୍ଚା ଆହ୍ୱାନରେ ରାଜ ବୋଡା ସମ୍ବର କୃଷକ ସଂଗଠନ ଗାଇସିଲେଟ ବ୍ଲକ ତରଫରୁ ଏମ ଏସ ପି ଲାଗୁ, ସମସ୍ତ ଚାଷ ଉପରେ ବିକ୍ରି ବ୍ୟବସ୍ଥା ଓ ମୂଲ୍ୟ ନିର୍ଦ୍ଧାରଣ, ବିଦ୍ୟୁତ ବିଲ ଛାଡ଼, ଗ୍ୟାରେଣ୍ଟି କାର୍ଡ ଲାଗୁ ,ଶ୍ରମିକ ପାଉଣା ବୃଦ୍ଧି ଓ ଅନେକ ଦାବୀ ନେଇ ଗାଇସିଲେଟ ତହସିଲଦାର ଟିଟସ ମହାନନ୍ଦିଆଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସଭାପତି ଅରବିନ୍ଦ ପଣ୍ଡା, ଆବାହକ ବୀରେନ୍ଦ୍ର ପଧାନ, ସମ୍ପାଦକ ଗଜପତି ସାହୁ, କୋଷାଧକ୍ଷ ଆନନ୍ଦ ପଧାନ, ଉପଦେଷ୍ଟା ଉପେନ୍ଦ୍ର କାଲୋ, ହୃଷିକେଶ ସାହୁ, ବେଟିଖାଇ ବରିହା,ପ୍ରସନ୍ନ କୁମ୍ଭାର, ଗୁପ୍ତେଶ୍ୱର ସାହୁ ପ୍ରମୁଖ ସାମିଲ ଥିଲେ।

## ବିକାଶ ଖୋଜୁଛି ଆଦିବାସୀ ଗାଁ ଚାଚା

# ଆଜି ବି ଡିବିରି ଆଲୁଅ ଭରସା

**କଳାହାଣ୍ଡି, ୨୬।୧୧ (ସଂଚାର ବ୍ୟୁରୋ) :** ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ବିଜେପୁର ପଞ୍ଚାୟତ ଅଧୀନସ୍ଥ ଚାଚା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ। ଶହେ ବର୍ଷ ହେଲା ଏହି ଗାଁ ଉପେକ୍ଷିତ ହୋଇ ରହିଛି। ଏହି ଗାଁରେ ୬୫ ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ବିଜେପୁର ପଞ୍ଚାୟତ ଅଫିସରୁ ଏହି ଗାଁ ମାତ୍ର ୧୦ କିମି ଦୂର। ଏହି ଗାଁରେ ପାନୀୟ ଜଳ ଘୋର ସଙ୍କଟ ଲାଗି ରହିଥିବା ବେଳେ ଏବେବି ବିଜୁଳି ନାହିଁ । ଏହି ଗାଁର ଲୋକେ ଡିବିରି ଆଲୁଅ ଉପରେ ଭରସା କରୁଛନ୍ତି। ଗାଁରେ ନଳକୂଅଟିଏ ଅଛି ସେଥିରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଫଳରେ ଲୋକେ ଗାଁ ନିକଟରେ ଥିବା ଝରଣାରୁ ପାଣି ସଂଗ୍ରହ କରି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି ।

ଗାଁର ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ପରେ ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ନିର୍ବାଚନ ପୂର୍ବରୁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ତତ୍କାଳୀନ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସ୍ଥାନୀୟ ସରପଞ୍ଚ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀମାନେ ଗାଁରେ ପହଞ୍ଚି ଥିଲେ। ଦୀର୍ଘ ବର୍ଷ ପରେ ଗାଁରେ ବିଧାୟକଙ୍କ ପାଦ ପଡିବା ପରେ ଲୋକଙ୍କ ମଧ୍ୟରେ ନୂତନ ଆଶାର ସଂଚାର ହୋଇଥିଲା । ଗାଁର ବିଜୁଳି ଓ ପାନୀୟ ଜଳର ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପାନୀୟ ଜଳ ଯୋଗାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବିଦ୍ୟୁତୀକରଣ ପାଇଁ ଗାଁ ମୁଣ୍ଡରେ ବିଦ୍ୟୁତ ଖୁଣ୍ଟ ଆଣି ରଖାଯାଇଥିଲା। ସାଧାରଣ ନିର୍ବାଚନ ପରେ ଗାଁ ମୁଣ୍ଡରେ ପଡିଥିବା ବିଦ୍ୟୁତ ଖୁଣ୍ଟକୁ ବିଭାଗ ପକ୍ଷରୁ ନେଇ ଯାଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।

ପାଣି ଟାଙ୍କି ନିର୍ମାଣ ମନ୍ଥର ଚାଲିଥିବା ବେଳେ ଏବେ ବି ଚାଚା ଗାଁବାସୀ ଦୂଷିତ ପାନୀୟ ଜଳ ବ୍ୟବହାର କରୁଛନ୍ତି । ବିଜୁଳି ନ ଥିବା ଯୋଗୁଁ



### ପ୍ରତିଶ୍ରୁତି ଦେଇ ଠକିଲେ ପ୍ରଶାସନ ଓ ନେତା

### ସମସ୍ୟା ସମାଧାନ ନ ହେଲେ ରାସ୍ତାକୁ ଓଲ୍ଲାଇବେ ଗ୍ରାମବାସୀ

ଛାତ୍ରଛାତ୍ରୀମାନେ ଡିବିରି ଆଲୁଅରେ ପାଠ ପଢୁଛନ୍ତି। ଗାଁରେ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଭଲ ପାଠ ପଢ଼ା ଯାଉନଥିବା ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ମଧ୍ୟ ଗାଁର ୫ରୁ ୧୦ ବର୍ଷ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ପିଲା ସ୍କୁଲରେ ନାମ ନ ଲେଖାଇ ଘରେ ଅଛନ୍ତି। ଆଜିକୁ ବର୍ଷେ ହେଲା ରାଜନେତା ଓ ପ୍ରଶାସନିକ ଅଧିକାରୀ ଗାଁକୁ ଆସି ସମସ୍ୟାକୁ ନେଇ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯିବା ସହ ଆମକୁ ଠକି ଦେଲେ ବୋଲି ପ୍ରକାଶ କରିଛନ୍ତି ଚାଚା ଗ୍ରାମବାସୀ।ତେଣୁ ଆଗାମୀ ଦିନରେ ଏହାର କୌଣସି ସମାଧାନ ନହେଲେ ଆମେ ରାଜରାସ୍ତାକୁ ଓଲ୍ଲାଇ ବିଜେପୁର-ବିଶ୍ୱନାଥପୁର ମୁଖ୍ୟ ରାସ୍ତା ଉପରେ ଧାରଣା ଦେବୁ ବୋଲି ଗଣମାଧ୍ୟମ ସମ୍ମୁଖରେ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲ୍ଲାସ୍ତରୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଚା ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ

**ନବରଙ୍ଗପୁର, ୨୬।୧୧ (ସଂଚାର ବ୍ୟୁରୋ) :** ସମ୍ବିଧାନ ଦିବସ ଅବସରରେ ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ , ପାରା ଲିଗାଲ ସଦସ୍ୟ, ଆଇନଜୀବି ପ୍ରମୁଖ ଭାଗ ନେଇଥିଲେଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ଭାରପ୍ରାପ୍ତ ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା ପ୍ରଥମେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା ସମସ୍ତଙ୍କୁ ସମ୍ବିଧାନ ର ମୁଖବନ୍ଧ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ର ଯୋଗଦାନ କରିଥିଲେ ପରିବାର ବିଚାରବିଭାଗୀୟ ଜର୍ଜ ଶ୍ରୀମତୀ ଲିଲିପ୍ସା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ ଶ୍ରୀମତୀ ମୋନିତା ତ୍ରିପାଠୀ ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରଜ୍ଞା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀଯୁକ୍ତ ରାଜେଶ କୁମାର ମିଶ୍ର, ଆଇନଜୀବି ସଂଘର ସଭାପତି ଶ୍ରୀଯୁକ୍ତ ନରସିଂହନାଥ ତ୍ରିପାଠୀ , ସମ୍ପାଦକ ଶ୍ରୀଯୁକ୍ତ ତପନ କୁମାର ସିଂହ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ ଏବଂ ଆଇନଜୀବି ମାନଙ୍କୁ ଅନୁରୋଧ କରିଥିଲେ ଲୋକଙ୍କ ଅସୁବିଧାକୁ ନ୍ୟାୟପାଳିକାଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ, ତେବେ ହେଲେ ସମ୍ବିଧାନ ଦିବସର ମର୍ଯ୍ୟାଦା ରହିବ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା ଏହି ଶିବିର ପରିଚାଳନା କରିଥିଲେ।



# ଯନ୍ତ୍ରୀଙ୍କ ବଦଳି ପରେ ଖୋଲୁଛି ଦୁର୍ନୀତିର ଗୁମର

**ରାୟଗଡା, ୨୬।୧୧ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଯନ୍ତ୍ରୀ ଦୀପକ କୁମାର ନାୟକଙ୍କ କାର୍ଯ୍ୟକାଳ ସମୟରେ ଘଟିଥିବା ଅନିୟମିତତାର ସୂତ୍ର ତାଙ୍କ ବଦଳି ପରେ ଖୋଲୁଥିବାର ଖବର ମାଧ୍ୟମରେ ସାମ୍ନାକୁ ଆସୁଛି। ମନରେଗା ପ୍ରକଳ୍ପରେ ହୋଇଥିବା ଏହି ଦୁର୍ନୀତି ଏବେ ବିଭାଗୀୟ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି। ଏଭଳି ଅଭିଯୋଗ ଅଛି ଯେ ଚାଟିକଣା ପଞ୍ଚାୟତ ଅଞ୍ଚଳରେ ନୂତନ ରେଳ ଲାଇନ କାମକୁ ମନରେଗା ଠାରୁ ଦର୍ଶାଇ ଟଙ୍କା ଆତ୍ମସାତ କରାଯାଇଥିଲା। ଏହି ଅଞ୍ଚଳର ଆଉ ଅନେକ ପ୍ରକଳ୍ପରେ କାମ ନ ହୋଇ ମାତ୍ର ଟଙ୍କା ହେରଫେର କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ବିଶେଷ ଭାବରେ ବିଭିନ୍ନ ୱାର୍କ କୋଡ୍‌ରେ ଥିବା ଦୁର୍ନୀତିର ତଥ୍ୟ ଭଲ ଭାବେ ପ୍ରମାଣ ମିଳିଛି। ମଧ୍ୟରାତି ସୁଖିଲା ପ୍ରକଳ୍ପ ଠାରୁ ଲେବର ଏବଂ ମେଟେରିଆଲ ଟଙ୍କାର ଜାଲି ଚିନ୍ତା ଆଣିଛି। ଯନ୍ତ୍ରୀଙ୍କ ବଦଳି ପରେ ମଧ୍ୟ ଏହି ଅଭିଯୋଗ ସଫଳ ହେବ ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ଖୋଦ ବିଷମକଟକ ବିଧାୟକ ମଧ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ନେଇ ଉଦବେଗ ପ୍ରକାଶ କରିଥିଲେ। ବିଡିଓ ସଦାଶିବ ନାୟକ କହିଛନ୍ତି ଯେ ତଦନ୍ତ ପରେ ସମସ୍ତ ସତ୍ୟ ସାମ୍ନାକୁ ଆସିବ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ। ବୁଦ୍ଧିଜୀବୀ ମହଲର ଦାବି ହେଉଛି ଯେ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଏବଂ ଅଭିଲେଖ ରେ ଘଟିଥିବା ଅନିୟମିତତା ମୂଲ୍ୟାଙ୍କନ କରାଯାଇବା ଉଚିତ। ବିଷମକଟକ ପଞ୍ଚାୟତ ସମିତିର ଏହି ଘଟଣା ଦୂର୍ନୀତି ବିରୋଧୀ ମୁହିମାକୁ ଏକ ନୂଆ ମୋଡ୍ ଦେଇଛି।



# ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ପାଇଁ ପ୍ରସ୍ତୁତି ଜୋରଦାର



**କୋଣାର୍କ, ୨୬।୧୧ (ସଂଚାର ବ୍ୟୁରୋ) :** ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସମୁଦ୍ର ବେଳାଭୂମିରେ ହେବାକୁ ଥିବା ୧୪ ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ପର୍ଯ୍ୟାୟ ଜୋରଦାର ଚାଲିଛି। ଏହି ବାଲୁକା କଳା ଉତ୍ସବ ରେ ଚଳିତ ବର୍ଷ ବ୍ରିଟେନ, ପର୍ତ୍ତୁଗାଲ, ମେକ୍ସିକୋ, ରୁଷିଆ, ଜାପାନ, ସ୍ପେନ୍ ଏବଂ ଶ୍ରୀଲଙ୍କା ପରି ୭ ଗୋଟି ଦେଶ ର ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ଙ୍କ ସମେତ ଓଡିଶା ବାହାରର ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କୋଲକତା,ଗୁଜୁରାଟ, ଝାଡଖଣ୍ଡ, ଉତ୍ତରପ୍ରଦେଶ ପରି ୭ ରାଜ୍ୟର ୧୦ ଜଣ ଜାତୀୟସ୍ତରରେ ପ୍ରତିଷ୍ଠିତ ବାଲୁକା ଶିଳ୍ପୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ବାଲୁକା କଳା ମହୋତ୍ସବରେ ୧୦୦ଜଣ ବାଲୁକା ଶିଳ୍ପୀ ଯୋଗଦାନ କରି ସେମାନଙ୍କ ବାଲୁକା କଳା ନିର୍ଦ୍ଧାରିତ କରାଯାଇଥିବା ୩୫ ଗୋଟି ଷ୍ଟଲ ମଧ୍ୟରେ ୫ ଦିନ ଧରି ବିଭିନ୍ନ ବାଲୁକା କଳାକୃତି ପ୍ରଦର୍ଶନ କରିବେ ବୋଲି ମହୋତ୍ସବର ବ୍ରାଣ୍ଡ ଆମ୍ବାସଡ଼ର ତଥା ଲଳିତ କଳା ଏକାଡ଼େମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାକୁକାକଳା ଉତ୍ସବକୁ ସାଧାରଣ ଲୋକଙ୍କ ଦେଖିବା ନିମନ୍ତେ ପୁରୀ, କୋଣାର୍କ, ଭୁବନେଶ୍ୱରର ନିର୍ଦ୍ଧାରିତ ୭ଟି ସ୍ଥାନରେ ବଡ ବଡ ଏଲଇଡି ସ୍କ୍ରିନ ମାଧ୍ୟମରେ ଲାଇଭ ଟେଲିକାଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି। ବାଲୁକା କଳା ଉତ୍ସବକୁ ଚଳିତ ବର୍ଷ ଭୁବନେଶ୍ୱର ଇଭେଣ୍ଟ ସଂସ୍ଥା ସେଭେନ୍ଥ ଆଭିନ୍ୟୁ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ସାଜସଜ୍ଜା ଓ ପରିଚାଳନା ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୯ ତାରିଖ ଭିତରେ ସମ୍ପୂର୍ଣ୍ଣ କାର୍ଯ୍ୟ ସାରି ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସଂସ୍ଥା ପକ୍ଷରୁ ସୁଚନା ଦିଆଯାଇଛି।

# ନୟାଗଡ଼ ସହରରେ ମୁକୁଳା ଡ୍ରେନ

**ନୟାଗଡ଼, ୨୬।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ସହରରେ ବିଭିନ୍ନ ସାହି ଗଳିରେ ଡ୍ରେନ ଉପରେ କଭର ନାହିଁ ସେଥିପାଇଁ ନୟାଗଡ଼ରେ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଦେଖିବାକୁ ମିଳୁଛି। ରାଜ୍ୟରେ ଏହି ମୁକୁଳା ଡ୍ରେନ ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଜୀନବନହାନୀ ହୋଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରର ଦେବୋତ୍ତର କଲୋନୀ ପଞ୍ଚମ ଲେନରେ ଏହିପରି ଏକ



ଖୋଲା ଡ୍ରେନ ବହୁଦିନ ହେଲା ତିଆରି ହୋଇଛି। କିନ୍ତୁ ସେଥିରେ କଭର ନାହିଁ ସେହି ଡ୍ରେନ ପାଖରେ ଶିଶୁ ଉଦ୍ୟାନ ଓ ଏକ କଲ୍ୟାଣ ମଣ୍ଡପଟିଏ ଅଛି। ସେହି ଶିଶୁ ଉଦ୍ୟାନକୁ ପ୍ରତ୍ୟେକ ଦିନ ଶିଶୁମାନେ ବୁଲିବାକୁ ଆସନ୍ତି। ଏହି ଖୋଲା ଡ୍ରେନରେ କଭର ପକାଇବା ପାଇଁ ନୟାଗଡ଼ର ବୁଦ୍ଧିଜୀବି ଓ ଜନସାଧାରଣ ନୟାଗଡ଼ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଗନ୍ଧମାର୍ଦ୍ଦନର ସୁରକ୍ଷା ଦାବିରେ ଗଣଧାରଣା



**ଖପ୍ରାଖୋଲ, ୨୬।୧୧ (ସଂଚାର ବ୍ୟୁରୋ) :** ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ତରଫରୁ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ଦାବୀରେ ସୋମବାର ଗଣଧାରଣା ଆରମ୍ଭ ହୋଇ ଯାଇଛି। ଏହି ଅବସରରେ ପ୍ରଥମେ ଆନ୍ଦୋଳନକାରୀ ମାନେ ସ୍ଥାନୀୟ ଥାନା ଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରା ରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ । ଗନ୍ଧମାର୍ଦ୍ଦନ ପାହାଡ଼ର ଚାରି ପଟରେ ଏକ ନିର୍ଦ୍ଦିଷ୍ଟ ଅଣ ଓଡ଼ିଆ କମ୍ପାନୀ ଜମି ଅଧିଗ୍ରହଣ କରିଥିବା ନେଇ ଜନ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଗନ୍ଧମାର୍ଦ୍ଦନ ପାହାଡର ଚତୁପାର୍ଶ୍ୱରେ ବସବାସ କରୁଥିବା ଜନ ସାଧାରଣ କମ୍ପାନୀର ଏହି ଜମି ଅଧିଗ୍ରହଣକୁ ନେଇ ଭୟଭୀତ ହେବା ସହ କାଲେ କମ୍ପାନୀ ଗନ୍ଧମାର୍ଦ୍ଦନ ପାହାଡକୁ ଖଣି ଖନନ ପାଇଁ ଜମି ଅଧିଗ୍ରହଣ କରୁଛି ବୋଲି ସନ୍ଦେହ କରିଛନ୍ତି । ଏହାକୁ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସରକାରଙ୍କ ସ୍ପୋଷ୍ଟକ୍ତି ସହିତ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବୀ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ ଗଣଧାରଣା ଦେବା ସହିତ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୁଜାରୀ, ଯୁଗ୍ମ ଆବାହକ ଅନନ୍ତ ବାରିକ, ଟେକେନ୍ଦ୍ର ଜାଲ, କ୍ଷମାନିଧି ଭୋଇ, ରଘୁନାଥ ସିଂ ବରିହା, ଶଶିରେଖା ଧରୁଆ, ଯଶୋବନ୍ତ ବରିହା, କୁଶଧ୍ୱଜ ମାଝୀ, ସୁଶୀଲ ନାଏକ, ନୀଳମାଧବ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରୁ ରାଜକୁମାର ସେଠ, ଡାଇମଣ୍ଡ ଭୁଏ, ପ୍ରଶାନ୍ତ ମାଝୀ, ସଞ୍ଜୀବ ବରିହା, ମୋହନ ଜଗତ, କ୍ଷେତ୍ର ଲୁହାର, ଧବଳେଶ୍ୱର ସାହୁ, ଗିରିଶ ଦଣ୍ଡସେନା, ନକୁଳ ବରିହା, ନରସିଂହ ବନଛୋର ପ୍ରମୁଖ ଏହି ଗଣଧାରଣାରେ ସାମିଲ ହୋଇଥିଲେ । ଆଜିକୁ ଦୁଇ ଦିନ ହେବ ଏପର୍ଯ୍ୟନ୍ତ ଆନ୍ଦୋଳନକାରୀ ମାନେ ଧାରଣାରେ ବସିଥିବା ଜଣାପଡିଛି । ସୂଚନା ଯୋଗ୍ୟ ପୂର୍ବରୁ ଉପ-ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଓ ବରଗଡ ଲୋକ ସଭା ସାଂସଦ ତଥା ବରିଷ୍ଠ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ନେତା ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡ ରେ ଖଣି ଖନନ ହେବାକୁ ଦିଆଯିବ ନାହିଁ ବୋଲି କହିସାରିଛନ୍ତି। ସେହିପରି ବଲାଙ୍ଗିର ଡିଏଫ୍‌ଓ ଅଣ ଓଡ଼ିଆ କମ୍ପାନୀ ର ଜମି କିଣା କମ୍ପାନି ର କ୍ଷତିପୂରକ ବଣିକରଣ ହେବ ବୋଲି ଗଣମାଧ୍ୟାମ କୁ ପୂର୍ବରୁ ସୂଚନା ଦେଇଛନ୍ତି ।

## ଅନ୍ତଃରାଜ୍ୟ ବନ୍ଧୁକ କାରବାର ରାକେଟ ଠାବ, ୫ଗିରଫ

**ବରଗଡ, ୨୬।୧୧ (ସଂଚାର ବ୍ୟୁରୋ) :** ବରଗଡ ଟାଉନ ଥାନାରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ପି.ଏସ୍ ମୀନା ସୂଚନା ଦେଇଛନ୍ତି।ବରଗଡ଼ରେ ଦେଶୀ ବନ୍ଧୁକ କାରବାର ଚାଲିଥିବା ନେଇ ଖବର ମିଳିଥିଲା। ଫଳରେ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ସେଥିପ୍ରତି ନଜର ରଖିଥିଲା। ରବିବାର ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ବରଗଡ଼ ସହର ଉପକଣ୍ଠ ଜୀରାନଦୀ ପାର୍ଶ୍ୱ ଶ୍ମଶାନ ନିକଟରେ ଦେଶୀ ବନ୍ଧୁକ ସହିତ ରହିଥିବା ନେଇ ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ପୋଲିସ ଟିମ୍ ସେଠାକୁ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଦେଶୀ ବନ୍ଧୁକ, ଗୁଳି ଏବଂ ଅନ୍ୟ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଥିଲେ। ପୋଲିସ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିହାରର ସମସ୍ତିପୁର ଜିଲା ଦରିଆପୁର ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଜିଲ୍ଲା ସୋହେଲା ଡିପାପଡ଼ାରେ ରହୁଥିବା ରାଜେଶ ଚୌଧୁରୀ(୩୦), ବରପାଲି ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ର ରାଜଦୀପ ଚୌଧୁରୀ(୨୯), ସୋହେଲା ଥାନା ଧୂସରବାହାଲ ଗ୍ରାମର ବେଦବ୍ୟାସ ପ୍ରଧାନ, ବରଗଡ଼ ଟାଉନ ଥାନା ଖେଦାପାଲିର ସୁଧାଂଶୁ ମୁଗ୍ରୀ(୨୯) ଏବଂ ବରଗଡ଼ ଜିଲ୍ଲା ଭେଡ଼େନ ଥାନା ସଂକ୍ରୀଡ଼ା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ଠେଲକୋଲିରେ ର ପ୍ରମୋଦ ତାଣ୍ଡିଆ(୨୯)। ସେମାନଙ୍କ ପାଖରୁ ୫ ଦେଶୀ ବନ୍ଧୁକ(୭.୬୨ଏମଏମ), ୩୪ ଗୁଳି, ୭ ମୋବାଇଲ, ୧୦ ମାଗାଜିନ, ୩ ବାଇକ୍, ନଗଦ ୨୦୦୦ ଟଙ୍କା, ୩ ଛୁରୀ, ୨ ଲୁହାରଡ଼, ୫ ମାସ୍କ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ଗୋଟିଏ ଟର୍ଚ୍ଚ ଏବଂ ବାଉଁଶ ଲାଠି ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଦଫା ୩୧୦(୪), ୩୧୦(୫) ବିଏନଏସ୍ ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ-୬୬୦/୨୪) ରୁଜୁ ହୋଇଛି।



# ଶ୍ରମିକ-କୃଷକ ସଂଗଠନର ବିକ୍ଷୋଭ

**ନୟାଗଡ଼, ୨୬।୧୧ (ସଂଚାର ବ୍ୟୁରୋ):** ସମ୍ବିଧାନ ଦିବସରେ ଅଣ ସାମ୍ବିଧାନିକ କାର୍ଯ୍ୟ କଲେ ଜିଲ୍ଲାପାଳ। ସମ୍ବିଧାନର ନିତୀ ନିୟମକୁ ଭଙ୍ଗ କରିବା ସହ ସାମ୍ବାଦିକଙ୍କ କଣ୍ଠରୋଧ କଲାଭଳି ଭଳି କାର୍ଯ୍ୟ ଆଜି ସମସ୍ତଙ୍କ ଚକିତ କରିଛି। ନୟାଗଡ଼ର କିଛି ସାମ୍ବାଦିକ ଖବର ପରିବେଷଣ କରିବାକୁ ଯାଉଥିବା ବେଳେ ଜିଲ୍ଲାପାଳଙ୍କ ଚାମ୍ବରରୁ ଗେଟ ଆଉଟ କହି ତଡିଦେଇଥିବା ଭଳି ଦୃଶ୍ୟ ସମସ୍ତ ସାମ୍ବାଦିକଙ୍କ ମନରେ ଆଘାତ ଦେଇଛି।

ସୂଚନାନୁସାରେ, ଜିଲ୍ଲାପାଳଙ୍କ କେନ୍ଦ୍ର ମୋଦୀ ସରକାରର ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ କୃଷକ ସଂଗଠନ ଗୁଡିକ ତରଫରୁ ଶ୍ରମିକ, କୃଷକ ଓ ଜନଗଣ ଙ୍କର ୨୧ ଦଫା ଦାବୀକୁ ନେଇ ଦେଶ ବ୍ୟାପୀ ଆଜି ଚେତାବନୀ ସମାବେଶ ଡାକରା ଦିଆ ଯାଇଥିଲା ବେଳେ ନୟାଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୃଷକ-ଶ୍ରମିକଙ୍କ ଚେତାବନୀ ବିକ୍ଷୋଭ ସଂଗଠିତ ହୋଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି। ଆଜି ଦିନ ୧୨ ଘଟିକା ସମୟରେ ନୟାଗଡ଼ ପୂର୍ତ୍ତ ବିଭାଗ ବଙ୍ଗଳା ଠାରୁ ଶତାଧିକ ଶ୍ରମିକ କୃଷକଙ୍କ ମିଳିତ ଶୋଭା ଯାତ୍ରା ବାହାରି ନୟାଗଡ ବଜାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଥୀ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମାବେଶରେ ବକ୍ତାମାନେ ମୋଦୀ ସରକାରଙ୍କ ଶ୍ରମିକ, କୃଷକ, ଓ ଜନ ବିରୋଧୀ ନୀତି ଏବଂ ଆକାଶଛୁଆଁ ଦରବୃଦ୍ଧିକୁ ତୀବ୍ର ସମାଲୋଚନା କରିଥିଲେ। ଜନଗଣଙ୍କ ଦୁର୍ଦ୍ଦିନ ଅବସ୍ଥା ପାଇଁ ମୋଦୀ ସରକାରଙ୍କ ନୀତି ଦାୟୀ ବୋଲି ଅଭିଯୋଗ କରିଥିଲେ। କେନ୍ଦ୍ର ମୋଦୀ ସରକାରଙ୍କ ଶୀତକାଳିନ ପାର୍ଲ୍ୟାମେଣ୍ଟ ଅଧିବେଶନ ପରିପ୍ରେକ୍ଷିରେ ସରକାର ଚାଷୀଙ୍କୁ ଫସଲର ସର୍ବନିମ୍ନ ସାହାୟକ ମୂଲ୍ୟ, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ବାତିଲ, ମୂଲିଆଙ୍କୁ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଓ ଦୈନିକ ମଜୁରୀ ୬୦୦ ଟଙ୍କା, ଆକାଶ ଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ, ଆଶା, ପାଚିକା ଓ ଅଙ୍ଗନବାଡ଼ି ଭଳି ସ୍କିମ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଓ ସର୍ବନିମ୍ନ ଦରମା ମାସିକ ୨୬ ହଜାର ଟଙ୍କା, ସାମାଜିକ ସୁରକ୍ଷା, ନିର୍ମାଣ ଶ୍ରମିକଙ୍କୁ ଜିଲ୍ଲାରେ ପଞ୍ଜିକରଣ ଓ ସରକାରୀ ସାହାଯ୍ୟତା, କୃଷି ଋଣ ଛାଡ଼, ମାସିକ ୩୦୦୦ଟଙ୍କା ଭତ୍ତା ଓ ୩୦୦ ୟୁନିଟ ବିଦ୍ୟୁତ ଛାଡ଼ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବକ୍ତା ମାନେ ଦାବୀ କରିଥିଲେ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଆଗ୍ରୱାଲାଙ୍କୁ ଭେଟି ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଦେବା ସହ ସାମ୍ବାଦିକ ଓ ପ୍ରତିନିଧିମାନଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବାରୁ ଜିଲ୍ଲାପାଳ ଙ୍କ ଏତାଦୃଶ ସଂଯମ ହୀନ ବ୍ୟବହାର କୁ ସଂଗଠନ ତରଫରୁ ଦୃଢ଼ ନିନ୍ଦା କରାଯାଇଛି।




## ତହସିଲଦାରଙ୍କୁ ଦାବିପତ୍ର ଦେଲେ କୃଷକ ସଂଗଠନ

**ଭେଡେନ, ୨୬।୧୧ (ସଂଚାର ବ୍ୟୁରୋ) :** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭେଡେନ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଚାଷୀ ସମାଜର ବୃହତ୍ତର ସ୍ୱାର୍ଥ ସମ୍ବଳିତ ଏମ୍ ଏସ୍ ପି ଗ୍ୟାରେଣ୍ଟି କାନୁନ ଲାଗୁ, ଋଣଛାଡ଼, ପେନସନ ବ୍ୟବସ୍ଥା , ସ୍ମାର୍ଟ ମିଟର ପ୍ରତ୍ୟାହାର, କମ୍ପାନୀ କରଣ ବନ୍ଦ ଆଦି ୧୨ଦଫା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଚାଷୀ ପ୍ରତିନିଧି ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିରରୁ ଏକ ବାଇକ୍ ରେଲିରେ ବାହାରି ସହର ପରିକ୍ରମା ପୂର୍ବକ ତହସିଲ ଅଫିସରେ ପହଞ୍ଚିଥିଲେ। ସେଠାରେ ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼ର ଉପଦେଷ୍ଟା ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇ ଅନ୍ନଦାତାର ଜୀବନ ଓ ଜୀବିକାକୁ ସୁବ୍ୟବସ୍ଥିତ କରିବା ପାଇଁ ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟରତ ସଂଯୁକ୍ତ କିସାନ୍ ମୋର୍ଚ୍ଚା ନେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ସହିତ ଗତ ଖରିଫ୍ ୨୦୨୩ରେ ହୋଇଥିବା ମିଗଜୋମ୍ ବାତ୍ୟା ଜନିତ କ୍ଷତିପୂରଣ ସକାଶେ ବୀମା ଅର୍ଥ ଆଜି ପର୍ଯ୍ୟନ୍ତ ଅର୍ଦ୍ଧାଧିକ କ୍ଷତିଗ୍ରସ୍ତ ଚାଷୀଙ୍କୁ ରିଲାଏନ୍ସ କମ୍ପାନୀ ଦେଇ ନଥିବା ହେତୁ ସମଗ୍ର ଭେଡେନ ବ୍ଲକ ଅଞ୍ଚଳରେ ତା'ର ସଂପୃକ୍ତିରେ ହେଉଥିବା କ୍ରପ୍ କଟିଙ୍ଗ୍ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ତହସିଲଦାରଙ୍କୁ ଅନ୍ୟ ଏକ ଦାବିପତ୍ର ଦିଆଯାଇ ଶୀଘ୍ର ବକେୟା ରାଶି ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାଲାଗି ଜଣାଇଥିଲେ। ଅନ୍ୟଥା ଆସନ୍ତା ଡ଼ିସେମ୍ବର ୨୦ତାରିଖରେ ପୂର୍ବରୁ ସ୍ଥଗିତ ଥିବା ରେଳ ରୋକ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଥିଲେ। ଆଇନ୍ ପରାମର୍ଶଦାତା ନରେନ୍ଦ୍ର ଭୋଇଙ୍କ ସଂଯୋଜନାରେ ପରିଚାଳିତ ଏହି ସମାବେଶରେ ସଙ୍ଗଠନ ସଂପାଦକ ସୁଦାମ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ , ପ୍ରଭାତ ମିଶ୍ର ଓ ନନ୍ଦିଘୋଷ ମିଶ୍ର ପରବର୍ତ୍ତୀ ଆନ୍ଦୋଳନ ରଣନୀତି ସଂପର୍କରେ ଆଲୋଚନା କରିଥିଲେ। ଶେଷରେ ସୋମନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

